RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



'ଲଭ୍‌ଢ଼େଇ'ରେ ଅଭିଲିପ୍ସା
▶ପୃଷ୍ଠା ୧୧ ଦେଖନ୍ତୁ...

♦VOLUME- 43 ♦ISSUE-44 ♦THURSDAY ♦7 AUGUST 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୪୪ ♦ଗୁରୁବାର ♦୭ ଅଗଷ୍ଟ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

### ବାଲେଶ୍ୱର, ବଲାଙ୍ଗୀ ପରେ ପଟ୍ଟାମୁଣ୍ଡାଇ

# ନିଜକୁ ଜାଳିଦେଲେ ଆଉ ଜଣେ ଛାତ୍ରୀ



■ **ପଟ୍ଟାମୁଣ୍ଡାଇ, ୬।୮ (ସମିସ):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ବଲାଙ୍ଗୀରେ ଜଣେ ନାବାଳିକାଙ୍କୁ ପୋଡ଼ିବା ନେଇ ରାଜ୍ୟରେ ରୋଷର ନିଆଁ ଜଳୁଛି । ଏହି ସମୟରେ ପଟ୍ଟାମୁଣ୍ଡାଇରେ ଜଣେ କଲେଜ ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୁରୁଷ ବନ୍ଧୁର ଉତ୍ପୀଡ଼ନରେ ଅତିଷ୍ଠ ସମ୍ପୃକ୍ତ ଛାତ୍ରୀ ଏ ସଂକ୍ରାନ୍ତରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ବିଡ଼ମ୍ବନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଲାନାହିଁ, ଏପଟେ ଉତ୍ପୀଡ଼ନ ଅତିଷ୍ଠ ହେଲା । ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ଛାତ୍ରୀଜଣକ ନିଜ ଦେହରେ କିରାସିନି ଢ଼ାଳି ନିଆଁ ଲଗାଇ ଦେଲେ।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶୀକାନ୍ତ ପରିଡାଙ୍କ ଝିଅ ପିଡି ସଙ୍ଗୀତା ବଡ଼ପଡ଼ା କଲେଜରେ +୩ ଶେଷବର୍ଷ କଳାରେ ପାଠ ପଢୁଥିଲେ। ଆଜି ସକାଳ ୭.୩୦ ମିନିଟ ସମୟରେ ସଙ୍ଗୀତାଙ୍କ ବାପାମାଆ କୌଣସି କାମରେ ପଟ୍ଟାମୁଣ୍ଡାଇ ଯାଇଥିଲେ ଓ ଘରେ ଝିଅ ସଙ୍ଗୀତା ଏକୁଟିଆ ଥିଲେ। ମାତ୍ର ଘରକୁ ଫେରିବା ପରେ ବାପାମାଆ ସଂଗୀତାଙ୍କ କୋଠରୀ ଭିତରୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ବହୁ ଡକାଡକି ପରେ ସେ କବାଟ ନ ଖୋଲିବାରୁ ବାଧ ହୋଇ କବାଟ ଭାଙ୍ଗି ସେମାନେ ଘର ଭିତରେ ପଶିଥିଲେ। ମାତ୍ର ଘରଭିତରେ ସଙ୍ଗୀତାଙ୍କ ବଦଳରେ ମିଳିଥିଲା ତାଙ୍କର ପୋଡ଼ା ଶରୀର। ଘର ସାରା କିରାସିନି ଗନ୍ଧ ହେଉଥିବାରୁ ସେ ଦେହରେ କିରାସିନି ଢ଼ାଳି ହୋଇ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି । ମାତ୍ର ପୁଲିସ ମାମଲାକୁ ଗୁରୁତ୍ୱ ଦେଇ ନଥିଲା ବୋଲି ସଙ୍ଗୀତାଙ୍କ ବାପା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଜଣେ ପୁଲିସ କର୍ମଚାରୀଙ୍କ ବିବାଦୀୟ ଭୂମିକାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ମାତ୍ର ଏହି ଘଟଣାରେ

- ▶▶ ପୁରୁଷ ବନ୍ଧୁର ଉତ୍ପୀଡ଼ନ, ପୁଲିସ ବେଫିକର
- ▶▶ ଦେହରେ କିରାସିନି ଢାଳି ଲଗାଇଦେଲେ ନିଆଁ
- ▶▶ ଭିଡିଓ ଭାଇରାଲ ଧମକ ଦେଉଥିଲା ପ୍ରେମିକ
- ▶▶ ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ ଟିମ୍

ସଙ୍ଗୀତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତେରୋହି ଗ୍ରାମର ଜଣେ ଯୁବକ ସଙ୍ଗୀତାକୁ ଭଲ ପାଉଥିଲା। ମାତ୍ର ପରିବାର ଲୋକମାନେ ଏହାକୁ ସ୍ୱୀକୃତି ଦେଉ ନ ଥିଲେ। ଉକ୍ତ ଯୁବକ ଜଣକ ସଙ୍ଗୀତାଙ୍କ କେତେକ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରି ଏହାକୁ ଭାଇରାଲ କରିଦେବାକୁ ଧମକ ଦେଉଥିଲେ। ତେଣୁ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ପରିବାର ଲୋକେ ୪ ମାସ ତଳେ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପୁଲିସର କୌଣସି ଭୂମିକା ନାହିଁ ଓ ସଙ୍ଗୀତାଙ୍କ ପରିବାର ପକ୍ଷରୁ କୌଣସି ଏତଲା ଦିଆଯାଇ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଛାତ୍ରୀ ଆତ୍ମହତ୍ୟା ଖବର ପାଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କା, ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଛାତ୍ରୀଙ୍କ ମୋବାଇଲ ଓ ପୋଷାକକୁ ପୁଲିସ ଜବତ କରିଛି ।

### ଟ୍ରମ୍ପଙ୍କ ଡବଲ୍ ଛାଟ

# ଭାରତକୁ ୫୦% ଶୁଳ୍କ

## ଜବାବୀ କାର୍ଯ୍ୟାନୁଷ୍ଠାନ ନେଲେ ଆହୁରି ଶୁଳ୍କ ବୃଦ୍ଧି ଧମକ

■ **ୱାଶିଂଟନ, ୬।୮ (ଏଜେନ୍ସି):** ଭାରତ ବିରୋଧରେ ପୁଣି ଶୁଳ୍କ ଯୁଦ୍ଧ ଘୋଷଣା କରିଛନ୍ତି ଆମରିକାର ରାଷ୍ଟ୍ରପତି ଟ୍ରମ୍ପ। ଆମେରିକାର ବାରଣ ସତ୍ତ୍ୱେ ଭାରତ ରୁଷରୁ ଅଶୋଧିତ ତେଲ ଓ ସାମରିକ ଅସ୍ତ୍ର କ୍ରୟ ଜାରି ରଖିଥିବାରୁ ଭାରତୀୟ ସାମଗ୍ରୀ ଉପରେ ଆଜି ଆହୁରି ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଏହାକୁ ମିଶାଇ ଭାରତୀୟ ସାମଗ୍ରୀ ଉପ।।ରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲାଗୁ କଲେଣି ଟ୍ରମ୍ପ। କେବଳ ଏତିକି ନୁହେଁ, ଆବଶ୍ୟକ ପଡ଼ିଲେ ଭାରତ ଉପରେ ଆହୁରି ଶୁଳ୍କ ଧାର୍ଯ୍ୟ କରିବାକୁ ମଧ୍ୟ ସେ ଧମକ ଦେଇଛନ୍ତି। ୟୁରୋପ ସମେତ ଅନେକ ରାଷ୍ଟ୍ର ରୁଷ ସହିତ ବାଣିଜ୍ୟ କାରବାର ଚଳାଇଥିବା ବେଳେ କେବଳ ଭାରତ ବିରୋଧରେ ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟ ସମସ୍ତଙ୍କୁ ବିସ୍ମିତ କରିଛି। ଚୀନ



**ଅତିରିକ୍ତ ୨୫% ଶୁଳ୍କ ଲଗାଇଲେ ଟ୍ରମ୍ପ**

**ଭାରତ ହରାଇବ ଜିଡିପିର ୧ ପ୍ରତିଶତ**

ଆମେରିକାର ପାରମ୍ପରିକ ଶତ୍ରୁ ହୋଇଥିଲେ ମଧ୍ୟ ସେହି ଦେଶ ବିରୋଧରେ ଏତେ କଠୋର ହୋଇ ନାହାନ୍ତି ଟ୍ରମ୍ପ। ଚୀନ ତୁଳନାରେ ଭାରତ ଉପରେ ୨୦ ପ୍ରତିଶତ ଅଧିକ ଶୁଳ୍କ ଧାର୍ଯ୍ୟ କରିଥିବା ବେଳେ ପାକିସ୍ତାନ ତୁଳନାରେ ୩୧ ପ୍ରତିଶତ ଅଧିକ ଶୁଳ୍କ ଭାରତ ଉପରେ ଧାର୍ଯ୍ୟ କରିଛନ୍ତି ଟ୍ରମ୍ପ। ୨୧ ଦିନ ଭିତରେନୂଆ ଶୁଳ୍କ ଲାଗୁହେବ ବୋଲି ସେ କହିଛନ୍ତି।

ଏସଂକ୍ରାନ୍ତ ଆଦେଶରେ ଆଜି ଦସ୍ତଖତ କରିଛନ୍ତି ଟ୍ରମ୍ପ। ଏଥିରେ କୁହାଯାଇଛି ଯେ ଭାରତ ରୁଷ ଠାରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅଶୋଧିତ ତେଲ ଆମଦାନୀ କରିବାରେ ଲାଗିଛି। ତେଣୁ ଭାରତୀୟ ସାମଗ୍ରୀ ଉପରେ ଅଧିକ ଶୁଳକ ଲାଗୁ କରିବାକୁ ସେ ବାଧ ହେଉଛନ୍ତି। ତେବେ କିଛି ସ୍ୱତନ୍ତ୍ର ପରିସ୍ଥିତିରେ ଏହି ଶୁଳ୍କରୁ ଆଶ୍ୱସ୍ତି ଦିଆଯିବ। ଯଦି କୌଣସି ସାମଗ୍ରୀ ଆସିବା ପାଇଁ ଜାହାଜରେ ଲଦା ହୋଇ ସାରିଛି କିମ୍ବା ମାର୍ଗରେ ▶ପୃଷ୍ଠା-୭




### ବିହାର ଭୋଟର ତାଲିକା ସଂଶୋଧନ

## ନିର୍ବାଚନ କମିଶନଙ୍କୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

# ୬୫ ଲକ୍ଷର ହିସାବ ଦିଅ

■ **ନୂଆଦିଲ୍ଲୀ, ୬।୮ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେ ସଂପର୍କରେ ତଥ୍ୟ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ଶନିବାର ସୁଦ୍ଧା ପୂର୍ଣ୍ଣାଙ୍ଗ ତଥ୍ୟ ଦେବାଲାଗି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ବିଭିନ୍ନ ରାଜନୈତିକ ଦଳଙ୍କୁ ତଥ୍ୟ ଦେଇଥିବା ବେଳେ ଅନ୍ୟତମ ଆବେଦନକାରୀ ଏଡିଆର୍‌କୁ ମଧ୍ୟ ଏହି ତଥ୍ୟ ଦେବାକୁ ପଡ଼ିବ।

ଆଜି ଏହି ମାମଲାର ଶୁଣାଣି ବେଳେ ଏଡିଆର ନାମକ ଏନ୍‌ଜିଓ ପକ୍ଷରୁ କୁହାଯାଇଥିଲା ଯେ କମିସନ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ସେଥିରେ ଅନେକ ବିଭ୍ରାନ୍ତି ରହିଛି। କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ଏବଂ କେଉଁମାନେ



**୬୫ ଭାଗ ଭୋଟରଙ୍କୁ ନେଇ ପ୍ରଶ୍ନ ଉଠାଇଲେ ଆବେଦନକାରୀ**

ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ ନିର୍ବାଚନ କମିସନ। ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜଳ ଭୂୟାଁ ଏବଂ ଜଷ୍ଟିସ କୋଟିଶ୍ୱାର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଶୁଣାଣି ବେଳେ କହିଛନ୍ତି ଯେ କମିସନ କେବଳ ଚିଠାପ୍ରସ୍ତାବ ଜାରି କରିଛନ୍ତି। ପରବର୍ତ୍ତୀ ସମୟରେ ଏହା ଉପରେ ବିଚାର କରାଯିବ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ୬୫ ଲକ୍ଷ ଭୋଟରଙ୍କ ସଂପର୍କରେ କମିସନ ନିର୍ଦ୍ଦିଷ୍ଟ ତଥ୍ୟ ଦେଉ ନାହାନ୍ତି। ମାନ୍ୟବର ବେଞ୍ଚ ନିର୍ବାଚନ କମିସନଙ୍କ ଓକିଲଙ୍କୁ କହିଲେ ଯେ ତାଲିକା ସଂଶୋଧନ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପ୍ରତ୍ୟେକ ଭୋଟରଙ୍କ ସଂପର୍କରେ ଆମକୁ ତଥ୍ୟ ଦରକାର। ତେଣୁ ଆସନ୍ତା ଶନିବାର ସୁଦ୍ଧା ଉତ୍ତର ଦାଖଲ କରିବା ଲାଗି କମିସନଙ୍କୁ ନିର୍ଦ୍ଦେଶ ▶ପୃଷ୍ଠା-୭

# ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ; ୩ ଗିରଫ

■ **ଅନୁଗୋଳ/ଛେଣ୍ଡିପଦା,୬।୮ (ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଯୁବକ ଥିବାବେଳେ ଅନ୍ୟ ଦୁଇଜଣ ନାବାଳକ ବୋଲି ଜଣାପଡ଼ିଛି।



ସୂଚନାନୁଯାୟୀ, ପାଲଲହଡ଼ା ଥାନା ଅଞ୍ଚଳର ଜନୈକା ମହିଳା ତାଙ୍କ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଗତ ୩ ତାରିଖରେ ଆସିଥିଲେ। ଅପରାହ୍ଣ ପ୍ରାୟ ୩ ଟାରେ ସେ ତାଙ୍କ ଭଣଜା ସହିତ ବାଇକ୍‌ରେ ଚାରିବାଟି ପେଟ୍ରୋଲ ପମ୍ପ ନିକଟରୁ ତେଲ ପକାଇ ଫେରୁଥିଲେ। ବାରମଞ୍ଚାର ରାସ୍ତାରେ ଏକ ଟ୍ରାକ୍ଟର ଧରି କିଛି ଶ୍ରମିକ ଗାଡ଼ି ଅଟକାଇ ସମ୍ପର୍କୀୟ ଯୁବକଙ୍କୁ ମାଡ଼ମାରି ମହିଳାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇଥିଲେ। ସେଠାରେ ୩ ଯୁବକ ଗଣଦୁଷ୍କର୍ମ କରିବା ପରେ ଟ୍ରାକ୍ଟର ଧରି ଚମ୍ପଟ ମାରିଥିଲେ। ସେହିଦିନ ପୀଡ଼ିତା ଓ ତାଙ୍କ ଭଣଜା ପଳାଇ ଯାଇଥିଲେ। ପରେ ୫ ତାରିଖ ଦିନ ପୀଡ଼ିତା ବାଗଡିଆ ଥାନା ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ▶ପୃଷ୍ଠା-୭

# ଦୁର୍ଘଟଣାରେ ଗଲା ୫ ଜୀବନ

## ଟ୍ରକ୍ ଧକ୍କାରେ ଚାଲିଗଲା ପରିବାରର ୩ ଜୀବନ

## ଟ୍ରଲର ଚକା ତଳେ ପଡ଼ି ୨ ବାଇକ୍ ଆରୋହୀ ମୃତ

■ **ବୁଗୁଡ଼ା/ତେଲକୋଇ, ୬।୮ (ସମିସ):** ପୃଥକ ପୃଥକ ଦୁର୍ଘଟଣାରେ ବୁଧବାର ୫ ଜଣଙ୍କ ପ୍ରାଣହାନୀ ଘଟିଥିବା ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲା ବୁଗୁଡ଼ାରେ ବାଇକ୍-ବୁଲେଟ୍ ଧକ୍କା ହେବା ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲା ଜଗମୋହନପୁରଠାରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେବା ଫଳରେ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଛି।

ସୂଚନାଯୋଗ୍ୟ, ବୁଗୁଡ଼ା ନିକଟସ୍ଥ ଷୋଳମାଇଲିଠାରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଓ ବୁଲେଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାପରେ ପାଖରେ ଆସୁଥିବା ଟ୍ରଲର ଚକାତଳେ ପଡ଼ି ୨ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ବୁଲେଟ୍ ଚାଳକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଶଶାଙ୍କ ମହାରଣା (୪୩) ଓ ସୁବୁଦ୍ଧିପଲ୍ଲୀର ଖଦାଳ ମହାରାଣା(୭୯)। ଗୁରୁତର ଜଣକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଶିଶୁଣ୍ଡା ଗ୍ରାମର ଲକ୍ଷ୍ମୀଧର ବେହେରା।

ବୁଧବାର ସକାଳେ ବାଲିପଦର ପଟୁ ବୁଗୁଡା ଆଡ଼କୁ ଲୁହାଛଡ଼ ବୋଝେଇ ଟ୍ରଲର (ଏପି୩୧ଟିବି-୭୧୮୦) ଆସୁଥିଲା। ଏହି ସମୟରେ ଶଶାଙ୍କ ଓ ତାଙ୍କର ବଡ଼ବାପା ଖଦାଳ ବାଇକ୍ (ଓଡି ୩୨ଇ-୫୨୮୯)ରେ ବନ୍ଧୁଘର ପଙ୍କଳବାଡ଼ି ଗାଁକୁ ଯାଉଥିବାବେଳେ ବାଲିପଦର ପଟୁ ଆସୁଥିବା ଲକ୍ଷ୍ମୀଧରଙ୍କ ବୁଲେଟ୍ (ଓଡି୩୨ଏଚ୍-୧୦୮୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ବସିଥିବା ଶଶାଙ୍କ ଓ ଖଦାଳ ଟ୍ରଲର ପଛ ଚକ ତଳେ ପଡ଼ିଯାଇଥିଲେ। ଖଦାଳଙ୍କ ଦୁଇ ଗୋଡ଼ ଉପରେ ଟ୍ରଲର ଚକା ଚଢ଼ିଯାଇଥିବାବେଳେ ଶଶାଙ୍କଙ୍କୁ ୨୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ▶ପୃଷ୍ଠା-୭

## ହାତୀ ପାଇଁ ହଙ୍ଗାମା: ଅମ୍ବାନୀଙ୍କ ଚିଡ଼ିଆଖାନାକୁ ପଠାଇବାକୁ ବିରୋଧ

ମୁମ୍ବଇ, ୬।୮ (ଏଜେନ୍ସି): ତିନି ବର୍ଷ ବୟସରୁ ଲୋକଙ୍କ ଗହଣରେ ରହି ଆସୁଥିଲା। ଅନାବିଳ ସ୍ନେହ ପାଉଥିଲେ। ପର୍ବପର୍ବାଣୀ ହେଉ ଅବା କୌଣସି ଶୁଭକାର୍ଯ୍ୟ ସବୁଥିରେ ତାକୁ ଲୋଡା ହେଉଥିଲା। ୩୩ ବର୍ଷ ହେଲା ଧାର୍ମିକ ଶୋଭାଯାତ୍ରାର ଶୋଭା ମଣ୍ଡନ କରୁଥିଲା। ଲୋକଙ୍କ ଭାବାବେଗ ସହ ଜଡ଼ିତ ଥିଲା। ଲୋକେ ନିଜ ସନ୍ତାନ ପରି ତାକୁ ପାଳୁ ଥିଲେ। ମାତ୍ର ଏକ ସଂଗଠନ ଏହା ସହି ପାରି ନ ଥିଲା। ଅସୁସ୍ଥ ଏବଂ ଯନ୍ତ୍ରଣା ଦିଆଯାଉଥିବା ଦର୍ଶାଇ ନିମ୍ନ କୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶରେ ଲୋକଙ୍କଠାରୁ ତାକୁ ଦୂରକୁ ନେଇ ଯାଇଥିଲା। ତାକୁ ନେବା ସମୟରେ ଲକ୍ଷାଧିକ ଲୋକ ଏକାଠି ହୋଇଥିଲେ। ଅଶ୍ରୁଭରା ନୟନରେ ବିଦାୟ ଦେଇଥିଲେ। ଏହି କାହାଣୀ କୌଣସି ମନୁଷ୍ୟର ନୁହେଁ, ଏକ ହାତୀର। ଏହି ହାତରୀ ନାମ ମହାଦେବୀ। ଲୋକେ ତାକୁ ଶ୍ରଦ୍ଧାରେ ମାଧୁରୀ ଡାକନ୍ତି। ମାଧୁରୀ ମହାରାଷ୍ଟ୍ର କୋହ୍ଲାପୁରରେ ନନ୍ଦିନୀ ମଠରେ ରହୁଥିଲା। ଏହି ହାତୀ ପାଇଁ ଏବେ ସାରା ଅଞ୍ଚଳ କାନ୍ଦୁଛି। ଲୋକେ ତାକୁ ଫେରାଇ ଆଣିବା ପାଇଁ ନିରବ ପ୍ରତିବାଦ କରୁଛନ୍ତି।



ସାମାଜିକ ଗଣମାଧ୍ୟମରେ ହାସ୍‌ଟ୍ୟାଗ୍ ଚଲାଇ ମୁକେଶ ଅମ୍ବାନୀଙ୍କ ବନ୍‌ତାରାରୁ ଫେରାଇ ଆଣିବାକୁ ଦାବି କରୁଛନ୍ତି। ଏନ୍‌ଜିଓ ପେଟା ସହ ମିଶି ଷଡ଼ଯନ୍ତ୍ର କରି ଏହି ଶିଳ୍ପପତି ହାତୀକୁ ବନତାରାକୁ ନେଇ ଯାଇଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ହଜାର ହଜାର ଲୋକେ ମୁକେଶ ଅମ୍ବାନୀଙ୍କ ଜିଓ ସିମ୍ ଚଲାଉ ନାହାନ୍ତି। ଏହାକୁ ପୋର୍ଟିଂ କରି ଅନ୍ୟ କମ୍ପାନୀକୁ ନେଇ ଯାଇଛନ୍ତି। ରାଜନେତାଙ୍କ ସଭାରେ ଏକାଠି ହୋଇ ହାତୀକୁ ଫେରାଇ ଆଣିବା ପାଇଁ ଦାବି କରୁଛନ୍ତି। ବନତାରାକୁ କାହିଁକି ପଠାଇଲେ ବୋଲି ପଚାରୁଛନ୍ତି। ଏବେ ମହାରାଷ୍ଟ୍ର ସରକାର ମଧ୍ୟ ଲୋକଙ୍କ ସମର୍ଥନରେ ବାହାରିଛନ୍ତି। ହାତୀକୁ ଫେରାଇ ଆଣିବା ଲାଗି ସୁପ୍ରିମକୋର୍ଟରେ ପୁନର୍ବିଚାର ଆବେଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ୭ ବର୍ଷ ପରେ ଚୀନ୍ ଯିବେ ପ୍ରଧାନମନ୍ତ୍ରୀ: ଏସ୍‌ସିଓ ସମ୍ମିଳନୀରେ ଭାଗ ନେବେ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଂଘାଇ ସହଯୋଗ ସମ୍ମଳନୀ (ଏସ୍‌ସିଓ)ରେ ଯୋଗ ଦେବାକୁ ଚୀନ୍ ଯିବେ। ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ରେ ହେଉଥିବା ଏହି ସମ୍ମିଳନୀରେ ଭାରତ, ଚୀନ ଓ ରୁଷ ସମେତ ୧୦ଟି ସଭ୍ୟରାଷ୍ଟ୍ର ଭାଗ ନେବେ। ତେବେ ଭାରତ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରିବାକୁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରିପ୍ରେକ୍ଷୀରେ ମୋଦୀଙ୍କର ଏହି ଚୀନ ଗସ୍ତକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହାସହିତ ୨୦୨୦ ଗଲୱାନ ଘାଟୀରେ ଦୁଇଦେଶର ସୈନିକମାନଙ୍କ ସଂଘର୍ଷ ପରେ ମୋଦୀ ପ୍ରଥମଥର ପାଇଁ ଚୀନ୍ ଗସ୍ତରେ ଯାଉଛନ୍ତି। ଦୁଇ ଦେଶ ମଧ୍ୟରେ ସଂପର୍କକୁ ସ୍ୱାଭାବିକ କରିବାରେ ଏହା ସହାୟକ ହେବ ବୋଲି କୁହାଯାଉଛି। ୨୦୧୮ରେ ଚୀନ୍ ଗସ୍ତରେ ଯାଇଥିଲେ ମୋଦୀ। ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଷଷ୍ଠଥର ପାଇଁ ଚୀନ୍ ଗସ୍ତରେ ଯିବେ। ଗତ ୭୦ ବର୍ଷ ମଧ୍ୟରେ ଏହା ଯେକୌଣସି ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ସର୍ବାଧିକ ଥର ଗସ୍ତ ହେବ। ଗତମାସରେ ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ଗସ୍ତରେ ଯାଇଥିଲେ ଓ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଓ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ସହ ସାକ୍ଷାତ କରିଥିଲେ। ଶେଷଥର ପାଇଁ ମୋଦୀ ୨୦୨୪ରେ ବ୍ରିକ୍ସ ସମ୍ମିଳନୀ ଅବସରରେ ରୁଷିଆରେ ଜିନପିଙ୍ଗଙ୍କୁ ଭେଟିଥିଲେ। ସେତେବେଳେ ଦୁଇ ନେତାଙ୍କ ମଧ୍ୟରେ ୫୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ଉଲ୍ଲେଖଥାଉ କି ୨୦୦୧ରେ ଏସ୍‌ସିଓ ଗଠନ କରାଯାଇଥିଲା। ସେତେବେଳେ ଚୀନ୍, ରୁଷ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକସ୍ତାନ, ଉଜବେକିସ୍ତାନ ମିସିକରି ଏସ୍‌ସିଓ ଗଠନ କରିଥିଲେ। ୨୦୧୭ରେ ଭାରତ ଓ ପାକିସ୍ତାନକୁ ଏହି ସଂଗଠନରେ ସାମିଲ କରାଯାଇଥିଲା। ୨୦୨୩ରେ ଇରାନକୁ ମଧ୍ୟ ଏହାର ସଦସ୍ୟତା ପ୍ରଦାନ କରାଯାଇଥିଲା।



### ଶୁଳ୍କ ବିବାଦକୁ ନେଇ ବ୍ରାଜିଲ ରାଷ୍ଟ୍ରପତିଙ୍କ ଜବାବ

## ଟ୍ରମ୍ପଙ୍କ ସହ ନୁହେଁ, ମୋଦୀଙ୍କ ସହ କଥା ହେବି

ବ୍ରାସିଲିଆ, ୬।୮ (ଏଜେନ୍ସି): ଶୁଳ୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଛନ୍ତି। ଏଥିପାଇଁ ଅନେକ ମିତ୍ର ଦେଶ ବି ଟ୍ରମ୍ପଙ୍କ ବିରୋଧୀ ପାଲଟି ଯାଇଛନ୍ତି। ଏମାନଙ୍କ ମଧ୍ୟରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିୟୋ ଲୁଲା ଡା ସିଲ୍‌ଭା ସାମିଲ ଅଛନ୍ତି। ଶୁଳ୍କ ନେଇ ଆମେରିକା ରାଷ୍ଟ୍ରପତି ଦେଇଥିବା ପ୍ରସ୍ତାବ 'ଯେତେବେଳେ ଚାହିଁବେ ଆଲୋଚନା କରିପାରିବେ' କୁ ସେ ପ୍ରତ୍ୟାଖାନ କରିଦେଇଛନ୍ତି। ଲୁଲା ଟ୍ରମ୍ପଙ୍କୁ କଡ଼ା ଜବାବ ମଧ୍ୟ ଦେଇଛନ୍ତି। ଶୁଳ୍କକୁ ନେଇ ଟ୍ରମ୍ପ କଲ୍ କରିବି ନାହିଁ। କାରଣ ସେ ବି ଆଲୋଚନା ଚାହୁଁନାହାନ୍ତି। ଏହା ବଦଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସି ଜିନପିଙ୍ଗଙ୍କ ଭଳି ନେତାଙ୍କ ସହ ଆଲୋଚନା କରିବାକୁ ଉଚିତ ମଣିବି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ କଲ୍ କରିବି ନାହିଁ, କାରଣ ସେ ଏବେ ଯାତ୍ରା କରିପାରିବେ ନାହିଁ। ଅନ୍ୟ ଦେଶର ରାଷ୍ଟ୍ରପତିଙ୍କ ସହ ମଧ୍ୟ ଆଲୋଚନା କରିବି ବୋଲି ଲୁଲା କହିଛନ୍ତି। ଆମେରିକା ବ୍ରାଜିଲ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ଏହାର ମୁକାବିଲା ପାଇଁ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)କୁ ଯିବା ପାଇଁ ବ୍ରାଜିଲ ବିଚାର କରୁଛି।

ଲୁଲା କହିଛନ୍ତି ଯେ ଟ୍ରମ୍ପଙ୍କ ସହ କଥା ନ ହେଲେ ମଧ୍ୟ ନଭେମ୍ବରରେ ହେବାକୁ ଥିବା 'ସିଓପି-୩୦ କ୍ଲାଇମେଟ ସମିଟ' ପାଇଁ ତାଙ୍କୁ ଆମନ୍ତ୍ରଣ କରିବି। ଜଳବାୟୁ ପରିବର୍ତ୍ତନ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟ କ'ଣ ରହିଛି ତାହା ମୁଁ ଜାଣିଛି। ତଥାପି ତାଙ୍କୁ ନିମନ୍ତ୍ରଣ କରାଯିବ। ଲୁଲା ପରୋକ୍ଷରେ ଟ୍ରମ୍ପଙ୍କ ବିରୋଧରେ ସବୁ ଦେଶଙ୍କୁ ଏକାଠି କରିବାକୁ କହିଛନ୍ତି। କିଛି ଦିନ ତଳେ ଆମେରିକା ବ୍ରାଜିଲ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଏହାକୁ ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ତଥା ଟ୍ରମ୍ପଙ୍କ ଘନିଷ୍ଠ ଜାର ବୋଲସୋନାରୋଙ୍କ ବିରୋଧରେ ଚାଲୁଥିବା କାର୍ଯ୍ୟାନୁଷ୍ଠାନ ସହ ଯୋଡୁ ଥିଲେ। ଟ୍ରମ୍ପ ଏହାକୁ ପ୍ରତିଶୋଧର ରାଜନୀତି କହିଥିଲେ।

## ଟ୍ରମ୍ପଙ୍କ ଧମକକୁ ସାମ୍ନା କରିପାରୁ ନାହାନ୍ତି ମୋଦୀ: ରାହୁଲ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମ୍ନା କରିପାରୁ ନାହାନ୍ତି ବୋଲି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି। ଆମେରିକାରେ ଗୌତମ ଆଦାନୀଙ୍କ ବିରୋଧରେ ଚାଲିଥିବା ଯାଞ୍ଚ କାରଣରୁ ମୋଦୀଙ୍କ ହାତ ବନ୍ଧା ହୋଇଛି। ତେଣୁ ଟ୍ରମ୍ପଙ୍କ ସାମ୍ନାରେ ମୋଦୀ ଛିଡା ହେବାକୁ ଅକ୍ଷମ। ଆଦାନୀ ଓ ଅମ୍ବାନୀଙ୍କ ସହ ମୋଦୀଙ୍କ କି ସମ୍ପର୍କ ରହିଛି ତାହା ଏବେ ପଦାରେ ପଡିଛି ବୋଲି ସେ କହିଛନ୍ତି। ଗତବର୍ଷ ଆଡାଣୀଙ୍କ ସମେତ ୮ ଜଣ ବ୍ୟକ୍ତିଙ୍କ ବିରୋଧରେ ଠକାମୀ ନେଇ ଅଭିଯୋଗ ହୋଇଥିଲା। ଆଡାଣୀ ଅନୈତିକ ଉପାୟରେ ରିନୁଏବଲ ଏନର୍ଜିର ପ୍ରକଳ୍ପ ହାସଲ କରିଥିଲେ ବୋଲି ଆମେରିକା ଆଟର୍ଣ୍ଣି କାର୍ଯ୍ୟାଳୟ ଆରୋପ ପତ୍ରରେ ଉଲ୍ଲେଖ କରାଯାଇଛି। ସେ ସରକାରୀ ଅଧିକାରୀଙ୍କୁ ଲାଞ୍ଚ୍ ଦେଇ ଏହି ପ୍ରକଳ୍ପ ହାସଲ କରିଥିଲେ ଓ ସେଥିପାଇଁ ଯାଞ୍ଚ ଜାରି ରହିଛି ବୋଲି ରାହୁଲ କହିଛନ୍ତି। ପୂର୍ବରୁ ଭାରତୀୟ ଅର୍ଥନୀତି ମୃତ ବୋଲି ଟ୍ରମ୍ପ କହିଥିଲେ ଓ ଏ ନେଇ ମଧ୍ୟ ମୋଦୀଙ୍କୁ ରାହୁଲ ଦାୟୀ କରିଛନ୍ତି।

## ୟୁକ୍ରେନର ଅଭିଯୋଗ: ରୁଷିଆ ଡ୍ରୋନ୍‌ରୁ ଭାରତୀୟ ଯନ୍ତ୍ରାଂଶ ମିଳିଛି

କିଭ୍, ୬।୮ (ଏଜେନ୍ସି): ରୁଷିଆ- ୟୁକ୍ରେନ ଯୁଦ୍ଧରେ ଏବେ ଭାରତର ଭୂମିକା ପଦାକୁ ଆସିଛି। ରୁଷିଆ ଡ୍ରୋନ୍‌ରେ ଭାରତୀୟ ଯନ୍ତ୍ରାଂଶ ମିଳିଛି ବୋଲି ୟୁକ୍ରେନ ଅଭିଯୋଗ କରିଛି। ୟୁକ୍ରେନ ରାଷ୍ଟ୍ରପତ ଭୋଲୋଡିମୀର ଜେଲେନସ୍କି ଚିଫ୍ ଅଫ୍ ଷ୍ଟାଫ୍ ଆଣ୍ଡ୍ରି ୟେରମାକ ଏ ନେଇ ଅଭିଯୋଗ ଆଣିଛନ୍ତି। ରୁଷିଆକୁ ବିଦେଶୀ ଯନ୍ତ୍ରାଂଶ ପଠାଯିବା ବନ୍ଦ ହେବ ଆବଶ୍ୟକ। ଏହାକୁ ବ୍ୟବହାରେ କରି ରୁଷି ୟୁକ୍ରେନ ନାଗରିକଙ୍କ ଜୀବନ ନେଉଛି ବୋଲି ସେ କହିଛନ୍ତି। ଭାରତ ରୁଷିଆ ଠାରୁ ତୈଳ କ୍ରୟ କରି ପରୋକ୍ଷରେ ୟୁକ୍ରେନ ବିପକ୍ଷ ଯୁଦ୍ଧରେ ରୁଷିଆକୁ ସହାୟତା ପ୍ରଦାନ କରୁଛି ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହୁଥିବା ସମୟରେ ୟେରମାନ ଏହି କଥା କହିଛନ୍ତି। କେବଳ ଜୁଲାଇ ମାସରେ ରୁଷିଆ ୟୁକ୍ରେନ ଉପରେ ୬୦୦୦ରୁ ଊର୍ଦ୍ଧ୍ୱ ଡ୍ରୋନ ଦ୍ୱାରା ଆକ୍ରମଣ କରିଛି। ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରେ ରୁଷିଆର ଏହା ସର୍ବାଧିକ ଡ୍ରୋନ ଆକ୍ରମଣ ସାବ୍ୟସ୍ତ ହୋଇଛି। ଏହି ଆକ୍ରମରେ ଡଜନେରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଆହତ ହୋଇଛନ୍ତି। ଚଳିତ ଅଗଷ୍ଟ ମାସରେ ମଧ୍ୟ ରୁଷିଆ ତା'ର ଡ୍ରୋନ ଆକ୍ରମଣ ଜାରି ରଖିଛି ବୋଲି ୟୁକ୍ରେନ କହିଛି। ଅଗଷ୍ଟ ୨ରେ ରୁଷିଆ ୭୬ ଡ୍ରୋନ ଓ ୭ ମିସାଇଲ ୟୁକ୍ରେନ ଉପରେ ମାଡ କରିଥିଲା। ୟୁକ୍ରେନ ମଧ୍ୟ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରିଛି।

## ବନ୍ୟା ପରେ ଉତ୍ତରାଖଣ୍ଡ ବେହାଲ୍

# ମାଟିତଳୁ ଜୀବନ ଖୋଜା

## ୧୧ ଯବାନ, ୨୮ ପର୍ଯ୍ୟଟକଙ୍କ ପତ୍ତା ମିଳୁନି

ଡେରାଡୁନ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ଧରାଲୀ ଗାଁରେ ମଙ୍ଗଳବାର ବାଦଲ ଫଟା ବର୍ଷା ଯୋଗୁଁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏସ୍‌ଡିଆରଏଫ୍, ଏନ୍‌ଡିଆରଏଫ୍, ଆଇଟିବିପ ଓ ସେନା ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଖରାପ ପାଗ ଯୋଗୁଁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ମଙ୍ଗଳବାର ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ୪ଟି ମୃତଦେହ ଉଦ୍ଧାର କରାଯାଇଛି। ଉତ୍ତରାଖଣ୍ଡର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି। ଏମାନଙ୍କର ପରିଚୟ ମିଳିପାରି ନାହିଁ। ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି। ୧୧ ଜଣ ଯବାନଙ୍କ ସମେତ ଗତ ୨୪ ଘଣ୍ଟା ମଧ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହାପରେ ଧାମୀ ଧରାଲୀ ସମେତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଅନ୍ୟ ସ୍ଥାନଗୁଡିକ ହେଲିକପ୍ଟର ଯୋଗ ଆକାଶମାର୍ଗରୁ ପରିଦର୍ଶନ କରିଥିଲେ। ସେ ଉଦ୍ଧାର କାର୍ଯ୍ୟ ନେଇ ଅଧିକାରୀମାନଙ୍କ ବୈଠକରେ ଆଲୋଚନା କରିଛନ୍ତି। ବାଦଲ ଫଟା ବର୍ଷା ଓ ଅଚାନକ ବନ୍ୟାରେ ଧରାଲୀ ଗାଁର ବଜାର, ଘର, ହେଟେଲ ସବୁ କିଛି ବହିଯାଇଛି। ମାତ୍ର ୩୪ ସେକେଣ୍ଡ ମଧ୍ୟରେ ଏହି ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳିଥିଲା। ଧରାଲୀକୁ ବାଦ୍ ଦେଲେ ସୁକ୍କୀ ଓ ହର୍ଷିଲରେ ମଧ୍ୟ ବାଦଲ ଫଟା ବର୍ଷା ହୋଇଥିଲା। ତେବେ ଏଠାରେ ଧରାଲୀ ଭଳି କ୍ଷୟକ୍ଷତି ହୋଇନାହିଁ। ଧରଲୀର ୧୫୦୦ ବର୍ଷ ପୁରୁଣା କଳ୍ପ କେଦାର ମନ୍ଦିର ମଧ୍ୟ ଧ୍ୱଂସ ପାଇଛି। ଏହା ଭାଗୀରଥୀ ନଦୀକୂଳରେ ଅବସ୍ଥିତ ଥିଲା। ଧରାଲୀ ଗଙ୍ଗୋତ୍ରୀ ଧାମଠାରୁ ମାତ୍ର ୧୮ କିମି ଦୂରରେ ଅବସ୍ଥିତ। ବିପର୍ଯ୍ୟୟରେ ଏତେ ଭୟଙ୍କର ଥିଲା ଯେ, ଲୋକଙ୍କୁ ଦୌଡ଼ି ପଳାଇବାକୁ ସମୟ ନଥିଲା।

### ଖରାପ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ

କୋଚି: ଉତ୍ତରାଖଣ୍ଡର ବନ୍ୟା ବିଭୀଷିକାରେ କେରଳର ୨୮ ଜଣ ପର୍ଯ୍ୟଟକ ନିଖୋଜ ହୋଇଛନ୍ତି। ନିଖୋଜ ହୋଇଥିବାର ପରିବାର ତରଫରୁ ବୁଧବାର ଏ ନେଇ ସୂଚନା ଦିଆଯାଇଛି। ୨୮ ଜଣଙ୍କ ମଧ୍ୟରୁ ୨୦ ଜଣ ପର୍ଯ୍ୟଟକ ମହାରାଷ୍ଟ୍ରରେ ଅବସ୍ଥାପିତ ହୋଇଛନ୍ତି। ବାକି ୮ ଜଣ କେରଳର ବିଭିନ୍ନ ସ୍ଥାନରୁ ଉତ୍ତରାଖଣ୍ଡ ବୁଲିବାକୁ ଯାଇଥିଲେ। ବୁଧବାର ସକାଳ ୮.୩୦ରେ ଏହି ପର୍ଯ୍ୟଟକମାନେ ଉତ୍ତରାକାଶୀରୁ ଗଙ୍ଗୋତ୍ରୀ ଯାତ୍ରା କରିଥିଲେ ଓ ରାସ୍ତାରେ ହିଁ ଭୂସ୍ଖଳନ ହୋଇଥିଲା। ଏହାପରଠାରୁ ସେମାନଙ୍କ ସହିତ କୌଣସି ଯୋଗଯୋଗ ହୋଇପାରିନାହିଁ। ହରିଦ୍ୱାରର ଏକ ଟ୍ରାଭେଲ ଏଜେନ୍ସି ପର୍ଯ୍ୟଟକଙ୍କ ପାଇଁ ୧୦ ଦିନିଆ ଯାତ୍ରାର ବ୍ୟବସ୍ଥା କରିଥିଲା ସେମାନଙ୍କ ପରିବାର ତରଫରୁ କୁହାଯାଇଛି। ଉତ୍ତରାଖଣ୍ଡରେ ବୁଧବାର ହୋଇଥିବା ପ୍ରବଳ ବର୍ଷାରେ ପୋଡି ଜିଲ୍ଲାର ବୁରାଁସୀ ଗାଁରେ ଜଣେ ମହିଳା ମାଟି ତଳେ ଦବିଯାଇ ପ୍ରାଣ ହରାଇଛନ୍ତି। ୫ ଜଣ ନେପାଳୀ ଶ୍ରମିକ ମଧ୍ୟ ଭାସି ଯାଇଥିବା ସୂଚନା ମିଳିଛି।





# ପ୍ରାକୃତିକ ବିପର୍ଯ୍ୟୟ ମୁହଁରେ ଉତ୍ତରକାଶୀ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ମଙ୍ଗଳବାର ହୋଇଥିବା ବାଦଲ ଫଟା ବର୍ଷା ପ୍ରଳୟଙ୍କାରୀ ବନ୍ୟା ଆଣିବା ସହ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରିଛି। ଅଚାନକ ଆସିଥିବା ବନ୍ୟାରେ ହର୍ଶଲୀ ନିକଟସ୍ଥ ଧରାଲୀ ଗାଁ ସମ୍ପୂର୍ଣ୍ଣ ରୂପେ ଭାସି ଯାଇଛି। ଏହି ମହା ବିପର୍ଯ୍ୟର ଭୌଗଳିକ କାରଣ ନେଇ ଆଲୋଚନା କରିବା

**କ୍ଷେତ୍ରର ଭୌଗଳିକ ସ୍ଥିତି:** ପ୍ରଭାବିତ ଏହି କ୍ଷେତ୍ର ଗରୱାହଲ ହିମାଳୟର ଗହୀରରେ ଅବସ୍ଥିତ। ପାହାଡୀ ଗଡ଼ାଣୀ, ଅସ୍ଥିର ପାର୍ବତ୍ୟ ଚଟାଣ ଓ ହିମ ପ୍ରବାହ ଆସୁଥିବା ନଦୀଗୁଡିକର ଜାଲ ମଧ୍ୟରେ ଏହି କ୍ଷେତ୍ର ରହିଛି। ତେଣୁ ଏହିଭଳି ଭୌଗଳିକ ସ୍ଥିତି ଧରାଲୀ ସମେତ ହର୍ଶୀଲ ଓ ଗଙ୍ଗୋତ୍ରୀ ଭଳି ସ୍ଥାନଗୁଡିକରେ ଭୂସ୍ଖଳନ, ଅଚାନକ ବନ୍ୟା, କାଦୁଅ ଓ ଅବଶେଷ ଧାରକୁ ଡାକିଆଣିଥାଏ। ଭାଗୀରଥୀ, ଅଳକାନନ୍ଦା, ମନ୍ଦାକିନୀ, ଧଉଳି ଗଙ୍ଗା ଓ ଯମୁନା ଭଳି ନଦୀ ଏହି ରାଜ୍ୟରୁ ଉତ୍ପତ୍ତି ହେବା ସହ ପତଳା ଉପତ୍ୟାକା ଦେଇ ଗତି କରୁଛି। ଏହି ନଦୀଗୁଡିକରେ ହିମ ପ୍ରବାହ ମଧ୍ୟ ହୋଇଥାଏ। ବର୍ଷା ଦିନରେ ଏହ ନଦୀଗୁଡିକ ଭୟଙ୍କର ରୂପ ଧାରଣ କରିଥାନ୍ତି। ବ୍ୟାପକ ଭାବେ ଜଙ୍ଗଲ କଟାଯିବା, ରାସ୍ତା ନିର୍ମାଣ ଓ ଅନିୟନ୍ତ୍ରିତ ବିକାଶ ହିଁ ଏହି ଅଞ୍ଚଳର ଭୌଗଳିକ ସନ୍ତୁଳନକୁ ବିଗାଡିବା ସହ ବିପର୍ଯ୍ୟୟକୁ ଡାକିଆଣୁଛି।

**ଭାଗୀରଥୀ ନଦୀର ସ୍ରୋତ ଓ ଉତ୍ସ:** ଭାଗୀରଥୀ ନଦୀ ଗଙ୍ଗୋତ୍ରୀ ହିମପ୍ରବାହର ଉତ୍ସ ଗୋମୁଖରୁ ବାହାରିଛି। ଏହି ନଦୀ ଉତ୍ତରକାଶୀ ଜିଲ୍ଲାର ୪, ୦୦୦ ମିଟର ଉଚ୍ଚରେ ପ୍ରବାହିତ ହେଉଛି। ତେଣୁ ଏହି ନଦୀ ବର୍ଷା ଦିନ ବିପଜ୍ଜନକ ହୋଇଥାଏ। ଏଠାରୁ ଭାଗୀରଥୀ ଗଙ୍ଗୋତ୍ରୀ, ହର୍ଶୀଲ, ଉତ୍ତରକାଶୀ ଓ ତେହରୀ ଦେଇ ପ୍ରବାହୀତ ହେଉଛି। ପୁଣି ଜଦ୍ଧ ଗଙ୍ଗା, କେଦାର ଗଙ୍ଗା, ଭିଲାଙ୍ଗ ଭଳି ସାଖା ନଦୀକୁ ସହ ମିଶି ଭାଗୀରଥୀ ଦେବପ୍ରୟାଗଠାରେ ଅଳକାନନ୍ଦା ସହ ମିଶି ଗଙ୍ଗାନଦୀ ସୃଷ୍ଟି କରୁଛି। ଗଙ୍ଗାକୁ ଅଳକାନନ୍ଦା ଅଧିକ ଜଳ ଦେଇଥିଲେ ମଧ୍ୟ ଭାଗୀରଥୀ ଗଙ୍ଗାର ମୁଖ୍ୟ ତଥା ପବିତ୍ର ଉଦ୍‌ଗମ ସ୍ଥଳ ବିବେଚିତ ହେଉଛି। ବର୍ଷା ଦିନେ ମୌସୁମୀ ପ୍ରବାହରୁ ଏହି ନଦୀଗୁଡିକ ଭୟଙ୍କର ରୂପ ଧାରଣ କରିଥାନ୍ତି।


**ଧରାଲୀର ଗଙ୍ଗୋତ୍ରୀ ନିକଟତା:** ଧରାଲୀ ଗାଁ ସମୁଦ୍ର ପତ୍ତନଠାରୁ ୨, ୬୮୦ମି. ଉଚ୍ଚରେ ଭାଗୀରଥୀ କୂଳରେ ଓ ଦେବଦାରୀ ଓ ପାଇନ ଜଙ୍ଗଲ ମଧ୍ୟରେ ଅବସ୍ଥିତ। ଏହା ଜାତୀୟ ରାଜପଥ- ୧୦୮ (ଗଙ୍ଗୋତ୍ରୀ ରୋଡ) ପାଖରେ ଅବସ୍ଥିତ। ଏହା ହର୍ଶୀଲଠାରୁ ୬ କିମି ଓ ଗଙ୍ଗୋତ୍ରୀଠାରୁ ୧୪ କିମି ପୂର୍ବରେ ରହିଛି। ପୁଣି ଜିଲ୍ଲା ମୁଖ୍ୟାଳୟ ଧରାଲୀଠାରୁ ୮୦ କିମି ଦୂରରେ ରହିଛି। ଗଙ୍ଗୋତ୍ରୀ ନିକଟତା ମଧ୍ୟ ବିପର୍ଯ୍ୟୟର ଅନ୍ୟଏକ କାରଣ ବୋଲି କୁହାଯାଇପାରେ। ହର୍ଶୀଲ ଡେରାଡୁନ୍‌ଠାରୁ ୨୦୦ କିମି ଦୂରରେ ଅବସ୍ଥିତ।

**ଭାଗୀରଥୀ ସମେତ ଅନ୍ୟ ହିମାଳୟ ନଦୀର ଉତ୍ସ:** ଭାଗୀରଥୀ ସମେତ ହିମାଳୟର ଅନ୍ୟ ନଦୀ ସବୁ ଏହି ଉତ୍ତରାଖଣ୍ଡରୁ ସୃଷ୍ଟି ହୋଇଛି। ପୁଣି କେତୋଟି ଗ୍ଲାସିଏର ତଥା ହିମ ପ୍ରବାହ ମଧ୍ୟ ଏଠାରେ ରହିଛି। ଭାଗୀରଥୀ, ଅଳକାନନ୍ଦା, ମନ୍ଦାକିନୀ, ପିନ୍ଦାର ନଦୀ ବିଭିନ୍ନ ବିଭିନ୍ନ ହିମ ପ୍ରବାହରୁ ସୃଷ୍ଟି ହୋଇଛି। ଏହି ସବୁ ନଦୀ ଚିରସ୍ରୋତା ଅର୍ଥାତ ବାରମାସୀ। କିନ୍ତୁ ମୌସୁମୀରେ ଏହି ନଦୀଗୁଡିକର ଜଳ ପତ୍ତନ ଅଶାତୀତ ବୃଦ୍ଧି ପାଇଥାଏ ଓ ଭୟଙ୍କର ରୂପ ଧାରଣ କରିଥାଏ। ତେଣୁ ଉତ୍ତରକାଶୀର ବିଭିନ୍ନ ସ୍ଥାପ ପ୍ରତି ବିପଦ ସୃଷ୍ଟି ହୋଇଥାଏ।

## ୨୦୧୩, ୨୦୨୧ ଆସିଥିଲା ପ୍ରଳୟଙ୍କରୀ ବନ୍ୟା

ଉତ୍ତରାଖଣ୍ଡରେ ବର୍ଷା ଦିନେ ପ୍ରଳୟଙ୍କାରୀ ବନ୍ୟା ଆସିଥାଏ। ୨୦୧୩ରେ କେଦାରନାଥରେ ଓ ୨୦୨୧ରେ ରିଷିଗଙ୍ଗାରେ ବନ୍ୟା ଯୋଗୁଁ ପ୍ରଳୟ ଆସିଥିଲା। କେଦାରନାଥ ବନ୍ୟାରେ ଜୁନ୍ ୧୫ରୁ ୧୭ ମଧ୍ୟରେ ହୋଇଥିଲା। ଏହି ପ୍ରଳୟଙ୍କାରୀ ବନ୍ୟାରେ ୫, ୭୦୦ରୁ ୬, ୦୦୦ ଲୋକ ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି। ସେହିପରି ୨୦୨୧ ଫେବୃଆରୀ ୭ରେ ନନ୍ଦାଦେବୀ ହିମପ୍ରବାହର ଭାଙ୍ଗିବା ଓ ବାଦଲ ଫଟା ବର୍ଷା ଫଳରେ ବନ୍ୟା ଆସିଥିଲା। ଏହି ବିପର୍ଯ୍ୟୟରେ ୨୦୦ ଲୋକ ମୃତ୍ୟୁବରଣ କରିଥିଲେ ବୋଲି ଅନୁମାନ କରାଯାଉଛି। ଏହି ଦୁଇଟି ବନ୍ୟାରେ ବିପୁଳ କ୍ଷୟକ୍ଷତି ହେବା ସହ ବହୁ ସଂଖ୍ୟାରେ ଲୋକ ମୃତାହତ ହେବା ସହ ନିଖୋଜ ହୋଇଥିଲେ।

## ବିହାର ଏସ୍‌ଆଇଆର୍‌କୁ ନେଇ ହଙ୍ଗାମା ଜାରି; ସଂସଦ ମୁଲତବୀ



ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ସଂସଦରେ ମୌସୁମୀ ଅଧିବେଶନ ଚାଲିଥିବା ବେଳେ ବୁଧବାର ଥିଲା ଏକାଦଶ ଦିବସ। ଅଧିବେଶନରେ ବିହାର ଏସ୍‌ଆଇଆର୍‌କୁ ନେଇ ହଙ୍ଗାମା ଜାରି ରହିଥିଲା। ଫଳରେ ରାଜ୍ୟସଭା ଓ ଲୋକସଭା ଗୁରୁବାର ପର୍ଯ୍ୟନ୍ତ ମୁଲତବୀ ରହିଛି। ପୋର୍ଟ, ସିପିଂ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ବୁଧବାର ଲୋକସଭାରେ ମର୍ଚ୍ଚାଣ୍ଟ ସିପିଂ ବିଲ୍ ଉପସ୍ଥାପନ କରିଥିଲେ। ବିରୋଧୀ ଦଳଗୁଡିକର ହଙ୍ଗାମା ମଧ୍ୟରେ ଏହି ବିଲ୍ ପାରିତ ହୋଇଥିଲା। କିନ୍ତୁ ଗୃହ ଆରମ୍ଭ ହେବା ମାତ୍ରେ ସକାଳେ ଦୁଇ ଗୃହରେ ବିରୋଧୀ ଦଳ ସଦସ୍ୟମାନେ ବିହାର ଭୋଟର ତାଲିକା ସଂଶୋଧନ ମାମଲାକୁ ନେଇ ହଙ୍ଗାମା ଆରମ୍ଭ କରିଥିଲେ। ଏଥିସହ ବରୋଧୀ ଦଳ ନେତାମାନେ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କୁ ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍-୨୦୨୫ ଓ ନ୍ୟାସନାଲ ଆଣ୍ଟି ଡୋପିଂ (ବିଧେୟକ)-୨୦୨୫କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବାକୁ ଦାବି କରିଥିଲେ। ଅନ୍ୟପଟେ ରାଜ୍ୟସଭାରେ ବିରୋଧୀ ଦଳର ନେତା ମିଲ୍ଲିକାର୍ଜୁନ ଖଡଗେ ବିହାର ଏସ୍‌ଆଇଆର୍ ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। କିନ୍ତୁ ତାଙ୍କର ଏସଂକ୍ରାନ୍ତ ନୋଟିସକୁ ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଖାରଜ କରିଦେଇଥିଲେ। ଲୋକସଭାରେ ଗୋଆ ରାଜ୍ୟ ବିଧାନସଭା କ୍ଷେତ୍ରରେ ଅନୁସୂଚିତ ଜାତିଗୁଡିକର ପ୍ରତିନିଧିତ୍ୱକୁର ପୁନଃ ସମାୟୋଜନ ବିଧେୟକ ତଥା ରିଆଡଜଷ୍ଟମେଣ୍ଟ ବିଲ୍- ୨୦୨୪ ମଧ୍ୟ ପାରିତ ହୋଇଥିଲା। ଏପର୍ଯ୍ୟନ୍ତ ସଂସଦରେ ୧୩ ଦିନ ମଧ୍ୟରୁ ମାତ୍ର ୨ ଦିନ ଚର୍ଚ୍ଚା ହୋଇଛି। ଅନ୍ୟଦିନମାନଙ୍କରେ ସଂସଦ ଅଚଳ ରହିଛି।

## କିଛି ନ ଜାଣି ଦୋଷ ଲଗାଉଛନ୍ତି ଟ୍ରମ୍ପ: ରୁଷ୍‌ଠୁ ଆମେରିକ କ'ଣ କିଣୁଛି ଜଣାନାହିଁ

ୱାଶିଂଟନ, ୬।୮ (ଏଜେନ୍ସି): ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ କ୍ରମାଗତ ଭାବେ ଧମକ ଦେଇ ଚାଲିଛନ୍ତି। ରୁଷ ସହ ବେପାର ବନ୍ଦ ନ କଲେ ଅଧିକ ଶୁଳ୍କ ଲଗାଇବେ ବୋଲି କହିଛନ୍ତି। ଭାରତ ପରୋକ୍ଷରେ ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଉଛି ବୋଲି ଟ୍ରମ୍ପ ଅଭିଯୋଗ ଲଗାଇଛନ୍ତି। କିନ୍ତୁ ଭାରତର ଅପ୍ରତ୍ୟାଶିତ ଜବାବକୁ ଆମେରିକା ସମ୍ଭାଳି ପାରିନାହିଁ। ଭାରତକୁ ଦୋଷ ଲଦୁଥିବା ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ରୁଷ୍ ସହ କାରବାର ଜାରି ରଖିଛନ୍ତି। ଆମେରିକା ମସ୍କୋଠାରୁ ୟୁରାନିୟମ ହେକ୍ସାଫ୍ଲୋରାଇଡ, ସାର ଏବଂ ରାସାୟନିକ ସାମଗ୍ରୀ ମଗାଉଛି ବୋଲି ଭାରତ କହିଛି। କିନ୍ତୁ ଭାରତ ବିରୋଧରେ ଅଭିଯୋଗ ଲଗାଉଥିବା ଆମେରିକା ରାଷ୍ଟ୍ରପତି ନିଜ ଦେଶ ରୁଷଠାରୁ କ'ଣ କ୍ରୟ କରୁଛି ତାହା ଜାଣିନାହାନ୍ତି। ଏ ବିଷୟରେ ସାମ୍ବାଦିକମାନେ ଆଜି ଟ୍ରମ୍ପଙ୍କୁ ପ୍ରଶ୍ନ କରିଥିଲା। ନିଜେ ରୁଷ୍ ସହ ବ୍ୟାବସାୟୀକ ସମ୍ପର୍କ ରଖି ଅନୁଚିତ ଭାବେ ଭାରତ ଉପରେ ଆମେରିକା ଦୋଷ ଲଦୁଥିବା କଥା ପଚାରି ଥିଲେ। ମସ୍କୋରୁ ୟୁରାନିୟମ, ସାର ଆଦି ଆଣୁଥିବା ପ୍ରଶ୍ନ କରିବାରୁ ତାଙ୍କ ପାଖରେ ଏହାର ସୂଚନା ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏହାର ଯାଞ୍ଚ କରାଇବାକୁ ପଡ଼ିବ ବୋଲି କହିଛନ୍ତି। ଏହା ପୂର୍ବରୁ ମଙ୍ଗଳବାର ରୁଷ ସହ ବ୍ୟବସାୟ ନେଇ ଆମେରିକା କରିଥିବା ଅଭିଯୋଗର ଜବାବ ଦେଇଥିଲା ଭାରତୀୟ ବିଦେଶ ମନ୍ତ୍ରାଳୟ। ତୈଳ କିଣାକୁ ନେଇ ଭାରତ ଓ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ରାଷ୍ଟ୍ରୀୟର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଭେଟିବେ। ସେ ମଧ୍ୟ ରୁଷ ସରକାରଙ୍କ ବରିଷ୍ଠର ଅଧିକାରୀମାନଙ୍କୁ ଭେଟିଛନ୍ତି। ତୈଳ କିଣା, ଟାରିଫ୍ ଓ ଏସ୍-୪୦୦ କିଣିବା ନେଇ ସେ ରୁଷର ନେତାମାନଙ୍କ ଆଲୋଚନା କରିବେ। ଏଥିସହ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଉନ୍ନତି ପାଇଁ ମଧ୍ୟ ସେ ଆଲୋଚନା କରିବେ।

### ରୁଷ୍‌ରେ ଡୋଭାଲ୍

## ସିନ୍ଧୁ ନଦୀ ମୁହାଣରେ ୮୦ ପ୍ରତିଶତ ଜଳ ହ୍ରାସ

ଇସ୍‌ଲାମାବାଦ୍, ୬।୮ (ଏଜେନ୍ସି): ପାକିସ୍ତାନର ସବୁଠାରୁ ବଡ଼ ନଦୀ ସିନ୍ଧୁ ନଦୀର ଡେଲ୍ଟା ଅର୍ଥାତ ମୁହାଣ ଅଞ୍ଚଳରେ ଏବେ ଜନଜୀବନ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ନଦୀର ଉପର ଅଞ୍ଚଳରେ ବନ୍ଧ ଓ କେନାଲ ଦ୍ୱାରା ପାଣି ଅଟକାଯିବ ଫଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଫଳରେ ସିନ୍ଧୁ ନଦୀ ଡେଲ୍‌ଟାରେ ଜଳ ୮୦ ପ୍ରତିଶତ କମିଛି। ୧୯୫୦ ଦଶକ ପରେ ପ୍ରଥମଥର ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ପାଣି ନ ଥିବାରୁ ସମୁଦ୍ର ତଥା ଆରବ ସାଗରରୁ ଲୁଣିଆ ପାଣି ମୁହାଣ ଭିତରକୁ ପସି ଆସିଛି। ଫଳରେ ଏହି ଅଞ୍ଚଳର ସ୍ଥାନ ସବୁ ଲୁଣିଆ ହୋଇଛି। ତେଣୁ ଏଠାରେ ଚାଷବାସ ବନ୍ଦ ହୋଇଯାଇଛି। ଏଠାରେ ମାଛଙ୍କ ସଂଖ୍ୟାରେ ଯଥେଷ୍ଟ କମିଛି ଓ କଂକଡା ଅନ୍ୟ ଜନ୍ତୁମାନଙ୍କ ଜୀବନ ବିପନ୍ନ ହୋଇଛି। ପାଣି ଏକପ୍ରକାର ବିଶାକ୍ତ ହୋଇଛି ଓ ଏହି ସ୍ଥାନ ଆଉ ବାସ ଉପଯୋଗୀ ହୋଇ ରହିନାହିଁ। ଏଠାରେ ୮୦ ପ୍ରତିଶତ ଜଳ ପାନୀୟ ଯୋଗ୍ୟ ନୁହଁ ବୋଲି ସିନ୍ଧୁ ସରକାରଙ୍କ ତରଫରୁ କୁହାଯାଇଛି। ଏହି ଡେଲ୍ଟାରେ ଏକଦା ୧୭ ଛୋଟ ଛୋଟ ନଦୀ ବହୁଥିଲା। ସନ୍ତସନ୍ତିଆ ଜମି, ଲୁଣି ଜଙ୍ଗଲ ଓ ମାଛ୍‌ରେ ଭରପୂର ଥିବା କାଦୁଆ ପଡ଼ିଆ ଥିଲା। ଏବେ ଏହାର ମାଟି ଲବଣ ଯୁକ୍ତ ହେବା ସହ ପାଣି ବିଷାକ୍ତ ହୋଇଛି। ସମୁଦ୍ର ଲୁଣି ପାଣି ଏବେ ସମଗ୍ର ଡେଲ୍ଟା ଅଞ୍ଚଳକୁ ପଶି ଆସିଲାଣି। ଗତ ୨୦ ବର୍ଷ ମଧ୍ୟରେ ଏହି ଡେଲ୍ଟ ଅଞ୍ଚଳରେ ଲୋକ ସଂଖ୍ୟା ୧୨ ଲକ୍ଷ କମ୍ ହୋଇଛି। ଏହି ସ୍ଥାନ ଛାଡି ଲୋକେ କରାଚୀ ଭଳି ସହରକୁ ପଳାୟନ କରିଛନ୍ତି। ସିନ୍ଧୁ ନଦୀ ପାଣି ରୋକା ଯାଉଥିବାରୁ ଏହି ଅଞ୍ଚଳରେ ଏକାଧିକବାର ବିରୋଧ ପ୍ରଦର୍ଶନ କରାଯାଇଛି।

## ନୂଆଦିଲ୍ଲୀରେ ୪ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଅଧିକ ଚାଉଳ ଉଠାଇବାକୁ ଅନୁରୋଧ



ଭୁବନେଶ୍ୱର,୬।୮ (ସମିସ): ନୂଆଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୁଧବାର ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ରାଜ୍ୟର ଦାବି ଉପସ୍ଥାପନ କରିଛନ୍ତି। ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏଥିରେ ହସ୍ତକ୍ଷେପ ନିମନ୍ତେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଅନୁରୋଧ କରିଛନ୍ତି । ଏହା

### ମହାନଦୀ ସମସ୍ୟାର ସମାଧାନ ପାଇଁ ଜଳଶକ୍ତି ମନ୍ତ୍ରୀଙ୍କ ସହ ଆଲୋଚନା

ସହ ଆଗାମୀ ଖରିଫରେ ବଳକା ଧାନକୁ ଦୃଷ୍ଟିରେ ରଖି ଚାଉଳ ସଂଗ୍ରହ ଲକ୍ଷ୍ୟକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ସେହିପରି ମହାନଦୀ ଜଳବିବାଦ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲଙ୍କ ସହ ଆଲୋଚନା ସହ କରିଥିବା ନେଇ ନିଜେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟସ୍ୱାର୍ଥ ଦୃଷ୍ଟିରୁ ଏହି ଦୁଇଟି ପ୍ରସଙ୍ଗ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ଓଡ଼ିଶାର ଦାବିକୁ କେନ୍ଦ୍ର ସରକାର କେତେ ଗୁରୁତ୍ୱ ଦେଉଛନ୍ତି, ସେନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି। ତେବେ ଏହି ଗସ୍ତ ସମୟରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଓ ଭାରିଶିଳ୍ପ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କୁ ସାକ୍ଷାତ କରିଥିଲେ ହେଁ ଉଭୟ ନେତାଙ୍କ ସହ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

ସୂଚନାଯୋଗ୍ୟ ଯେ ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ ନିଜର ପୂର୍ବ ସ୍ୱଭାବ ଛାଡ଼ି ପାରିନାହିଁ। ବାରମ୍ବାର ଦାବି ସତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଖରିଫ ଏବଂ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଉ ନଥିବା ବେଳେ ଏହା ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ପହଞ୍ଚାଇବ ବୋଲି ଖୋଦ୍ ରାଜ୍ୟ ସରକାର ଆଶଙ୍କା କରୁଛନ୍ତି। ଏନେଇ ପୂର୍ବରୁ ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ସାକ୍ଷାତ କରି ବଳକା ଚାଉଳ ଉଠାଇବାକୁ ଦାବି କରିଥିଲେ। କେନ୍ଦ୍ର ସରକାର ଏନେଇ ବିଶେଷ ଦୃଷ୍ଟି ଦେଇନଥିବା ବେଳେ ଗତ ୨୮ ତାରିଖରେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ସମାନ ଦାବି ଦୋହରାଇଥିଲେ। ଏଫସିଆଇ ଦ୍ୱାରା ବଳକା ଚାଉଳ ସ୍ଥାନାନ୍ତରର ଧୀର ଗତି ସମଗ୍ର ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ଦେଉଛି। ତେଣୁ ଏହାକୁ ତ୍ୱରାନ୍ୱିତ କରିବାକୁ ଦାବି ଜଣାଇଥିଲେ ଶ୍ରୀ ସିଂହଦେଓ। ଆଜି ମୁଖ୍ୟମନ୍ତ୍ରୀ ପୁଣିଥରେ ଚାଉଳ ଉାଣ ଲକ୍ଷ୍ୟ ଧାର୍ଯ୍ୟ ବୃଦ୍ଧି ପାଇଁ ଦାବି କରିବା ସହ ଏଫସିଆର ମାସିକ ଚାଉଳ ଉଠାଣ ବୃଦ୍ଧି କରିବାକୁ ଦାବି କରିଛନ୍ତି।

## ନିଯୁକ୍ତି ପାଇଁ ବିଭାଗ ଚିଠିକୁ ପୂରିଲାଣି ବର୍ଷେ

# ପୂରଣ ହେଲାନି ୫୪୪୩ ଜିଆର୍‌ଏସ୍ ପଦ

ଭୁବନେଶ୍ୱର,୬।୮ (ସମିସ): ରାଜ୍ୟରେ ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥା ହୁଗୁଳିବାରେ ଲାଗିଛି। ଗୋଟିଏ ପଟେ ଉନ୍ନୟନମୂଳକ କାମ ଠପ୍ ହୋଇ ପଡ଼ିଥିବା ବେଳେ ସରକାର ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ। ରୋଜଗାର ସହାୟକ(ଜିଆରଏସ) ନିଯୁକ୍ତି ଏହାର ଜ୍ୱଳନ୍ତ ଉଦାହରଣ। ପ୍ରାୟ ବର୍ଷେରୁ ଅଧିକ ହେଲାଣି ରାଜ୍ୟର ୫୪୪୩ ପଞ୍ଚାୟତରେ ଜିଆରଏସ ପଦବୀ ଖାଲି ପଡ଼ିଥିଲେ ହେଁ ଏହାକୁ ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମେତ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଜିଆରଏସମାନଙ୍କରଗୁରୁତ୍ୱପୂର୍ଣ୍ଣଭୂମିକାରହିଥାଏ। ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ରୋଜଗାର ସୁରକ୍ଷା କ୍ଷେତ୍ରରେ ଏହି ଯୋଜନା ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଆସିଛି। ତେବେ ସରକାର ଏହି ପଦବୀଗୁଡ଼ିକ ପୂରଣ ନ କରି ସେମାନଙ୍କର ଜୀବନ, ଜୀବିକାକୁ ବିପନ୍ନ କରିଛନ୍ତି ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ପୂର୍ବରୁ ଗ୍ରାମାଞ୍ଚଳରେ ଜିଆରଏସ ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସରକାର ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ଭାବେ ପଦୋନ୍ନତି ପ୍ରଦାନ ପରେ ଆଉ ଜିଆରଏସ୍ ନିଯୁକ୍ତି ହୋଇନାହିଁ। ଜିଆରଏସମାନଙ୍କୁ ସାଧାରଣତଃ ମାସିକ ୭୦୦୦ ଟଙ୍କା ହିସାବରେ ଦରମା ପ୍ରଦାନ ମିଳିଥାଏ। କେନ୍ଦ୍ର ସରକାର ଏହି ଦରମା ଅର୍ଥ ପ୍ରଦାନ କରୁଥିବା ବେଳେ ଏ ବାବଦରେ ଓଡ଼ିଶା ୫୦ କୋଟି ଟଙ୍କାର ରାଜସ୍ୱ ପାଇଥାଏ। ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ବାର୍ଷିକ ୧୦୦ ଦିନର କାମ ଯୋଗାଇ ଦେବାରେ ଜିଆରଏସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଜବକାର୍ଡ ପାଇଁ ପଞ୍ଜୀକରଣ, ବିତରଣ, ଗ୍ରାମ ସଭା ଡକାଇବା ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଜିଆରଏସଙ୍କ ଉପରେ ନ୍ୟସ୍ତ ଥାଏ। ପଞ୍ଚାୟତ ବିକାଶରେ ଜିଆରଏସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ହେଁ ସେମାନଙ୍କ ନିଯୁକ୍ତିକୁ ବର୍ଷାଧିକ କାଳ ବିଳମ୍ବ କରାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ମନରେଗା କାମ ଠପ୍, ଉନ୍ନୟନ କାମ ବାଧାପ୍ରାପ୍ତ

ଜିଆରଏସ ପଦବୀ ପୂରଣ ପାଇଁ ଗତ ବର୍ଷ ଅଗଷ୍ଟ ପହିଲାରେ ତତ୍‌କାଳୀନ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ସୁଶୀଲ ଲୋହାନୀ ରାଜ୍ୟର ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ରାଜ୍ୟରେ ସଂଖ୍ୟାଧିକ ଜିଆରଏସ ପଦବୀ ଖାଲି ଥିବାରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟାନ୍ୱୟନ ପ୍ରଭାବିତ ହେଉଥିବା ନେଇ ସେ ଚିଠିରେ ଉଦବେଗ ପ୍ରକାଶ ମଧ୍ୟ କରିଥିଲେ। ପଦବୀ ପୂରଣପାଇଁଆବଶ୍ୟକୀୟପଦକ୍ଷେପନେବାକୁଶ୍ରୀ ଲୋହାନୀ ସେତେବେଳେ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ଯାହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରି ପଦବୀ ପୂରଣ କରିବାକୁ ସାଧାରଣରେ ଦୃଢ଼ ଦାବି କରାଯାଇଛି।

# ଅଧ୍ୟାପକଶୂନ୍ୟ 'ଉତ୍କଳ' ଆଇନ ବିଭାଗ

ଭୁବନେଶ୍ୱର,୬।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ବିଭାଗରେ ଶୈକ୍ଷିକ ସଙ୍କଟ ଦେଖାଦେଇଛି। ପାଠ ପଢ଼ାଇବାକୁ କେହି ଅଧ୍ୟାପକ ନାହାନ୍ତି। ବିଭାଗୀୟ ମୁଖ୍ୟ ମାସେ ତଳୁ ଅବସର ନେଇ ସାରିଛନ୍ତି। ଜଣେ ସଂଯୋଜକରେ ବିଭାଗ ଚାଲୁଛି। ପାଠପଢ଼ା ହେଉ ନ ଥିବାରୁ ଛାତ୍ରଛାତ୍ରୀମାନେ ମଧ୍ୟ ଆସୁନାହାନ୍ତି। ଶିକ୍ଷାଦାନ ଏକ ପ୍ରକାର ଠପ୍ ହୋଇଯାଇଛି। ଏପରି ସ୍ଥିତିରେ ଗବେଷଣା (ପିଏଚ୍‌ଡି) ପାଠ୍ୟକ୍ରମ ଅବସ୍ଥା ଆହୁରି ଶୋଚନୀୟ। ପ୍ରାଧ୍ୟାପକ ନ ଥିବାରୁ ରାଜ୍ୟର ଏହି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ କୌଣସି

- ■ ଶିକ୍ଷାଦାନ ଠପ୍, ପିଏଚ୍‌ଡି ନାମଲେଖା ବନ୍ଦ
- ■ ଦୀର୍ଘ ବର୍ଷରୁ ଅପଡେଟ୍ ହେଉନି ୱେବ୍‌ସାଇଟ୍

ଛାତ୍ରଛାତ୍ରୀ ପିଏଚ୍‌ଡି କରିପାରିବେ ନାହିଁ। ଯେଉଁମାନେ ପୂର୍ବରୁ ନାମ ଲେଖାଇଛନ୍ତି, ଭଗବାନଙ୍କ ଭରସାରେ ବସିଛନ୍ତି। କେବେ ନିୟମିତ ଅଧ୍ୟାପକ ନିଯୁକ୍ତି ହେବେ ଏବଂ ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟ ସ୍ୱାଭାବିକ ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଶ୍ୱବିଦ୍ୟାଳୟ ଆଇନ ବିଭାଗରୁ ଗତ ଜୁନ୍ ୩୦ତାରିଖରେ ବିଭାଗୀୟ ମୁଖ୍ୟ ମନୋଜ କୁମାର ସାହୁଆଲ ଅବସର ନେଇଛନ୍ତି। ଏହାପରେ ଶିକ୍ଷାଦାନ କରିବାକୁ ଆଉ କେହି ନାହାନ୍ତି। ଫଳରେ ଶିକ୍ଷାଦାନ ପୂରାପୂରି ଠପ୍ ହୋଇଯାଇଛି। ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପଢ଼ିବାକୁ ମଧ୍ୟ ଆସୁ ନାହାନ୍ତି। ଏପରିସ୍ଥିତିରେ ପିଏଚ୍‌ଡି ନାମଲେଖା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଚଳିତବର୍ଷ ଗାଇଡ୍ ଅଭାବରୁ ପିଏଚ୍‌ଡି ନାମଲେଖା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପରିଚାଳିତ ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ମଧ୍ୟ ପିଏଚ୍‌ଡି ପଞ୍ଜୀକରଣ କରିପାରୁ ନାହାନ୍ତି। ନେଟ୍ ପରୀକ୍ଷା କୃତକାର୍ଯ୍ୟ ହେବାର ଏକବର୍ଷ ମଧ୍ୟରେ ପିଏଚ୍‌ଡି ପଞ୍ଜୀକରଣ ବାଧ୍ୟତାମୂଳକ ହୋଇଥିବାରୁ କୃତୀ ଛାତ୍ରଛାତ୍ରୀମାନେ ହରଡ଼ଘଣାରେ ପଡ଼ିଛନ୍ତି। କେଉଁ ଭୁଲ୍ ପାଇଁ ସେମାନେ ପିଏଚ୍‌ଡି ପଞ୍ଜୀକରଣ କରିବାରୁ ବଞ୍ଚିତ ହେବେ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟକୁ ସ୍ୱାଭାବିକ କରିବାକୁ କେବେ ଅଧ୍ୟାପକ ନିଯୁକ୍ତି ଦେବେ ବୋଲି ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ବିଭାଗରେ ଶିକ୍ଷାଦାନ କରିବାକୁ ବାସ୍ତବରେ କେହି ନଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ମାଳମାଳ ଅଧ୍ୟାପକ ରହିଛନ୍ତି। ଜୁନ୍ ମାସରେ ଅବସର ନେଇଥିବା ଶ୍ରୀ ସାହୁଆଲଙ୍କୁ ବିଭାଗୀୟ ମୁଖ୍ୟ ଭାବେ ଦର୍ଶାଯାଇଛି। ଏହାସହ ବହୁ ବର୍ଷ ଆଗରୁ ଅବସରନେଇସାରିଥିବା ଡ. ଜ୍ଞାନେନ୍ଦ୍ର ସାହୁ ଓ ପ୍ରଫେସର ଏସ୍ କେ ନନ୍ଦଙ୍କୁ ଅଧ୍ୟାପକ ଦର୍ଶାଇଛି। ବିଶ୍ୱବିଦ୍ୟାଳୟ ୱେବସାଇଟ୍ ପରିଚାଳନା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଦୀର୍ଘ ବର୍ଷ ହେଲା ଏହା ଅପଡେଟ୍ କରାଯାଉ ନ ଥିବା ସ୍ପଷ୍ଟ ହୋଇଛି। ନାମଲେଖା ପୂର୍ବରୁ ଛାତ୍ରଛାତ୍ରୀମାନେ ୱେବସାଇଟ୍‌ରେ ଏହାକୁ ଦେଖି ଭ୍ରମିତ ହେବାସହ ନାମ ଲେଖାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଜଣେ ଛାତ୍ରୀଙ୍କ କହିବା କଥା, ପାଠ ପଢ଼ା ହେଉ ନ ଥିବାରୁ ଅଧିକାଂଶ ପିଲା କ୍ୟାମ୍ପସ୍‌କୁ ଆସୁ ନାହାନ୍ତି। ହେଲେ ଉପସ୍ଥାନ କମ୍ ରହୁଥିବା ଦର୍ଶାଇ କର୍ମଚାରୀ ନାଲିଆଖି ଦେଖାଉଛନ୍ତି। ଅନ୍ୟପଟେ ପାଠପଢ଼ା ନ ହେଲେ ସେମାନେ କାହିଁକି ଆସିବେ ବୋଲି ପ୍ରଶ୍ନ କରିବା ସହ ତୁରନ୍ତ ଅଧ୍ୟାପକ ନିଯୁକ୍ତି କରା ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

# ବିରିଡ଼ି ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ

ଜଗତସିଂହପୁର,୬।୮ (ସମିସ): ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନାରେ ଜଣେ ଯୁବକଙ୍କୁ ଅମାନୁଷିକ ଭାବେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ଏସ୍‌ପିଭବାନୀଶଙ୍କରଉଦଗାତାଙ୍କ ନିର୍ଦ୍ଦେଶରେ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି।



ସୂଚନା ମୁତାବକ, ଗତ ୨୫ ତାରିଖରେ ବିରିଡ଼ି ବ୍ଲକ କାର୍ଯ୍ୟାଳୟରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଚାଲିଥିବାବେଳେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ବାଲିଆ ଅଞ୍ଚଳର ପାର୍ଥସାରଥି ଦାସ ନାମକ ଜଣେ ଯୁବକଙ୍କୁ ବିରିଡ଼ି ପୁଲିସ ଉଠାଇ ନେଇ ନିଷ୍ଠୁର ମାଡ଼ ଦେଇଥିବା ପୀଡ଼ିତ ଏସ୍‌ପି ଭବାନୀ ଶଙ୍କର ଉଦଗାତା ଓ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପାର୍ଥସାରଥିଙ୍କ ଅଭିଯୋଗ ଅନୁଯାୟୀ, ସେ ଜୁଲାଇ୨୫ ତାରିଖଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟରେ ତାଙ୍କର ଏକ କାମର ବିଲ୍ ବାବଦରେ କଥା ହେଉଥିବାବେଳେ ହଠାତ୍ କିଛି ଲୋକ ତାଙ୍କ ଉପରେ ଆକ୍ରମଣ କରିବା ସହ ସାର୍ଟକୁ ଟାଣି ଛିଣ୍ଡାଇ ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ବିରିଡ଼ି ଥାନା ଆଇଆଇସି ତାଙ୍କୁ ଜବରଦସ୍ତ ଥାନାକୁ ନେଇଯାଇଥିଲେ। ସେଠାରେ ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର ସହିତ ଅମାନୁଷିକ ଭାବେ ମାଡ଼ ମରା ଯାଇଥିଲା। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ ପାର୍ଥସାରଥି। ଏ

### ଏସ୍‌ପିଙ୍କ ନିର୍ଦ୍ଦେଶରେ ଗଠିତ ଟିମ୍‌ର ତଦନ୍ତ ଆରମ୍ଭ

ସମ୍ପର୍କରେ ବିରିଡି ଆଇଆଇସି ସବ୍ୟସାଚୀ ରାଉତଙ୍କ ପ୍ରତିକ୍ରିୟା ମିଳି ନ ଥିବାବେଳେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା କହିଛନ୍ତି, ଏହି ଘଟଣାର ତଦନ୍ତ ପାଇଁ ଏଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରୁଛି। ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଶ୍ରୀ ଉଦ୍‌ଗାତା ସୂଚନା ଦେଇଛନ୍ତି।

■ ବାଲିଚନ୍ଦ୍ରପୁରଥାନାରେଅଭିଯୁକ୍ତଙ୍କୁମାଡ଼ଘଟଣା

# ଗୃହ ବିଭାଗର ତଦନ୍ତ ନିର୍ଦ୍ଦେଶ

ଯାଜପୁର/ବାଲିଚନ୍ଦ୍ରପୁର, ୬।୮ (ସମିସ): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନାରେ ମହିପୁର ଗ୍ରାମର ଅଭିଯୁକ୍ତ ରମେଶ ମଲ୍ଲିକ ଓରଫ ବାଦଲଙ୍କୁ ପୁଲିସର ନିର୍ଯାତନା ଘଟଣା ଗୃହ ବିଭାଗ ପକ୍ଷରୁ ଏହାର ତଦନ୍ତ କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏକ ଗଣ୍ଡଗୋଳ ଘଟଣାରେ ବାଦଲଙ୍କୁ ବାଲିଚନ୍ଦ୍ରପୁର ପୁଲିସ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଥିବା ବେଳେ ପୁଲିସ ନିର୍ଯାତନା ଦେବାରୁ ସେ ବିଷ ପିଇ ଦେଇଥିଲା। ବାଦଲଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବାଦଲ ଅସୁସ୍ଥ ହେବା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ଆଜି ସେ ସୁସ୍ଥ ହେବା ପରେ ତାକୁ ଘରେ ଛାଡି ଦିଆଯାଇଥିବା ଯାଜପୁର ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି। ତେବେ ଥାନା ଭିତରେ ଏଭଳି ବିଷ କେଉଁଠୁ ଆସିଲା ଏବଂ କିଭଳି ସେ ବିଷ ପିଇବାକୁ ସୁଯୋଗ ପାଇଲା ତାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଆସନ୍ତା ୧୧ ତାରିଖରେ କଂଗ୍ରେସ ପକ୍ଷରୁ ଥାନା ଘେରଉ କରାଯିବ ବୋଲି ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ସିବିଏସ୍‌ଇ ପରୀକ୍ଷା ପାଇଁ ୭୫% ଉପସ୍ଥାନ ଜରୁରୀ

ଭୁବନେଶ୍ୱର, ୬।୮ (ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେବା ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ। ଏନେଇ ସିବିଏସଇ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ମେଡିକାଲ ପରି ଜରୁରୀ ପରିସ୍ଥିତି କିମ୍ବା ଅନ୍ତର୍ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିଲେ ୨୫ ପ୍ରତିଶତ ଉପସ୍ଥାନ ଛାଡ଼ କରାଯିବ; କିନ୍ତୁ ଏଥିପାଇଁ ବୈଧ କାଗଜପତ୍ର ଦେବାକୁ ପଡ଼ିବ ବୋଲି ସ୍ପଷ୍ଟ କରାଯାଇଛି। ଡମି ପରୀକ୍ଷାର୍ଥୀମାନଙ୍କୁ ରୋକିବା ପାଇଁ ସିବିଏସଇ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛି।

ପ୍ରକୃତ ଉପସ୍ଥାନ ପାଇଁ ବିଦ୍ୟାଳୟରେ ଅଚାନକ ଯାଞ୍ଚ କରାଯିବ। ହେରଫେର ହୋଇଥିଲେ ଶୂନ୍ୟ ସହନଶୀଳ ନୀତି ଆପଣାଇ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ମାର୍ଗଦର୍ଶିକାରେ କୁହାଯାଇଛି ଯେ ସ୍କୁଲ କେବଳ ଏକ ପାଠପଢ଼ା କେନ୍ଦ୍ର ନୁହେଁ, ଏହା ଶିକ୍ଷାର୍ଥୀର ବୌଦ୍ଧିକ, ଶାରୀରିକ ଓ ମାନସିକ ବିକାଶ କରିଥାଏ। ସ୍କୁଲରେ ଶିକ୍ଷାର୍ଥୀର ଚରିତ୍ର ଗଠନ, ଅନ୍ୟାନ୍ୟ ଶିକ୍ଷା, ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି, ସହଯୋଗିତା ଓ ବିବିଧତାର ମଧ୍ୟ ବିକାଶ ହୋଇଥାଏ। ନିୟମିତ ସ୍କୁଲ ଆସିଲେ ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ହୋଇପାରିବ। ବାର୍ଷିକ ପରୀକ୍ଷା ପୂର୍ବରୁ ଅର୍ଥାତ୍ ଜାନୁଆରୀ ୭ ତାରିଖ ସୁଦ୍ଧା ସିବିଏସଇର ଆଞ୍ଚଳିକ କେନ୍ଦ୍ରରେ ସମସ୍ତ କାଗଜପତ୍ର ଜମା କରିବାକୁ ବିଦ୍ୟାଳୟଗୁଡ଼ିକ ନିର୍ଦ୍ଦେଶ ଦିଆଯାଇଛି।

# ବ୍ୟାବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବାଧ୍ୟତାମୂଳକ

ଭୁବନେଶ୍ୱର, ୬।୮ (ସମିସ): ରାଜ୍ୟର ପ୍ରତ୍ୟେକ ବ୍ୟାବସାୟିକ ପ୍ରତିଷ୍ଠାନରେ ରହିବ ଓଡ଼ିଆ ନାମଫଳକ। ଏହି ନିୟମକୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନେ ନିଶ୍ଚିତ ଭାବେ ସେମାନଙ୍କ ସାଇନ ବୋର୍ଡ ବା ନାମଫଳକର ମୋଟ କ୍ଷେତ୍ରଫଳର ଅନ୍ୟୂନ ୬୦ ପ୍ରତିଶତ ଭାଗରେ ଓଡ଼ିଆ ଭାଷାର ଲିପି ବ୍ୟବହାର କରିବେ। ନିର୍ଦ୍ଦେଶନାମା ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପ୍ରତ୍ୟେକ ଦିନ ୫ଶହ ଟଙ୍କା ଜରିମାନା ଆଦାୟ କରାଯିବ। ବୁଧବାର ଏ ସଂପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଆରେ ନାମଫଳକ

- ■ ମାନିଲେ ପ୍ରୋତ୍ସାହନ, ନ ମାନିଲେ ଜରିମାନା
- ■ ନାମଫଳକ ସଂଶୋଧନ ପାଇଁ ୫୫ ଦିନର ସମୟ

ଲେଖିଥିବା ଦୋକାନ ମାଲିକଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ନିର୍ଦ୍ଦେଶନାମା ଅନୁସାରେ, ଅନୁପାଳନକାରୀଙ୍କୁ ଆଗାମୀ ଟ୍ରେଡ୍ ଲାଇସେନ୍ସ ନବୀକରଣ ସମୟରେ ଦେୟର ୫ ପ୍ରତିଶତ ରିହାତି ପ୍ରଦାନ କରାଯିବ। ନିର୍ଦ୍ଦେଶନାମା ଅନୁପାଳନ କରୁ ନ ଥିବା ପ୍ରତିଷ୍ଠାନମାନଙ୍କୁ ନୋଟିସ ଦିଆଯାଇ ନାମଫଳକ ସଂଶୋଧନ ପାଇଁ ୫୫ ଦିନ ମହଲତ ଦିଆଯିବ। ତେବେ ସଂଶୋଧନ ହେବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ ଟଙ୍କା (ପାଞ୍ଚଶହ ଟଙ୍କା ମାତ୍ର) ଜରିମାନା ଲାଗୁ ହେବ।

ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ ରାଜ୍ୟର ସମସ୍ତ ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ନିଜ ନିଜ ନାମଫଳକରେ ଓଡ଼ିଆ ଭାଷା ଲିପିକୁ ପ୍ରାଧାନ୍ୟ ଦେବାକୁ ନିଶ୍ଚିତ କରିବେ। ପୌର ସଂସ୍ଥାଗୁଡ଼ିକ ଟ୍ରେଡ ଲାଇସେନ୍ସ ନବୀକରଣ ଓ ନିରୀକ୍ଷଣ ସମୟରେ ଅନୁପାଳନ ଯାଞ୍ଚ ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଶେଷକରି ନିର୍ଦ୍ଦେଶର ପରିପାଳନ ସୁନିଶ୍ଚିତ କରିବେ। ନିର୍ଦ୍ଦେଶର ଅନୁପାଳନ ସୁନିଶ୍ଚିତ କରି ୬୦ ଦିନ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଅନୁରୋଧ କରାଯାଇଛି।

# ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ଆଶଙ୍କା

ଭୁବନେଶ୍ୱର,୬।୮ (ସମିସ): ଓଡ଼ିଶାରେ ବର୍ତ୍ତମାନ ମୌସୁମୀ ବାୟୁ ନିଷ୍କ୍ରିୟ ରହିଛି। ଏଥିପାଇଁ ଗତ କିଛି ଦିନ ହେବ ରାଜ୍ୟରେ ଆଖିଦୃଶିଆ ଭାବେ ବର୍ଷାର ପ୍ରଭାବ କମିଛି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଏଭଳି ଧାରା ଜାରି ରହିବାର ସମ୍ଭାବନା ରହିଛି। ମାତ୍ର ଗୁରୁବାର ଓ ଶୁକ୍ରବାର ଉତ୍ତର ଓଡ଼ିଶାର କିଛି କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ଅଧିକ ବର୍ଷାର ଆଶଙ୍କା କରାଯାଉଛି। ଗୁରୁବାର ଦକ୍ଷିଣ ବଂଲାଦେଶ ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବା ବେଳେ ଏହାର ପ୍ରଭାବରେ ବର୍ଷା ନେଇ ଆକଳନ କରାଯାଉଛି। ଏଥିପାଇଁ ଗୁରୁବାର କେନ୍ଦୁଝର, ସୁନ୍ଦରଗଡ଼ ଓ ସମ୍ବଲପୁରରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅବଶିଷ୍ଟ ଅଞ୍ଚଳରେ ପାଗ ଶୁଖିଲା ରହିବାକୁ ଥିବାବେଳେ କିଛି ସ୍ଥାନରେ କୋହଲା ପାଗର ଆଶଙ୍କା କରାଯାଉଛି। ଆସନ୍ତା ୧୩ ତାରିଖ ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏହା ପରେ ରାଜ୍ୟରେ ପୁଣି ମୌସୁମୀ ସକ୍ରିୟ ହୋଇ ଭଲ ବର୍ଷା କରାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

# ସବୁ ସରକାରୀ କୋଠାର ରଙ୍ଗ ବଦଳିବ

ଭୁବନେଶ୍ୱର,୬।୮ (ସମିସ): ସରକାରୀ କୋଠାଗୁଡ଼ିକରେ ରଙ୍ଗ ପରିବର୍ତ୍ତନ ପାଇଁ ପୁଣି ଥରେ ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ସରକାର। ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମାରେ ରାଜ୍ୟର ସମସ୍ତ ନୂତନ ସରକାରୀ କୋଠା ଓ ମରାମତି ସମୟରେ ପୁରୁଣା କୋଠାଗୁଡ଼ିକୁ ଗୋଟିଏ ପ୍ରକାର ରଙ୍ଗ କରିବାକୁ କୁହାଯାଇଛି। ଗତବର୍ଷ ଅକ୍ଟୋବର ମାସରେ ସରକାରଙ୍କ ପକ୍ଷରୁ ସମାନ ନିର୍ଦ୍ଦେଶନାମା ଜାରି କରାଯିବା ସହିତ ସରକାରୀ କୋଠାଗୁଡ଼ିକର ଗେରୁଆ ରଙ୍ଗ କରିବାକୁ ସବୁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ନୂଆ ସରକାର ଗଠନ ପରଠାରୁ ବିଭିନ୍ନ ସରକାରୀ କୋଠା, ବସ୍, ସ୍କୁଲ୍ ପୋଷାକ, ନାମ ଫଳକ ଏମିତି କି କ୍ଷୀର ପ୍ୟାକେଟ୍ ଆଦିର ରଙ୍ଗ ବଦଳାଇବା ପ୍ରକ୍ରିୟା ଜାରି ରହିଛି। ନୂଆ କରି ନିର୍ମାଣ ହୋଇଥିବା ବିଭିନ୍ନ ହସ୍ପିଟାଲ, ମେଡିକାଲ କଲେଜ ଓ ଅନ୍ୟ ପ୍ରତିଷ୍ଠାନ ଆଦିର ମଧ୍ୟ ରଙ୍ଗପରିବର୍ତ୍ତନ କରାଯାଉଛି। ଗତ ଅକ୍ଟୋବର ମାସରେ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ସବୁ ବିଭାଗର ଇଂଜିନିୟରିଂ ମୁଖ୍ୟଙ୍କୁ ଚିଠି ଲେଖାଯାଇ ସରକାରୀ କୋଠାର ରଙ୍ଗ ପରିବର୍ତ୍ତନ ନେଇ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରଠାରୁ ବାହାର କାନ୍ଥର ରଙ୍ଗ କମଳା ଏବଂ ବର୍ଡର ଲାଲ୍ ରହିଥିଲା। ମାତ୍ର ପୂର୍ବରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଓ ନୂତନ ନିର୍ଦ୍ଦେଶନାମାର ରଙ୍ଗ କୋଡ୍‌ରେ ସାମାନ୍ୟ କିଛି ପରିବର୍ତ୍ତନ ହୋଇଛି। ନୂତନ ନିର୍ଦ୍ଦେଶନାମାରେ ବର୍ଡରରୁ ରେଡ୍ ହଟାଇବାକୁ ନିଷ୍ପତ୍ତି ହୋଇଛି।

## ଆଜି ଜାତୀୟ ହସ୍ତତନ୍ତ ଦିବସ

# ବୁଣାକାର ଓ କାରିଗରଙ୍କ ତଣ୍ଟି ଚିପିଛି ଜିଏସ୍‌ଟି

ଭୁବନେଶ୍ୱର,୬।୮ (ସମିସ): ଗୋଟିଏ ପଟେ ରାଜ୍ୟ ହସ୍ତତନ୍ତକୁ ମିଳିଥିବା ଜିଆଇ ଟ୍ୟାଗ୍ (ଭୌଗୋଳିକ ସଙ୍କେତ) ହସ୍ତତନ୍ତ ଶିଳ୍ପକୁ ଏକ ସକ୍ରିୟ ବଜାର ଯୋଗାଇଥିବା ବେଳେ ଏହି ସାମଗ୍ରୀ ବିକ୍ରି କ୍ଷେତ୍ରରେ ବାଧକ ହୋଇଛି ଜିଏସ୍‌ଟି। ସାମଗ୍ରୀର ମୂଲ୍ୟ ଅନୁସାରେ ୫ ପ୍ରତିଶତ ଓ ୧୨ ପ୍ରତିଶତ ଜିଏସ୍‌ଟି ସରକାର ଆଦାୟ କରୁଥିବାରୁ ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବୁଣାକାର ଓ କାରିଗରଙ୍କୁ କ୍ଷତିଗ୍ରସ୍ତ କରିଛି। ଫଳରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଠାରୁ ମୁହଁ ଫେରାଉଛନ୍ତି ଗ୍ରାହକ। ଫଳରେ ପୁରୁଷ ପୁରୁଷ ଧରି ଏହି ଶିଳ୍ପକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରିଥିବା ବୁଣାକାରଙ୍କ ହସ୍ତତନ୍ତ ଏବେ ଲୋପ ପାଇବାକୁ ବସିଲାଣି।

କୋଟପାଡ଼ ହସ୍ତତନ୍ତ, ସମ୍ବଲପୁରୀ ଇକତ୍, ବମ୍‌କେଇ ଶାଢ଼ୀ ଓ କପଡ଼ା, ଧଳାପଥର ପର୍ଦ୍ଦା ଓ କପଡ଼ା ସାମଗ୍ରୀ, ଖଣ୍ଡୁଆ ଶାଢ଼ୀ, ଗୋପାଳପୁର ଟସର୍, ସମ୍ବଲପୁରୀ ବାନ୍ଧ ଶାଢ଼ୀ ଆଣ୍ଡ ଫ୍ୟାବ୍ରିକ୍, ହବସପୁରୀ ଶାଢ଼ୀ, ବ୍ରହ୍ମପୁରୀ ପାଟ ଶାଢ଼ୀ ଓ ଯୋଡ଼ ଆଦି ୧୦ଟି ହସ୍ତତନ୍ତକୁ ଜିଆଇ ଟ୍ୟାଗ୍ ମିଳିସାରିଛି। ଏହି ହସ୍ତତନ୍ତଗୁଡ଼ିକ ନିଜର ସ୍ୱତନ୍ତ୍ରତା, ମୌଳିକତା ତଥା ଗୁଣବତ୍ତା ବଜାୟ ରଖିଛି। ମାତ୍ର ଯେଉଁମାନେ ହସ୍ତତନ୍ତ ପାଇଁ ନିଜର ପରିଚୟ ସୃଷ୍ଟି କରିଥିଲେ ସେମାନେ ଆଜି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ରାଜ୍ୟରେ ବୁଣାକାରଙ୍କ ସଂଖ୍ୟା ବଢ଼ିବା ବଦଳରେ କମି ଯାଉଛି। ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ

- ■ ହସ୍ତତନ୍ତ ସାମଗ୍ରୀରୁ ଜିଏସ୍‌ଟି ହ୍ରାସ ପାଇଁ ଦାବି କରିଥିଲେ ନବୀନ
- ■ କେନ୍ଦ୍ରକୁ ଲେଖିଥିଲେ ଚିଠି, ଜିଏସ୍‌ଟି ପରିଷଦରେ ହୋଇଥିଲା ଦାବି

ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫ଶହ ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ସେହିପରି ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇପାରି ନାହିଁ। କେବଳ ସେତିକି ନୁହେଁ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ମଧ୍ୟ ଗଠନ ବିଳମ୍ବିତ ହୋଇ ଚାଲିଛି।

ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ ବିକ୍ରି ଉପରେ ଜିଏସ୍‌ଟି ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି । ୧ ହଜାର ଟଙ୍କା ମୂଲ୍ୟର ହସ୍ତତନ୍ତ ସାମଗ୍ରୀ ଉପରେ ୧୨% ଟିକସ ବ୍ୟବସ୍ଥା ରହିଛି ଓ ୧ ହଜାରରୁ କମ୍ ମୂଲ୍ୟ ସାମଗ୍ରୀ ଉପରେ ଟିକସ ରହିଛି ୫% । ଦୁଇ ହଜାର ଟଙ୍କାର କପଡ଼ା କିଣିଲେ ୨୪୦ ଟଙ୍କା ଟିକସ ଦେବା ଅନିବାର୍ଯ୍ୟ। ସେହିପରି ୧୦ ହଜାର ଟଙ୍କାର ପାଟଶାଢ଼ୀଟିଏ କିଣିଲେ ଗ୍ରାହକକୁ ୧୨୦୦ ଟଙ୍କା ଟିକସ ଦେବାକୁ ପଡ଼ୁଛି । ମାତ୍ର ବିଡ଼ମ୍ବନା ହେଉଛି ଏହି ଟିକସରୁ ହସ୍ତତନ୍ତ କାରିଗରଙ୍କୁ ଟଙ୍କାଟିଏ ମିଳୁନାହିଁ । ସେହିପରି ଜିଏସ୍‌ଟି ଯୋଗୁଁ ସାମଗ୍ରୀର ମୂଲ୍ୟ ବୃଦ୍ଧି ଗ୍ରାହକକୁ ହସ୍ତତନ୍ତ ସାମଗ୍ରୀ କିଣାରୁ ବିମୁଖ କରୁଛି। ପୂର୍ବରୁ ନବୀନ ପଟ୍ଟନାୟକ ସରକାର ହସ୍ତତନ୍ତ ଉପରୁ ଜିଏସ୍‌ଟି ଉଠାଇବାକୁ ବାରମ୍ବାର କେନ୍ଦ୍ର ନିକଟରେ ଦାବି କରିଥିଲେ। ଜିଏସ୍‌ଟି ପରିଷଦ ବୈଠକରେ ମଧ୍ୟ ଓଡ଼ିଶା ଏହି ପ୍ରସଙ୍ଗ ଉଠାଇଥିଲା। ମାତ୍ର କେନ୍ଦ୍ର ସରକାର ଏହାପ୍ରତି କର୍ଣ୍ଣପାତ କରିନାହାନ୍ତି । ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ କେନ୍ଦ୍ରକୁ ନିର୍ବାଚିତ ହୋଇଥିଲେ ମଧ୍ୟ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । ଯାହା ରାଜ୍ୟରେ ହସ୍ତତନ୍ତ ଶିଳ୍ପକୁ ରୁଗ୍ଣ କରିବାରେ ଲାଗିଛି। ଫଳସ୍ୱରୂପ ଅନେକ ବୁଣାକାର ପରିବାର ପ୍ରତିପୋଷଣ କାଇଁ ରାଜ୍ୟଛାଡ଼ି ବାହାରକୁ ଚାଲିଯାଉଛନ୍ତି। ଖୋର୍ଦ୍ଧା ଧଳାପଥର ପରଦା ବୁଣାକାରଙ୍କ ସଂଖ୍ୟା ଲୋପ ପାଇଗଲାଣି। କଳାହାଣ୍ଡିର ଶହ ଶହ ପରିବାର ହବସପୁରୀ ହସ୍ତତନ୍ତ କାମ କରୁଥିବା ବେଳେ ବର୍ତ୍ତମାନ ମାତ୍ର ୬ ପରିବାର ଏହାକୁ ବଞ୍ଚାଇ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ଓଡ଼ିଶାର ବୁଣାକାରଙ୍କ ପାଇଁ ବିଶେଷ ଉତ୍ସାହଜନକ ମନେ ହେଉନାହିଁ। ତେଣୁ ସରକାର ବୁଣାକାରମାନଙ୍କୁ ସବ୍‌ସିଡି ପ୍ରଦାନ କରିବା ସହ ସେମାନଙ୍କୁ ଉପଯୁକ୍ତ ବଜାରୀକରଣ ସୁବିଧା ଯୋଗାଇଦେବା ଓ ହସ୍ତତନ୍ତ ସାମଗ୍ରୀରୁ ଜିଏସ୍‌ଟି ହ୍ରାସ କରିବା ପାଇଁ ବୁଣାକାରମାନେ ଦାବି କରିଛନ୍ତି।

# ୪ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ; ଜଣେ ଗିରଫ

ରାଉରକେଲା, ୬/୮ (ସମିସ): ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଇଦଗାହ ପଡ଼ିଆ ପଛପଟରୁ ଗଞ୍ଜେଇ ଚୋରା ଚାଲାଣ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି ବାସନ୍ତୀ କଲୋନୀ ଅଞ୍ଚଳର ମୁନ୍ନା କୁମାର ସାହା (୩୨)। ତାଙ୍କ ନିକଟରୁ ୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ୫ ତାରିଖ ସନ୍ଧ୍ୟାରେ ପ୍ଲାଣ୍ଟସାଇଟ୍ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଇଦଗା ପଡ଼ିଆରେ ଚଢ଼ଉ କରି ମୁନ୍ନା କୁମାର ସାହାକୁ ସନ୍ଦେହଜନକ ଅବସ୍ଥା ଧରି ଯାଞ୍ଚ କରିବା ପରେ ତା ନିକଟରୁ ୪ କିଲୋ ୧୦୦ ଗ୍ରାମ ବେଆଇନ ଗଞ୍ଜେଇ ଜବତ କରିଥିଲା। ଏହାକୁ ସେ ସାଧାରଣଲୋକଙ୍କୁ ବିକ୍ରୟ କରିବା ଉଦ୍ଦେଶ୍ୟରେ ନେଇଯାଉଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଥିଲା। ଅଭିଯୁକ୍ତ ମୁନ୍ନା ଠାରୁ ଏକ ମୋବାଇଲ୍‌ଫୋନ୍ ମଧ୍ୟ ଜବତ କରାଯାଇଥିଲା। ଗିରଫ ମୁନ୍ନା ବିହାର ରାଜ୍ୟ ବାଙ୍କା ଜିଲ୍ଲାର ମୂଳବାସୀନ୍ଦା ହୋଇଥିବା ବେଳେ ସେ ବାସନ୍ତୀ କଲୋନୀର କ୍ୱାର୍ଟର୍ସ ନଂ. ଏଫଏଲ/୧୭୬, ଚତୁର୍ଥ ମହଲାରେ ରହୁଥିବା ସୂଚନା ମିଳିଛି। ତା ନାମରେ ଏକ ମାମଲା ରୁଜୁ କରାଯାଇଛି। ମୁନ୍ନା କୁମାର ସାହଙ୍କ ବିରୋଧରେ ପୂର୍ବରୁ ରାଉରକେଲା ଜିଆରପି ପୋଲିସ ଷ୍ଟେସନ୍ ଏବଂ ପ୍ଲାଣ୍ଟସାଇଟ୍ ପୁଲିସ ଷ୍ଟେସନ୍‌ରେ ହତ୍ୟା ଉଦ୍ୟମ, ଚୋରି, ଆକ୍ରମଣ ଭଳି ଧାରା ସମେତ ଅନେକ ଅପରାଧିକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।



■ ଜେପି ହାଇଟ୍ସ ହୋଟେଲରେ ଚଢ଼ଉ

# ୭ ଜୁଆଡ଼ି ଗିରଫ; ୭,୧୩୦ ଟଙ୍କା ଜବତ



ରାଉରକେଲା, ୬/୮ (ସମିସ): ରାଉରକେଲା ସହରର ସିଭିଲ୍ ଟାଉନ୍ ସିପ୍ ଅଞ୍ଚଳର ଜେପି ହାଇଟସ୍ ହୋଟେଲରେ ରାଉରକେଲା ପୁଲିସ୍ ଚଢ଼ଉ କରି ୭ ଜଣ ଜୁଆଡ଼ିଙ୍କୁ ଗିରଫ କରିବାସହ ସେମାନଙ୍କ ନିକଟରୁ ୭ ହଜାର ୧୩୦ ଟଙ୍କା, ୭ଟି ମୋବାଇଲ ଫୋନ୍, ୨୧୦ ତାସ ସହିତ କିଛି ଆପତ୍ତିଜନକ ଜିନିଷ ମଧ୍ୟ ଜବତ୍ କରିଥିବା ଜଣାପଡ଼ିଛି। ଗିରଫ ହୋଇଥିବା ୭ ଅଭିଯୁକ୍ତ ହେଲେ ଦେଓଗାଁର ବଳଦେବ ସିଂହ (୫୯), ଡେଲି ମାର୍କେଟର ଧୱଲ ଢୋଲାକି (୪୩), ପାନପୋଷ ଜଗନ୍ନାଥ ମନ୍ଦିର କଲୋନୀର ମନୋଜ କୁମାର ମଲିକ (୫୮), ଦାଣ୍ଡିଆପାଲିର ଅଭଧେଶ କୁମାର ସାହୁ (୪୬), ପାନପୋଷ ରୁପୁଟୋଲାର ଗୋବିନ୍ଦ ଭୂମିଜ (୫୮), ପାନପୋଷ ତ୍ରିଦେବ ହୋଟେଲ ଶୁଭରଞ୍ଜନ ମହାନ୍ତି (୩୦) ଏବଂ ବେଦବ୍ୟାସର ଶିବ ବିସୋଇ (୪୦)। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି ପୁଲିସ।

● ଦୁର୍ବୃତ୍ତଙ୍କ ଟାର୍ଗେଟରେ ମନ୍ଦିର ହୁଣ୍ଡି

# ୨ ସପ୍ତାହରେ ୩ ଚୋରି, ପୁଲିସ ପାଟ୍ରୋଲିଂ ଢିଲା

ରାଉରକେଲା, ୬/୮ (ସମିସ): ରାଉରକେଲା ସହରରେ ଥିବା ମନ୍ଦିର ହୁଣ୍ଡି ଗୁଡ଼ିକ ଏବେ ଦୁର୍ବୃତ୍ତଙ୍କ ଟାର୍ଗେଟରେ। କେଉଁଠି ତାଲା ଭାଙ୍ଗି ହୁଣ୍ଡି ସଫା କରି ଦେଉଛନ୍ତି ତ ଆଉ କେଉଁଠି ସମ୍ପୂର୍ଣ୍ଣ ହୁଣ୍ଡି ତାଡ଼ି ନେଇ ପଳାଉଛନ୍ତି। ଦୁଇସପ୍ତାହ ମଧ୍ୟରେ ୩ଟି ମନ୍ଦିର ହୁଣ୍ଡିରୁ ଚୋରି ଘଟଣା ଲୋକଲୋଚନକୁ ଆସିଛି। ସେପଟେ ବାରମ୍ବାର ମନ୍ଦିର ହୁଣ୍ଡିରୁ ଚୋରି ହେବାନେଇ ପୁଲିସର ଚିନ୍ତା ବଢିଛି। ସୂଚନାଯୋଗ୍ୟ ଯେ ସ୍ଥାନୀୟ ସେକ୍ଟର - ୧୫ ଥାନା ଅଧୀନ ସେକ୍ଟର -୧୬ ଡି. ବ୍ଲକ୍ ହନୁମାନମନ୍ଦିର ହୁଣ୍ଡିର ତାଲାଭାଙ୍ଗି ସେଥିରୁ ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ସମସ୍ତ ଟଙ୍କାଚୋରି କରି ନେଇଛନ୍ତି। ବୁଧବାର ସକାଳେ ପୂଜକ ମନ୍ଦିରକୁ ଆସିବା ପରେ ହୁଣ୍ଡି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଦୀର୍ଘଦିନ ଧରି ହୁଣ୍ଡି ଖୋଲା ଯାଇନଥିବାରୁ ହୁଣ୍ଡିରେ ହଜାର ହଜାର ଟଙ୍କା ରହିଥିବା ଅନୁମାନ କରାଯାଉଛି। ସେକ୍ଟର -୧୫ ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି। ସେହିପରି ଗତ ୨୨ତାରିଖ ରାତିରେ ସେକ୍ଟର-୧୬ସ୍ଥିତ ତାରିଣୀ ମନ୍ଦିର ହୁଣ୍ଡିତାଡ଼ି ଦୁର୍ବୃତ୍ତମାନେ ଚୋରିକରି ନେଇଥିଲେ। ହୁଣ୍ଡି ତାଡ଼ି ଟଙ୍କା ନେଇଯିବା ପରେ ମନ୍ଦିର ପଛପଟେ ପକାଇ ଚାଲି ଯାଇଥିଲେ। ଏହି ଘଟଣାର ଦୁଇଦିନ ପରେ ଅର୍ଥାତ୍ ୨୪ ଜୁଲାଇ ରାତିରେ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବରୋଡ୍ ନିକଟ ଶିବଶକ୍ତି ମନ୍ଦିରର ହୁଣ୍ଡିଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରିକରି ନେଇଥିଲେ। ତେବେ ଏହି ୩ଟି ହୁଣ୍ଡି ଚୋରି ଘଟଣାରେ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନବୋଲି ଅଭିଯୋଗ ହୋଇଛି।

'ଆର୍‌ଏସ୍‌ପି: ଆଜି ଓ ଆସନ୍ତାକାଲି'-ପ୍ରଗତିର ସହଯାତ୍ରୀ ଗଣମାଧ୍ୟମ' ଆଲୋଚନାଚକ୍ର

# ରାଉରକେଲାର ବିକାଶ ପାଇଁ ଆର୍‌ଏସ୍‌ପିର ସମ୍ପ୍ରସାରଣ ଅପରିହାର୍ଯ୍ୟ

ରାଉରକେଲା, ୬/୮ (ସମିସ): ରାଉରକେଲା ସହରର ସର୍ବାଙ୍ଗୀନ ବିକାଶ ପାଇଁ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏକାନ୍ତ ଅପରିହାର୍ଯ୍ୟ ବୋଲି ଆଜି ସ୍ଥାନୀୟ ଇଣ୍ଡୋ ଜର୍ମାନ କ୍ଲବ୍ ପରିସରରେ ଆୟୋଜିତ 'ଆର୍‌ଏସ୍‌ପିର ଆଜି ଏବଂ ଆସନ୍ତାକାଲି - ପ୍ରଗତିର ସହଯାତ୍ରୀ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ରରେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା କହିଛନ୍ତି। ସେ ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନ ଓ ପ୍ରସ୍ତାବକୁ ସ୍ୱାଗତ କରି କହିଲେ ଓଡ଼ିଶାର ଶିଳ୍ପ କୋଣାର୍କ ଭାବେ ପରିଚିତ ରାଉରକେଲା ଇସ୍ପାତ କାରଖାନାର ବର୍ତ୍ତମାନ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍ ରହିଛି। ହେଲେ ଦ୍ରୁତ କ୍ରମବର୍ଦ୍ଧିଷ୍ଣୁ ଇସ୍ପାତ ବଜାର ସହ ତାଳ ଦେଇ ଚାଲିବା ସହ ଆମର ପ୍ରତିଯୋଗୀମାନଙ୍କ ସହ ଖାପ ଖୁଆଇ ଚାଲିବାକୁ ହେଲେ ଆରଏସପିର ଉତ୍ପାଦନ କ୍ଷମତା ବୃଦ୍ଧି ହେବା ଅନିର୍ବାଯ୍ୟ। ଆର୍‌ଏସ୍‌ପିର ଉତ୍ପାଦନ କ୍ଷମତାକୁ ଆଗାମୀ ଦିନରେ ୯.୩ ମିଲିୟନ ଟନ୍‌କୁ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଥିବାରୁ ଏହାକୁ ସମ୍ପ୍ରସାରିତ କରାଯିବ, ଯେଉଁଥିପାଇଁ ୩୦,୦୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ଆବଶ୍ୟକ ପଡୁଥିବା ୧୨୦୦ ଏକର ଜମିକୁ ଆର୍‌ଏସ୍‌ପି ପରିସରକୁ ଲାଗିଥିବା ବରକାନି ଓ ଝାରମୁଣ୍ଡା ଅଞ୍ଚଳରୁ ଅଧିଗ୍ରହଣ କରାଯାଇ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରାଯିବ। ଏହି ସମ୍ପ୍ରସାରଣ ପାଇଁ ୮ଟି ଗ୍ରାମରେ ଥିବା ୩୦୦ ପରିବାର ବାସହ୍ୟୁତ ହେବେ। ବାସହ୍ୟୁତ ହେବାକୁ ଥିବା ପରିବାରଙ୍କୁ ଇସ୍ପାତ କାରଖାନା ପକ୍ଷରୁ ଘର ନିର୍ମାଣ କରାଯାଇ ଆବଶ୍ୟକ ଥଇଥାନ କରାଯିବା ପାଇଁ ଉଚ୍ଚସ୍ତରୀୟ ଆଲୋଚନା ହୋଇ ସରିଛି। ଏଥିସହିତ ରାଉରକେଲା ଇସ୍ପାତ କାରଖାନାରୁ ମାଲ୍ ପରିବହନ ପାଇଁ ଆର୍‌ଏସ୍‌ପିରୁ ବନ୍ଧମୁଣ୍ଡା ନିକଟ ଡୁମେର୍ତ୍ତା ପର୍ଯ୍ୟନ୍ତ ୪ କିମି ଦୂରତା ବିଶିଷ୍ଟ ଦ୍ୱିତୀୟ ରେଳ ଲାଇନ୍ କାର୍ଯ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ସେ କାମନା କରିଥିଲେ। ଶ୍ରୀ ବର୍ମା କହିଲେ ରାଉରକେଲା ଇସ୍ପାତ କାରଖାନାରେ ଏବେ ୧୧ ହଜାର ୭୦୦ ସ୍ଥାୟୀ କର୍ମଚାରୀ ରହିଥିବା ବେଳେ ୧୬ ହଜାରରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ରହିଛନ୍ତି। ଏହାସହ ୨ ଲକ୍ଷ ଲୋକ ଆର୍‌ଏସ୍‌ପି ଉପରେ ନିର୍ଭରଶୀଳ। ଗତ ଡିସେମ୍ବର ୨୦୨୪-୨୫ ସୁଦ୍ଧା ଆରଏସପି ୧୪୦ କୋଟି ଟଙ୍କା କ୍ଷତିରେ ଚାଲୁଥିଲା। ସାରା ଦେଶରେ ମୋଟ ୧୮୦ ମିଲିୟନ ଟନ ଇସ୍ପାତ ଉତ୍ପାଦନ ହେଉଥିବା ବେଳେ ସେଲ ଓ ଆରଆଇଏନଏଲ ମିଶିକରି ୨୫ ମିଲିୟନ ଟନ ଇସ୍ପାତ ଉତ୍ପାଦନ କରୁଛନ୍ତି। ୨୦୧୯ ପର୍ଯ୍ୟନ୍ତ ଆର୍‌ଏସ୍‌ପି ଓଡ଼ିଶାରେ ସର୍ବାଧିକ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ରହି ୧ ନମ୍ବର ସ୍ଥାନରେ ରହିଥିବାବେଳେ ଆଜି ଏହା ୩ ନମ୍ବରକୁ ଖସି ଆସିଛି। ସୁତରାଂ ଆରଏସପିକୁ ଲାଭାର୍ଜନ ସଂସ୍ଥା କରିବାକୁ ଏହାର ସମ୍ପ୍ରସାରଣ ଜରୁରୀ ହୋଇପଡ଼ିଛି। କାରଣ ଆର୍‌ଏସ୍‌ପି ସମ୍ପ୍ରସାରିତ ହେଲେ ସ୍ଥାନୀୟ ନିଯୁକ୍ତି ବଢ଼ିବ ଏବଂ ଅଧିକ ଲାଭ କରିବ। ସେଥିରୁ ଆୟ ଟଙ୍କା ରାଉରକେଲାରେ ହିଁ ଖର୍ଚ୍ଚ ହେବ। ସହରବାସୀଙ୍କ ସର୍ବାଙ୍ଗୀନ ଆର୍ଥିକ ବିକାଶ ନିମିତ୍ତ ଆରଏସପି ଆର୍ଥିକ ଭାବେ ସୁଦୃଢ଼ ହେବାର ଆବଶ୍ୟକତା ରହିଛି। ସେ କହିଲେ ଆଇଜିଏଚକୁ ପରିଚାଳନା କରିବା ଏବଂ ରୋଗୀ ସେବା ପାଇଁ ବାର୍ଷିକ ୧୪୫ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଆରଏସପିର ଟାଉନସିପକୁ ମେଣ୍ଟେନ କରିବା ପାଇଁ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସିଏସ୍‌ଆର ଫଣ୍ଡରେ ପାଶ୍ୱର୍ାଞ୍ଚଳର ଉନ୍ନତି ପାଇଁ ବିଗତ ୨୦୨୪-୨୫ ବର୍ଷରେ ୧ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟରେ ଭିତ୍ତିଭୂମି ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ସ୍ୱଚ୍ଛତା, ସାମାଜିକ ସୁରକ୍ଷା, ରୋଜଗାରର ରାସ୍ତା, ସଂସ୍କୃତି ଓ କ୍ରୀଡ଼ା, ମହିଳା ସଶକ୍ତିକରଣ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିନିଯୋଗ କରାଯାଇଛି। କ୍ରୀଡ଼ାର ବିକାଶ ପାଇଁ ଇନ୍‌ଡୋର ଷ୍ଟାଡିୟମର ଉନ୍ନତି କରାଯାଇ ଭଲିବଲ୍ କୋର୍ଟ ପ୍ରତିଷ୍ଠା କରାଯାଇଛି। ଆଗାମୀ ଦିନରେ ଇସ୍ପାତ ଷ୍ଟାଡିୟମର ଉନ୍ନତି କରାଯିବା ସହିତ ବିଜୁ ପଟ୍ଟନାୟକ ହକି ଷ୍ଟାଡ଼ିୟମର ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା, ଫୁଟ୍ ବଲ୍ ଷ୍ଟାଡିୟମ ନିର୍ମାଣ ଏବଂ ବାସ୍କେଟ୍ ବଲ କୋର୍ଟ ପୁନର୍ଦ୍ଧାର କରାଯିବା ପାଇଁ ପ୍ରସ୍ତାବ ରହିଛି ବୋଲି ଶ୍ରୀ ବର୍ମା କର୍ମଶାଳାରେ ସୂଚନା ଦେଇଥିଲେ। ସମସ୍ତ ପଣଧାରୀଙ୍କ ସହ ସଂଯୋଗ ସ୍ଥାପନ ତଥା ସୂଚନାର ପ୍ରଭାବଶାଳୀ ବିତରଣ ମାଧ୍ୟମରେ ସ୍ୱଚ୍ଛତା, ବିଶ୍ୱାସ ତଥା ଜନସାଧାରଣଙ୍କ ସହିତ ଅଧିକ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ଗଣମାଧ୍ୟମର ମହତ୍ତ୍ୱପୂର୍ଣ୍ଣ ଭୂମିକା ନିମନ୍ତେ ଡିଆଇସି ଶ୍ରୀ ବର୍ମା ସେମାନଙ୍କର ପ୍ରଶଂସା କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ-ଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଏବଂ ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା ମଞ୍ଚାସୀନ ଥିଲେ। ଅର୍ଚ୍ଚନା ଶତପଥୀ ସମାବେଶକୁ ସ୍ୱାଗତ କରିଥିବା ବେଳେ ଶଶାଙ୍କ ଶେଖର ପଟ୍ଟନାୟକ 'ରାଉରକେଲା ଇସ୍ପାତ କାରଖାନା-ଆଜି ଏବଂ ଆସନ୍ତାକାଲି' ପ୍ରସଙ୍ଗରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଆରଏସ୍‌ପିର ସିଏସଆର କାର୍ଯ୍ୟଧାରା ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଲୋକସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ଜୟଦେବ ମଜୁମଦାର ସଂଯୋଜନା କରିଥିଲେ।



# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ରାଉରକେଲା, ୬/୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ହାତୀବାରୀ ଥାନା ଅଞ୍ଚଳରେ ପୁଣି ଲଜ୍ଜା। ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଥିବା ସୂଚନା ମିଳିଛି। ହାତୀବାରୀ ଥାନା ଅଧୀନ ଆଣ୍ଟୁଗୁଡ଼ା ଗାଁର ଜଣେ ଯୁବକ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଭଲ ପାଉଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ନାବାଳିକା ଜଣକ ଅନ୍ତସତ୍ତ୍ୱା ହୋଇଯିବାରୁ ତାଙ୍କୁ ବିବାହ କରିବା ପାଇଁ ସେ ଯୁବକଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ଯୁବକ ଜଣଙ୍କ ବିବାହ କରିବା ପରିବର୍ତ୍ତେ ତାଙ୍କୁ ନିର୍ଯାତନା ଦେବାସହ ବିବାହ କରିବା ପାଇଁ ମନା କରିଦେଇଥିଲେ। ଏହାପରେ ନାବାଳିକା ଜଣକ ଗର୍ଭବତୀ ହେବାର ଖବର ପରିବାର ବର୍ଗଙ୍କୁ ଜଣାଇଥିଲେ। ଏନେଇ ପରିବାରଲୋକେ ହାତୀବାରୀ ଥାନାରେ ଦୁଷ୍କର୍ମ ଅଭିଯୋଗ କରିଥିଲେ।

# ଟିପ୍ପର ମାଲିକ ସଂଘ ପକ୍ଷରୁ ଚାରାରୋପଣ

ରାଉରକେଲା, ୬/୮ (ସମିସ): ରଘୁନାଥପାଲ୍ଲୀ ଟିପର ଓନର୍ସ ଆସୋସିଏସନ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଛି। ସାରନଗରୀ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଅଶୋକ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ ରାଉରକେଲାର ବୋଇତବନ୍ଧାଣ ପଡ଼ିଆ ନିକଟ କଇଁଆ ବସାଠାରେ ରଘୁନାଥପାଲ୍ଲୀ ଟିପର ଓନର୍ସ ଆସୋସିଏସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ନିମ୍ବ, ଆମ୍ବ, ପିଜୁଳି, ଡାଳିମ୍ବ, ଲେମ୍ବୁ, କରଞ୍ଜ ସହିତ ବିଭିନ୍ନ ପ୍ରକାରର ଔଷଧୀୟ ଗଛ ଚାରା ଲଗାଯାଇଥିଲା। ଆଗାମୀ ପିଢ଼ିକୁ ପରିବେଶ ପ୍ରଦୂଷଣ ଜନିତ ଭୟଭୟତାରୁ ରକ୍ଷା କରିବାକୁ ହେଲେ ବ୍ୟାପକ ଚାରାରୋପଣ ମାଧ୍ୟମରେ ଧରାପୃଷ୍ଠକୁ ସବୁଜିମା କରି ରଖିବାକୁ ପଡ଼ିବ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ଗିରି, ଦେବପ୍ରସାଦ ମିଶ୍ର, ଅଜିତ କୁମାର ଛୋଟରାୟ, ବ୍ରଜକିଶୋର ସାମଲ, ଶୁଭମ ବେହେରା, ଏମ୍‌ଡି ସାଜିଦ, ସୌମ୍ୟରଞ୍ଜନ ନାୟକ, ମନୋଜ କୁମାର ମହାନ୍ତି, ବିଶ୍ୱଜିତ ମିଶ୍ର, ପ୍ରସନ୍ନ କୁମାର ଦାସ, ଫିରୋଜ ଆଲାମ, ଅଶ୍ୱିନୀ ପଟ୍ଟନାୟକ, ଅର୍ଜୁନ ଲମ୍‌ହା, ଶ୍ରୀକାନ୍ତ ଦାସ, ସର୍ବେଶ୍ୱର ଜେନା, ଶଶୀକାନ୍ତ ସାହୁ, ହରମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୬/୮ (ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଗ୍ରାମାଞ୍ଚଳ ସ୍କୁଲଗୁଡ଼ିକରେ ଋତୁସ୍ରାବ ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା। ସୁନ୍ଦରଗଡ଼ ଜିଲ୍ଲାର ଜାମକାନି, କୁରାଲୋଇ ଏବଂ ଘୋଘରପାଲିର ୧୮ରୁ ଅଧିକ ସ୍କୁଲରେ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀର ପ୍ରାୟ ୧,୧୦୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବିଷୟରେ ବିସ୍ତୃତ ଆଲୋଚନା, ସଚେତନତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆନ୍ତରିକ ଶିକ୍ଷା ଅଧିବେଶନ, ହିଟ୍‌ବ୍ୟାଗ ଏବଂ 'ମାସିକ ଋତୁସ୍ରାବ' ଶିକ୍ଷା ପୁସ୍ତିକା ଭଳି ଲିଙ୍ଗ-ସମ୍ବେଦନଶୀଳତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅଧିବେଶନରେ ବେଦାନ୍ତର କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯାହା ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ପରିବର୍ତ୍ତନ ଏବଂ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ସଚେତନତାର ଗୁରୁତ୍ୱ ଉପରେ ଅବଗତ କରାଇବା ପାଇଁ ସାହାଯ୍ୟ କରିଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏକ ସୁସ୍ଥ ଏବଂ ନିୟନ୍ତ୍ରିତ ସମାଜ ଗଠନ ପାଇଁ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ନିରନ୍ତର ଏବଂ ଅନ୍ତର୍ଭୁକ୍ତ ପ୍ରୟାସ ମାଧ୍ୟମରେ, ଆମେ ମହିଳା ଏବଂ କିଶୋରୀମାନଙ୍କୁ ଉପଯୁକ୍ତ ଜ୍ଞାନ ଏବଂ ଆବଶ୍ୟକୀୟ ସମ୍ବଳ ପ୍ରଦାନ କରି ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ଯାହାଦ୍ୱାରା ସେମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇ ପାରିବେ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି, ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପାଇଁ ଅଙ୍ଗୀକାରବଦ୍ଧ। ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତି, ପ୍ରତି ସମ୍ପ୍ରଦାୟର ଭାବନାକୁ ପ୍ରୋତ୍ସାହିତ କରେ।



# ସିଣ୍ଟର ପ୍ଲାଣ୍ଟ-୩ ଦ୍ୱାରା 'ଡାଇରେକ୍ଟ ଚାର୍ଜ ଟ୍ରାନ୍ସଫର୍ ଚୁଟ୍' ପ୍ରତିରୋପଣ

ରାଉରକେଲା, ୬/୮ (ସମିସ): ସେଲ୍ ରାଉରକେଲା ଇସ୍ପାତ କାରଖାନାର ସିଣ୍ଟରିଙ୍ଗ ପ୍ଲାଣ୍ଟ - ୩ ର ଉଦ୍ୟୋଗୀଙ୍କ ପ୍ରୟାସରେ ନିଜସ୍ୱ ଦକ୍ଷତାରେ ସିଣ୍ଟରିଂ ପ୍ଲାଣ୍ଟ-୩ (ଏସପି-୩) ସର୍କୁଲାର ସିଣ୍ଟର କୁଲରର ଡାଇରେକ୍ଟ ଚାର୍ଜ ଟ୍ରାନ୍ସଫର ଚୁଟ୍ (ଡିସିଟିସି) ପ୍ରତିରୋପଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୨ରେ ଏହାର ସ୍ଥାପନା ପରେ ପ୍ରଥମ ଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଜଟିଳ ଉପକରଣର ପରିବର୍ତ୍ତନ କରାଯାଇଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ୟୁନିଟ୍ କ୍ରସିଂ ପରେ ବ୍ଲାଷ୍ଟ ଫର୍ଣ୍ଣେସ୍-୫ରେ ଆବଶ୍ୟକୀୟ ଗୁଣବତ୍ତାର ସିଣ୍ଟର ଯୋଗାଣ ସୁନିଶ୍ଚିତ କରିଥାଏ। ଦୀର୍ଘବର୍ଷ ଧରି କାର୍ଯ୍ୟକ୍ଷମ ରହିବା ଫଳରେ ଡିସିଟିସି ଗୁରୁତର ଅବକ୍ଷୟ ହୋଇଥିଲା, ବିଶେଷକରି 'ଫ୍ଲୋ ଡାଇଭର୍ଟର', ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଏହାଫଳରେ ସିଣ୍ଟରର ଛୋଟ ଅନାବଶ୍ୟକ ଆକାରରେ ବିଘଟନ ବୃଦ୍ଧି ପାଇଥିଲା, ଯାହା ଉତ୍ପାଦର ଗୁଣବତ୍ତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା। ଏହି ଡିସିଟିସି ପ୍ରତିସ୍ଥାପନ ପାଇଁ ପ୍ରାୟ ଦୁଇବର୍ଷ ପୂର୍ବେ ଚିନ୍ତନ ଆରମ୍ଭ ହୋଇଥିଲା। କିନ୍ତୁ ୧୭ ଟନ୍‌ରୁ ଅଧିକ ଓଜନର ଏହି ଉପାଦାନର ବିଶାଳ ଆକାର ଏବଂ ସର୍କୁଲାର ସିଣ୍ଟର କୁଲରରେ ସୀମିତ ସ୍ଥାନ ମଧ୍ୟରେ ୯ ମିଟରରୁ ଅଧିକ ଉଚ୍ଚତାରେ ଏହାର ପ୍ରତିସ୍ଥାପନା ଏହି କାର୍ଯ୍ୟପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିଲା। ଏହି ଜଟିଳ ପରିବେଶ ମୋବାଇଲ୍ କ୍ରେନ୍ ଏବଂ ଉପକରଣ ବ୍ୟବହାରରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା ଏବଂ ଏକ ଅଭିନବ ଏବଂ ସତର୍କତାପୂର୍ଣ୍ଣ ଯୋଜନାବଦ୍ଧ ପଦ୍ଧତିର ଆବଶ୍ୟକତା ଅନୁଭୂତ ହୋଇଥିଲା। ଡିଜାଇନ୍ ବିଭାଗର ସହଯୋଗରେ ଅନ୍ୟ ଏକ ବ୍ୟାପକ ଯୋଜନା ବିକଶିତ ହୋଇଥିଲା ଯେଉଁଥିରେ ଡିସିଡିଟିସି ପାଇଁ କଷ୍ଟମ୍-ଇଞ୍ଜିନିୟର୍ଡ ଡ୍ରଇଂ ଏବଂ ପ୍ରତିସ୍ଥାପନକୁ ସହଜ କରିବା ପାଇଁ ଏକ ଟ୍ରଲି ସ୍ଥାପନ ପାଇଁ ଏକ ୧୨-ମିଟର ଲମ୍ବ ରେଳ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥିଲା। ସଠିକ୍ ମାଇକ୍ରୋ-ଲେଭଲ୍ ଯୋଜନା ଏବଂ ପ୍ରସ୍ତୁତି କାର୍ଯ୍ୟ ସହିତ ଏହାର ସମ୍ପୂର୍ଣ୍ଣ ପ୍ରତିସ୍ଥାପନ କାର୍ଯ୍ୟ ଜୁଲାଇ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ମାତ୍ର ଛଅ ଦିନ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଥିଲା। ଏକ ପ୍ରମୁଖ ମାଇଲଖୁଣ୍ଟ ସ୍ୱରୂପ ସେଲ୍ ମଧ୍ୟରେ ଯେକୌଣସି ସିଣ୍ଟର ପ୍ଲାଣ୍ଟରେ ଡିସିଟିସିର ଏହା ହେଉଛି ପ୍ରଥମ ପ୍ରତିସ୍ଥାପନ। ଏହି ପଦକ୍ଷେପକୁ ୨୦୨୩ରେ ତତ୍କାଳୀନ ସିଣ୍ଟର ପ୍ଲାଣ୍ଟ ବିଭାଗର ସିଜିଏମ ଏବଂ ବର୍ତ୍ତମାନର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଆର. ପଲାଇଙ୍କ ଦ୍ୱାରା ସଂକଳ୍ପିତ ଏବଂ ବୈଷୟିକ ଭାବରେ ମାର୍ଗଦର୍ଶନ କରାଯାଇଥିଲା। ସିଣ୍ଟର ପ୍ଲାଣ୍ଟ ବିଭାଗର ସିଜିଏମ୍ ଶେଖର ନାରାୟଣଙ୍କ ମାର୍ଗଦର୍ଶନରେ ସଫଳ ହୋଇଥିଲା। ସିଣ୍ଟର ପ୍ଲାଣ୍ଟ-୩ ବିଭାଗର ମୁଖ୍ୟ ତଥା ଜିଏମ୍ ଇନ୍‌ଚାର୍ଜ କଲ୍ୟାଣ ସମାଜଦାର ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ।



ସେଲ୍ ଇତିହାସରେ ପ୍ରଥମ ପ୍ରୟାସ

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅର୍ଜୁନ ଚରଣ କୁଣ୍ଡୁ
(ପୂର୍ବତନ ପ୍ରଧାନଶିକ୍ଷକ)
ଗ୍ରାମ - ସୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ - ୧୧.୦୩.୧୯୪୮
ତିରୋଧାନ -୨୮,୦୭,୨୦୨୫
ବାପା, ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହୋଇ। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
"ଇତି: ଆପଣଙ୍କର ହତଭାଗ୍ୟ ପୁତ୍ର ହିମାଂଶୁ ଶେଖର କୁଣ୍ଡୁ, ଶୁଭ୍ରାଂଶୁ ଶେଖର କୁଣ୍ଡୁ, ସିତାଂସୁ ଶେଖର କୁଣ୍ଡୁ, ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ କୁଣ୍ଡୁ ପରିବାର ବର୍ଗ

# କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମ ପରିଦର୍ଶନ କଲେ ଅଧିକାରୀ

ବରଗଡ଼,୬।୮ (ସମିସ): ଝାରବନ୍ଧ ବ୍ଲକ୍ ଗୌଡମାଳ କ୍ଲଷ୍ଟରର ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଦ୍ୱିତୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିଆଇଇଟି ଶିକ୍ଷକ ବେଣୁଧର ବରିହା, ପେଡାଗୋଜି ସଂଯୋଜକ ପୁଷ୍ପାଞ୍ଜଳି ଡାଶ, ଝାରବନ୍ଧ ବିଇଓ ଶୁଭମ ପତି, ଏବିଇଓ ଦୟାନିଧି କେଁଶ ପ୍ରମୁଖ ପରିଦର୍ଶନରେ ଆସିଥିଲେ। ବୈଠକରେ ଶିକ୍ଷାରେ ନୂତନତା ତଥା ନୂତନ କୌଶଳ, ବିଦ୍ୟାଳୟରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲାରୁ ଆସିଥିବା ଅଧିକାରୀ ମାନେ ଏଫଏଲଏନ ଶ୍ରେଣୀ ଗୃହ ଦେଖି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଗୌଡମାଳ କ୍ଲଷ୍ଟର ସିଆରସିସି ପୁରନ୍ଦର କୁମ୍ଭାରଙ୍କ ସହିତ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ନୃସିଂହନାଥ ରାମଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ପରିଦର୍ଶନ କଲେ ସାଂସଦ

ପାଇକମାଳ,୬।୮ (ସମିସ): ବରଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୃସିଂହନାଥରେ କୁଳତା ସମାଜର ଇଷ୍ଟଦେବୀ ମାଁ ରାମଚଣ୍ଡୀଙ୍କ ଦର୍ଶନ କରିବା ସହ ନିର୍ମାଣ ଚାଲିଥିବା ମନ୍ଦିର ଓ ଟି କାର୍ଯ୍ୟକୁ ସାଂସଦ ପ୍ରଦୀପ ପୁରୋହିତ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ସାଂସଦ କୁଳତା ସମାଜ ପକ୍ଷରୁ ପ୍ରତ୍ୟେକ ଦିନ ଦିଆଯାଉଥିବା ଅନ୍ନ ଭୋଗକୁ ସମସ୍ତଙ୍କ ସହ ବସି ସେବନ କରିଥିଲେ। କୁଳତା ସମାଜର କିପରି ସର୍ବାଙ୍ଗୀନ ବିକାଶ ହେବ ସେ ଦିଗରେ ସାଂସଦ ଶ୍ରୀ ପୁରୋହିତ ପରାମର୍ଶ ଦେଇଥିଲେ। ଏଥିରେ ସମାଜର ଯୁବ ସଂଗଠକ ବ୍ରଜୁ ବାରିକ, ହାଡୁ ସାହୁ, ଯୋଗେନ୍ଦ୍ର ଭୋଇ, ଦିନ ବାରିକ ମନୋଜ ବାରିକ, ପୁରୁଷୋତ୍ତମ ପ୍ରଧାନ, ଭୁବନେଶ୍ୱର ସାହା, ଶୁକଦେବ ପ୍ରଧାନ, ଅକ୍ଷ ପ୍ରଧାନ, ଇନ୍ଦ୍ରଜିତ ଭୋଇ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କୋଲ୍ ଇଣ୍ଡିଆ ଏସ୍‌ସି-ଏସ୍‌ଟି କର୍ମଚାରୀ ସଂଘର ନୂତନ କମିଟି

ଝାରସୁଗୁଡ଼ା,୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ମହାନଦୀ କୋଇଲା କମ୍ପାନୀ ଅଧୀନସ୍ଥ ଇବ୍ ଭ୍ୟାଲି କୋଇଲା କ୍ଷେତ୍ରରେ ଥିବା କୋଲ୍ ଇଣ୍ଡିଆ ଏସ୍‌ସି-ଏସ୍‌ଟି ଏମ୍ପ୍ଲଇଜ ଆସୋସିଏସନ୍ (ସିଷ୍ଟା)ର ହିଲ୍‌ଟପ୍ କଲୋନୀ ସ୍ଥିତ କାର୍ଯ୍ୟାଳୟରେ ସାଧାରଣ ସଭା ଆୟୋଜିତ ହୋଇଛି। ଏଥିରେ ଇବ ଭ୍ୟାଲି ଏରିଆର ନୂତନ କମିଟି ଗଠନ ହୋଇଛି। ନୂତନ କମିଟିର ସଭାପତି ଭାବେ ଅର୍ଜୁନ, କାର୍ଯ୍ୟକାରୀ ସଭାପତି ଭାବେ ଉଗ୍ରଶେନ ତନ୍ତି, ଉପସଭାପତି ଦୀପକ, ସାଧାରଣ ସମ୍ପାଦକ ରବିରୋହିଦାସ, ଯୁଗ୍ମସମ୍ପାଦକ ଧିରେନ ଟପ୍ପୋ, କୋଷାଧ୍ୟକ୍ଷ ବଳରାମ ନାଏକ, ସହାୟକ କୋଷାଧ୍ୟକ୍ଷ ଭାବେ ଭଗବାନ ଧ୍ରୁବଆଙ୍କୁ ଚୟନ କରାଯାଇଛି। ଏହା ସହିତ ଉପଦେଷ୍ଟା ଭାବେ ଡ.କପିଳ ଅଶୋକ ଭୋୟାର, ସନ୍ତୋଷ ମିର୍ଦ୍ଧା, ଲକ୍ଷ୍ମଣ ଗରୁଡ, ସୁବାଷ ଚନ୍ଦ୍ର ଜାଲୀ, ଚନ୍ଦ୍ର କିଶୋର ଗଣ୍ଡ ଓ ୨୦ ଜଣ କାର୍ଯ୍ୟକାରୀ ସଦସ୍ୟଙ୍କ ମଧ୍ୟ ଚୟନ କରାଯାଇଛି। ବୈଠକର ଅଧ୍ୟକ୍ଷତା ସିଷ୍ଟା ଇବ କୋଲ୍‌ଫିଲଡ୍ସର ସଭାପତି ଅକାଲୁରାମ କରିଥିବା ବେଳେ ସଞ୍ଚାଳନ ସିଷ୍ଟା ସମଲେଶ୍ୱରୀ ଖଣି ୟୁନିଟ୍‌ର ସଭାପତି ଈଶ୍ୱର ଆନନ୍ଦ ସତନାମୀ କରିଥିଲେ। ଏହି ବିଷୟରେ ଏମ୍‌ସିଏଲ୍ ଇବ ଭ୍ୟାଲି ଏରିଆର ମହାପ୍ରବନ୍ଧକଙ୍କୁ ଏକ ଚିଠି ଜରିଆରେ ସିଷ୍ଟା ଇବ୍ କୋଲଫିଲଡ୍ସର ସଭାପତି ଅକାଲୁରାମ ସୂଚନା ଦେଇଛନ୍ତି।

# ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବି

## ଯୁବ ଏକତା ମଞ୍ଚର ଆନ୍ଦୋଳନ ପାଇଁ ସଜବାଜ

ଦେବଗଡ଼,୬।୮ (ସମିସ):



ରାଜରାସ୍ତା ଅମଳରୁ ଦେବଗଡ଼ ସହର ମଧ୍ୟରେ ଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ରହିଛି। ତେବେ ତାକୁ ସହର ଠାରୁ ପ୍ରାୟ ୫ କିମି ଦୂରବର୍ତ୍ତୀ କୁଆଁବାଲିଗୋଲେଇ ମୌଜାକୁ ସ୍ଥାନାନ୍ତର କରାଯାଇଛି। ଏହା ପରଠାରୁ ସହର ଠୁ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନୂତନ କୋଠାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପର ଠାରୁ ଜିଲ୍ଲାରେ ଚିକିତ୍ସା ଜନିତ ସମସ୍ୟା ବୃଦ୍ଧି ପାଇଛି। ଏହାର ସମାଧାନ ପାଇଁ ଯୁବ ସ୍ୱେଚ୍ଛାସେବୀ ସୁରଞ୍ଜିତ ମହାପାତ୍ରଙ୍କ ଆହ୍ୱାନକ୍ରମେ ଜିଲ୍ଲା ଯୁବ ଏକତା ମଞ୍ଚ ନାମକ ଅଣରାଜନୈତିକ ସଂଗଠନ ଗଠିତ ହୋଇ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଦାବି କରିଆସୁଅଛି। ଏହି କ୍ରମରେ ମଞ୍ଚ ପକ୍ଷରୁ ଜନ ସାଧାରଣଙ୍କୁ ନେଇ ବୈଠକ ହୋଇଥିଲା। ଜୁଲାଇ ୨୯ ତାରିଖ ୭ ଦିନ ମଧ୍ୟରେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଜିଲ୍ଲା ପ୍ରଶାସନଙ୍କୁ ମଞ୍ଚ ଦେଇଥିବା ୭ ଦିନ ସମୟ କଣ୍ଡ ପୁରିଥିଲେ ମଧ୍ୟ ଦାବି ପୂରଣ ହୋଇ ନାହିଁ। ତେଣୁ ପୁଣିଥରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଗୋପାଳଜୀ ମନ୍ଦିର ପରିସରରେ ସାଧାରଣ ସଭାରେ ଆଲୋଚନା କରାଯାଇଛି। ସଭାରେ ପ୍ରକାଶ ପାଇଥିବା ମତାମତ ଅନୁଯାୟୀ କାଲିଠାରୁ ପୌରାଞ୍ଚଳର ସମସ୍ତ ୱାର୍ଡରେ ଯୁବ କାର୍ଯ୍ୟକର୍ତ୍ତା ମାନେ ଘରକୁ ଘର ବୁଲି ଜନ ସଚେତନତା ସୃଷ୍ଟି କରିବେ। ଏହାପରେ ମଞ୍ଚରେ ସାମିଲ ହୋଇ ଆସନ୍ତା ୧୨ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ କାର୍ଯ୍ୟାଳୟ ଘେରଉ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହାସତ୍ତ୍ୱେ ଜିଲ୍ଲା ପ୍ରଶାସନ କୌଣସି ସମାଧାନ ନ କଲେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଜିଲ୍ଲାରେ ଚକଅଖ ବନ୍ଦ କରିବା ସହ ରାଜରାସ୍ତାରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ନେଇ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ପ୍ରମୁଖ ନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ପୌରାଞ୍ଚଳର ଯୁବ ସ୍ୱେଚ୍ଛାସେବୀ ଅର୍ଣ୍ଣବ ପଣ୍ଡା ଦେବଗଡ଼ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ସମସ୍ୟାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ କାଲି ଠାରୁ ଦେବଗଡ଼ରୁ ଭୁବନେଶ୍ୱର ପଦଯାତ୍ରା କରିବେ ବୋଲି ସୂଚନା ଦିଆଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ମଞ୍ଚର ବହୁ ମହିଳା ଓ ପୁରୁଷ ସଦସ୍ୟ ଉପସ୍ଥିତ ଥିଲେ।

# ବାସନ୍ତୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଶୁଳ୍କ ଚିକିତ୍ସା ଶିବିର



ଝାରସୁଗୁଡ଼ା,୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ବାସନ୍ତୀ ହସ୍ପିଟାଲରେ ବୁଧବାର ନିଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ବାସନ୍ତୀ ପ୍ରଧାନଙ୍କ ସ୍ମୃତିରେ ତାଙ୍କ ଜନ୍ମ ଜୟନ୍ତୀ ଅବସରରେ ସକାଳ ୯ ରୁ ୨ ଟା ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବାସନ୍ତୀ ହସ୍ପିଟାଲର ନିର୍ଦ୍ଦେଶକ ତଥା କ୍ରିଟିକାଲ କେୟାରର ଡ.ରାଜ ପ୍ରଧାନ, ୟୁରୋଲୋଜି ବିଭାଗର ଡ.ବରୁଣ ଡଙ୍ଗାରକର, ଗାଇନୋକୋଲୋଜି ବିଭାଗର ଡ.ଏସକେ ପାଣିଗ୍ରାହୀ, ଇଏନଟି, ଦନ୍ତ ଚିକିତ୍ସକ, ଗେଷ୍ଟ୍ରୋ ଏଣ୍ଟ୍ରୋଲୋଜି ବିଭାଗର ଡ.ମୁକ୍ତି ପ୍ରକାଶ ମେହେର, ଇଏନଟି ବିଶେଷଜ୍ଞ ଡ.ଏସ୍ ମହାନାୟକ, ଦନ୍ତ ଚିକିତ୍ସକ ଡ.ଜିତେନ୍ଦ୍ର ପ୍ରଧାନ, ଡ.ସୁଶ୍ମିତା ପ୍ରଧାନ, ଡ.ଶ୍ରେୟା ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଚିକିତ୍ସା ସେବା ଯୋଗାଇଥିଲେ। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇ ଚିକିତ୍ସା ସେବାର ଲାଭ ନେଇଛନ୍ତି। ଲୋକଙ୍କ ସେବା ପାଇଁ ବାସନ୍ତୀ ହସ୍ପିଟାଲ ପକ୍ଷରୁ ପ୍ରତିବର୍ଷ ଏହିପରି ନିଶୁଳ୍କ ଚିକିତ୍ସା ଶିବିର ଆୟୋଜନ କରାଯିବ ଏବଂ ସେବା ପ୍ରଦାନ କରାଯିବ ବୋଲି ଡ.ଜିତେନ୍ଦ୍ର ପ୍ରଧାନ ଏବଂ ରାଜ ପ୍ରଧାନ ପ୍ରକାଶ କରିଛନ୍ତି।

# ଫାଇଲେରିଆ ନିରାକରଣ ଅଭିଯାନ ସମ୍ପର୍କିତ ପ୍ରେସମିଟ




ଝାରସୁଗୁଡ଼ା,୬।୮ (ସମିସ): ଜିଲ୍ଲାରେ ଫାଇଲେରିଆ ରୋଗର ନିରାକରଣ ସକାଶେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ଚଳିତ ଅଗଷ୍ଟ ମାସ ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ରାଧାରମଣ ବିର୍ତ୍ତିଆ, ଡିପିଏମ ଦୀପକ ମହାନ୍ତି, ଜିଲ୍ଲା ଭେକ୍ଟର ବାହିତରୋଗ ପରାମର୍ଶ ଦାତା ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ୩ ଲକ୍ଷ ୧୩ ହଜାର ୩୪୨ ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ଝାରସୁଗୁଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ମଙ୍ଗଳ ବଜାର), ବେଲପାହାଡ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚପଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏହି ୫ଟି ସ୍ଥାନରେ ଅଗଷ୍ଟ ୧୦ରୁ ୧୯ ତାରିଖ ମଧ୍ୟରେ ଫାଇଲେରିଆ ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥି ସକାଶେ ୧୨୮୦ ଜଣ ସ୍ୱେଚ୍ଛାସେବୀ, ୧୨୩ ଜଣ ସୁପରଭାଇଜରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ୯ଟି ରାପିଡରେସପନ୍ସ ଫୋର୍ସ ଗଠନ ସହ ୬ଟି କଣ୍ଟ୍ରୋଲରୁମ ସ୍ଥାପନା କରାଯାଇଛି। ୫୦ଟି ଭ୍ରାମ୍ୟମାଣ ୟୁନିଟକୁ ଅଭିଯାନରେ ନିୟୋଜିତ କରାଯାଇଛି। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଆଶାକର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର, ବିଦ୍ୟାଳୟ, ମହାବିଦ୍ୟାଳୟ, ଅଫିସ ଏବଂ ଅନ୍ୟ ଅନୁଷ୍ଠାନକୁ ଯାଇ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଫାଇଲେରିଆ ଔଷଧ ଖୁଆଇବେ। ୨ରୁ ୫ ବର୍ଷ ବୟସର ଶିଶୁ କେବଳ ଡିଇସି ଓ ଆଲବେଣ୍ଡାଜଲ ବଟିକା ଓ ୬ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ବ୍ୟକ୍ତି ଉପରୋକ୍ତ ଦୁଇ ବଟିକା ସହ ଆଇଭରମେକ୍ଟିନ ବଟିକା ଖାଇବା ସମ୍ପର୍କରେ ସୂଚନା ଦିଆଯାଇଥିଲା। କେବଳ ଗର୍ଭବତୀ ମହିଳା, ଦୁଇ ବର୍ଷରୁ କମ ଶିଶୁ, ଏକ ସପ୍ତାହ ମଧ୍ୟରେ ଶିଶୁ ଜନ୍ମ କରିଥିବା ମାଆ ଏବଂ ଗୁରୁତର ଅସୁସ୍ଥ ରୋଗୀଙ୍କୁ ଏହି ବଟିକା ଦିଆଯିବ ନାହିଁ। ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଥିବା ଫାଇଲେରିଆ ଔଷଧ ସେବନ ସମ୍ପୂର୍ଣ୍ଣ ନିରାପଦ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ। ଡିଇସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକାର ଗୋଟିଏ ମାତ୍ରା ଖାଇବାକୁ ସମସ୍ତଙ୍କୁ ଅନୁରୋଧ କରାଯିବା ସହ ଫାଇଲେରିଆର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଗ୍ରହଣ କରାଯାଇଥିବା ସଂକଳ୍ପ ପୂରଣ ଦିଗରେ ସମସ୍ତଙ୍କର ସହଯୋଗ କାମନା କରାଯାଇଛି।

# ଟ୍ରଷ୍ଟ ଫଣ୍ଡ କଲେଜରେ ବକ୍ତୃତା ପ୍ରତିଯୋଗିତା

ବରଗଡ଼,୬।୮ (ସମିସ): ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅଧ୍ୟକ୍ଷ ଡ.ସରୋଜ ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଚାରକ ଭାବେ ସାହିତ୍ୟକ ଦିବ୍ୟ କିଶୋର ଦେବତା, ସୁଜିତ୍ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଅବିନାଶ ନାଗ ପ୍ରଥମ, ରୋଟାରୀ ପବ୍ଲିକ ସ୍କୁଲ ଛାତ୍ରୀ ଅକ୍ଷିତା ଷଡଙ୍ଗୀ ଦ୍ୱିତୀୟ, ବିକାଶ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟର ଛାତ୍ରୀ ଆରାଧନା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ବିଜୟୀ ଘୋଷିତ ହୋଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଅଶୋକ ବେହେରା, ନମିତା ବିଶି, ସୁନିଲ ଅଗସ୍ତି, ସୁଷମା ପଣ୍ଡା, ଯାଦବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

● ନବ ଦାସ ହତ୍ୟା ମାମଲା

# ସାକ୍ଷ୍ୟ ପାଇଁ କୋର୍ଟକୁ ଆସିଲେନି ତତ୍କାଳୀନ ଆଇଆଇସି

ଝାରସୁଗୁଡ଼ା,୬।୮ (ସମିସ): ବହୁ ଚର୍ଚ୍ଚିତ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ଝାରସୁଗୁଡ଼ା ଏଡିଜେ କୋର୍ଟରେ ମୁଖ୍ୟ ସାକ୍ଷୀ ତତ୍କାଳୀନ ବ୍ରଜରାଜନଗର ଥାନା ଅଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ସାକ୍ଷ୍ୟ ଗ୍ରହଣ ହୋଇପାରି ନାହିଁ। ବୁଧବାର ଝାରସୁଗୁଡ଼ା ଏଡିଜେ କୋର୍ଟରେ



ପ୍ରଦ୍ୟୁମ୍ନ ସ୍ୱାଇଁ ସାକ୍ଷ୍ୟ ଦେବାର ଥିଲା। ହେଲେ ସେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଅନୁପସ୍ଥିତ ରହିବାରୁ ସାକ୍ଷ୍ୟ ଗ୍ରହଣ ହୋଇପାରି ନାହିଁ। ପୂର୍ବରୁ ଏହି ମାମଲାରେ ୩୩ ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ହେଲେ ଏବେ ମଧ୍ୟ ନବ ଦାସଙ୍କ ହତ୍ୟା ଗୋପାଳ କରିଛି କି ଅନ୍ୟ କେହି କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପ୍ରଦ୍ୟୁମ୍ନ ସ୍ୱାଇଁ ଯେହେତୁ ଗୁଳିକାଣ୍ଡ ସମୟରେ ଉପସ୍ଥିତ ଥିଲେ ତାଙ୍କ ସାକ୍ଷ୍ୟ ପରେ ଏହି ମାମଲାର ରହସ୍ୟ କିଛିଟା ଉନ୍ମୋଚନ ହେବ ବୋଲି ଗୋପାଳଙ୍କ ଓକିଲ ନରେଶ ନାଏକ କହିଛନ୍ତି।

# ଗଙ୍ଗାଧର ଜ୍ୟୋତିଯାତ୍ରା ୨୦୨୫ ପାଇଁ ବ୍ୟାପକ ପ୍ରସ୍ତୁତି

ବରଗଡ଼,୬।୮ (ସମିସ): ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଆଗାମୀ ଅଗଷ୍ଟ ୯ ତାରିଖରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୪ ତମ ଜୟନ୍ତୀ ରହିଛି। ଏହି ପରିପ୍ରେକ୍ଷୀରେ ଗଙ୍ଗାଧର ମେହେର ଜ୍ୟୋତିଯାତ୍ରା ୨୦୨୫ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ବରପାଲିର କବି ଭବନରୁ ସତଲମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଭବ୍ୟ



ଜ୍ୟୋତିଯାତ୍ରା କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି।

ପ୍ରତିବର୍ଷ ପରି ଗଙ୍ଗାଧର ଜ୍ୟୋତିଯାତ୍ରା ୨୦୨୫ ବରଗଡ଼ କମିଟି ତରଫରୁ ଅନୁଷ୍ଠିତ ହେବ। ଏଥିପାଇଁ ଏମ୍‌ଆର୍‌ପ୍ରେସ୍‌ରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ସେହିପରି ସତଲମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ବେହେରାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। ସଭାରେ ଗଙ୍ଗାଧର ଜ୍ୟୋତିଯାତ୍ରା କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷ ଲିଙ୍ଗରାଜ ବେହେରା, ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ଅରୁନ୍ଧତୀ ଭୋଇ, ତେଜରାଜ ଭୋଇ, ମୋହନ ଚାନ୍ଦ ପଧାନ, ପ୍ରଧାନଶିକ୍ଷକ ଡୋଲାମଣି ପଟେଲ, ଅଧ୍ୟାପକ ଭରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

କବି ଗଙ୍ଗାଧର ମେହେରଙ୍କ ୧୬୪ତମ ଜୟନ୍ତୀରେ କବିଙ୍କ ଜନ୍ମପୀଠ ବରପାଲି କବିଭବନରୁ ଜ୍ୟୋତିଯାତ୍ରା ଦିବା ଘ.୧୦.୩୦ମି.ରେ ବାହାରି ବିଭିନ୍ନ ବିଦ୍ୟାଳୟ ଦେଇ ସତଲମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟାହ୍ନରେ ପହଞ୍ଚିବାକୁ ସ୍ଥିର ହୋଇଛି। ଉଲ୍ଲେଖନୀୟ, ଏହିବର୍ଷ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ବ୍ୟାସକବି ଫକୀରମୋହନଙ୍କ ଜନ୍ମପୀଠ ବାଲେଶ୍ୱରରୁ ସ୍ୱଭାବକବି ଗଙ୍ଗାଧରଙ୍କ ଜନ୍ମପୀଠ ବରପାଲିକୁ ଗଙ୍ଗାଧରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ଆସୁଥିବା ସାରସ୍ୱତ-ସଂପ୍ରତି ଯାତ୍ରାର ଯାତ୍ରୀ ବହୁ ସାହିତ୍ୟିକମାନେ ମଧ୍ୟ ଏହି ଜ୍ୟୋତିଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏହାସହ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରହ୍ଲାଦ ସାହାଇ ମୀନା, ମୁଖ୍ୟବକ୍ତା ଭାବେ ଡ.ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଭାବେ ଡ.ସାରଙ୍ଗଧର ତ୍ରିପାଠୀ, ଦୀପକ ବୋଷ, ଡ.ଦୂର୍ବାଦଳ ମେହେର, ସାମ୍ବାଦିକ ରକ୍ଷାକାରୀ ବିଶି, ଅଭିନେତ୍ରୀ ଡ.ତପସ୍ୱିନୀ ଗୁରୁ, ବାଗ୍ମୀ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ ଏବଂ ଅଧ୍ୟକ୍ଷ ଲିଙ୍ଗରାଜ ବେହେରା ତଥା ସ୍ୱଭାବକବିଙ୍କ ସାହିତ୍ୟିକ ପ୍ରପୌତ୍ର ମନୋରଞ୍ଜନ ମେହେର ପ୍ରମୁଖ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଧ୍ୟାପକ ଓ କର୍ମଚାରୀ ସଂଘର ଦାବିପତ୍ର

ଦେବଗଡ଼,୬।୮ (ସମିସ):




ନିଖିଳ ଓଡ଼ିଶା ୬୬୨ (+୨ ଓ +୩) ଅନୁଦାନ ପ୍ରାପ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଦେବଗଡ଼ ଜିଲ୍ଲା ଶାଖା ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘ ଜିଲ୍ଲା ସଭାପତି ବିଜୟ ଶତପଥୀଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ୬୬୨ ବର୍ଗ ଅନୁଦାନ ପ୍ରାପ୍ତ ଯୁକ୍ତ ୨ ଓ ଯୁକ୍ତ ୩ର ଅଧ୍ୟାପକ ଓ କର୍ମଚାରୀ ଏକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀ, ଅବସରକାଳୀନ ବୟସ ୬୦ରୁ ୬୨ ଓ ପେନସନ ଲାଗୁ ଦାବିରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରେବୀକା ବିଲୁଙ୍ଗଙ୍କୁ ପ୍ରଦାନ କରିଥିଲେ। ସଂଘର ଅଭିଯୋଗ ଅନୁଯାୟୀ ଦୀର୍ଘ ବର୍ଷ ଚାକିରି କରି ଅବସର ପରେ ମଧ୍ୟ ୬୬୨ ବର୍ଗ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ପେନସନ ବ୍ୟବସ୍ଥା କରି ନଥିବାରୁ ଅବସରକାଳୀନ ଜୀବନ ସମ୍ପୃକ୍ତ କର୍ମଚାରୀଙ୍କ ଦୁଃସ୍ଥ ହୋଇପଡୁଛି। ସାମାନ କାମକୁ ଅନ୍ୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀ ଅନୁଯାୟୀ ପଦୋନ୍ନତି, ମହଙ୍ଗା ଭତ୍ତା, ଅବସରକାଳୀନ ପେନସନ ଭଳି ସୁବିଧା ମିଳୁଛି। ହେଲେ ଏହି ୬୬୨ ବର୍ଗ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଘଟୁଛି। ତେଣୁ ସରକାର ସାମାନ କାମକୁ ସାମାନ ଦରମା ଓ ସୁବିଧା ସୁଯୋଗ ଦାବିକରି ତୁରନ୍ତ ପେନସନ ବ୍ୟବସ୍ଥା ଲାଗୁ କରିବାକୁ ଦାବିପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम | A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ସମ୍ପୃକ୍ତ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
| --- | --- | --- | --- |
| **ଭୁବନେଶ୍ୱର ମୁଖ୍ୟ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ୧. ୟୁନିୟନ୍ ହୋମ୍ ୨. ୟୁନିୟନ୍ ଆଶିୟାନା ବ୍ୟକ୍ତିଗତ ଋଣ | ୧୩.୦୭.୨୦୨୫ / ୧୮.୦୭.୨୦୨୫ / ୧୮.୦୭.୨୦୨୫ ସୁଦ୍ଧା ଟ.୧୯,୯୮,୨୫୯.୯୬ | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଡିଲୋ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଭୁବନେଶ୍ୱର ମୁଖ୍ୟ ଶାଖା /** ୧) ଋଣଗ୍ରହୀତା: ୧(କ) ମେସର୍ସ ବିଜିନେସ୍.କମ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା, ୧(ଖ) ଶ୍ରୀମତୀ ବି ପି ଜୟଶ୍ରୀ ପଣ୍ଡା / ୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୨(କ) ଶ୍ରୀ ବିଶ୍ୱଜିତ୍ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ୨(ଖ) ଶ୍ରୀ ବିଶ୍ୱବିଜୟ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ / ୩) ମୃତକ ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୩(କ) ଶ୍ରୀ ବିଶ୍ୱଜିତ୍ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ୩(ଖ) ଶ୍ରୀ ବିଶ୍ୱବିଜୟ ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ୩(ଗ) କିରଣବାଳା ସାହୁ, ସ୍ୱାମୀ: ୰ ଗୌରାଙ୍ଗ ଚରଣ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୧୪୯୪/୧୫୨୪, ଆଇବିଏଲ୍ ହାଉସ୍, ଟଙ୍କପାଣି ରୋଡ, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮, ୩(ଘ) ଶ୍ରୀମତୀ ନଳିନୀ ପ୍ରଭା ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଇ୨/୮, ୧ ନଂ. ବୃନ୍ଦାବନ କଲୋନୀ, ବଡପଡିଆ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୨, ୩(ଙ) ମିସ୍ ନନ୍ଦିନୀ ପ୍ରଭା ସାହୁ, ପିତା: ୰ ଗୌରାଙ୍ଗ ଚରଣ ସାହୁ, ପ୍ଲଟ୍ ନଂ.: ଜିକେଭି-୫୮, ଗତି କୃଷ୍ଣ ଭିଲ୍ଲା, ବ୍ରହ୍ମେଶ୍ୱର ମନ୍ଦିର, ଟଙ୍କପାଣି ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୮ | ୧. ସିସି ହାଇପୋଥିକେସନ୍ ୨. ମିଆଦୀ ଋଣ | ୨୩.୦୭.୨୦୨୫ / ୨୫.୦୭.୨୦୨୫ / ୨୪.୦୭.୨୦୨୫ ସୁଦ୍ଧା ଟ.୫,୦୧,୩୭,୬୩୭.୨୫ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର (କ) ଶ୍ରୀ ବିଶ୍ୱବିଜୟ ସାହୁ, ଶ୍ରୀ ବିଶ୍ୱଜିତ୍ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୬, ପ୍ଲଟ୍ ନଂ.: ୩୫୭/୨୩୨୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, (ଖ) ମୃତକ ଗୌରାଙ୍ଗ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୧୭୭, ପ୍ଲଟ୍ ନଂ.: ୩୫୭/୨୩୨୪, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, (ଗ) ଶ୍ରୀ ବିଶ୍ୱବିଜୟ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ତାଳପଡା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୭୫୫/୫୯, ଅନୁରୂପ ଖାତା ନଂ.: ୭୫୫/୫୧୪, ପ୍ଲଟ୍ ନଂ.: ୩୫୭/୨୫୫୭, କ୍ଷେତ୍ର: ଏକର ୦.୦୧୦ ଡିସିମିଲି |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** ୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା, ଉଭୟଙ୍କ ଠିକଣା-୧: ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଠିକଣା-୨: ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / ୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର), ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / ୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର), ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଏସ୍‌ଓଡିଜିଇଏନ୍ | ୨୯.୦୫.୨୦୨୫ / ୨୧.୦୭.୨୦୨୫ / ୩୦.୦୬.୨୦୨୫ ସୁଦ୍ଧା ଟ.୫୫,୦୫,୧୯୯.୫୧ | ଶୁଭେନ୍ଦୁ କୁମାର ଦାସଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** ୧) ଋଣଗ୍ରହୀତା/ଆପ୍ଲିକାଣ୍ଟ/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଏଚ୍‌ଏଲପିଜିଏନ୍ | ୨୯.୦୭.୨୦୨୫ / ୦୧.୦୮.୨୦୨୫ / ୩୧.୦୭.୨୦୨୫ ସୁଦ୍ଧା ଟ.୧୯,୫୫,୭୩୭.୧୨ | ଶ୍ରୀ ବିରଞ୍ଚି ନାରାୟଣ ବେହେରା ଏବଂ ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ଖୋର୍ଦ୍ଧା ଶାଖା /** ୧) ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ବୈଜୟନ୍ତୀ ରାଣୀ ତ୍ରିପାଠୀ, ମେସର୍ସ ପାପାଲି ପେପର ପ୍ରଡକ୍ଟସ୍‌ର ସ୍ୱତ୍ତ୍ୱାଧିକାରୀ, ଠିକଣା-୧: ସ୍ୱାମୀ: ସତ୍ୟବ୍ରତ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, ଠିକଣା-୨: ସ୍ୱାମୀ: ସତ୍ୟବ୍ରତ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ / ୨) ଗ୍ୟାରେଣ୍ଟିଦାତା: ଶ୍ରୀ ସତ୍ୟବ୍ରତ ମିଶ୍ର, ଠିକଣା-୧: ପିତା: ସଚ୍ଚିଦାନନ୍ଦ ମିଶ୍ର, ପ୍ଲଟ୍ ନଂ.: ୪୯୩, ରଘୁନାଥ ନଗର, ଶୁକ ବିହାର, ଶନି ମନ୍ଦିର ନିକଟ, ଭୁବନେଶ୍ୱର, ପୋ: ଡୁମୁଡୁମା ଏଚ୍‌ବି କଲୋନୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୯, ଠିକଣା-୨: ପିତା: ସଚ୍ଚିଦାନନ୍ଦ ମିଶ୍ର, ମଲ୍ଲିପୁର, ଗଡନିଆଳ, ଖାତା ନଂ.: ୩୭୫/୫୬, ପ୍ଲଟ୍ ନଂ.: ୭୦୧/୧୦୭୪, ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୫୫ | କ୍ୟାଶ୍ କ୍ରେଡିଟ୍ | ୨୬.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୬୮,୭୭,୯୧୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୦୧/୧୦୭୪, ବର୍ତ୍ତମାନର ଖାତା ନଂ.: ୩୭୫/୫୬, କ୍ଷେତ୍ର: ଏକର ୦.୨୮୦ ଡିସିମିଲି, ମୌଜା: ମଲ୍ଲିପୁର, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କିସମ: ପତିତ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର/ଦକ୍ଷିଣ/ପଶ୍ଚିମ: ସରକାରୀ ରାସ୍ତା, ପୂର୍ବ: ବିରଞ୍ଚି ନାରାୟଣ ମିଶ୍ର |
| **ପୁବାଶାସନ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ, ପିତା: ଆର୍ତ୍ତତ୍ରାଣ ଜେନା / ୨) ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା, ପିତା: ୰ କୁଞ୍ଜ ବିହାରୀ ଜେନା, ୨(ଖ) ଶ୍ରୀ ମନ ଆନନ୍ଦ ସାଗର, ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ମିଆଦୀ ଋଣ | ୦୧.୦୬.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୭,୬୨,୦୮୮.୩୫ | ପଞ୍ଜିକୃତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |
| **ଶ୍ରୀକ୍ଷେତ୍ର ଶାଖା /** ୧) ଋଣଗ୍ରହୀତା/ବନ୍ଧକଦାତା: ନିବେଦିତା ମିଶ୍ର, ସ୍ୱାମୀ: ୰ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟି, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ଥାନା: କୁମ୍ଭାରପଡା, ପୋ: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨ / ୨) କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ମିତା ମହାନ୍ତି, ସ୍ୱାମୀ: ଅଶେଷ କୁମାର ମହାନ୍ତି, ଠିକଣା-୧: ସା: ସାଇ ନାରାୟଣ ବିଦ୍ୟାମନ୍ଦିର, ନବକଳେବର ରୋଡ, ଜିଲ୍ଲା: ପୁରୀ - ୭୫୨୦୦୨, ଠିକଣା-୨: ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ - ୭୫୩୦୧୦ | ୧. ଗୃହ ଋଣ ୨. ବନ୍ଧକ ଋଣ | ୨୯.୦୫.୨୦୨୫ / ୨୮.୦୭.୨୦୨୫ / ୨୮.୦୭.୨୦୨୫ ସୁଦ୍ଧା ଟ.୧୯,୪୮,୧୦୧.୩୭ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, କିସମ: ଘରବାରୀ |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୬.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସମ୍ପାଦକୀୟ



ସୂର୍ଯ୍ୟ ଓ ସତ୍ୟକୁ ଅଧିକ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିହେବ ନାହିଁ।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଟ୍ରମ୍ପଙ୍କୁ ଜବାବ

ମଧ୍ୟପ୍ରାଚ୍ୟ ଓ ପୂର୍ବ ୟୁରୋପରେ ସଂଘଟିତ ଦୁଇଟି ଯୁଦ୍ଧକ୍ଷେତ୍ରର ଘଟଣାକ୍ରମକୁ ଅନୁଧ୍ୟାନ କଲେ ୟୁକ୍ରେନ ଅପେକ୍ଷା ଗାଜାପଟିର ପରିସ୍ଥିତି ଅଧିକ ଶୋଚନୀୟ। ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅମାନବୀୟ ଓ ଅସମ୍ବେଦନଶୀଳ ମନୋଭାବରୁ ନିରୀହ ଶିଶୁ ଓ ମହିଳା ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ଜାତିସଂଘର ରିଲିଫ ପହଞ୍ଚିବାକୁ ଦିଆଯାଉନି। ବଦଳରେ କ୍ଷୁଧାତୁରଙ୍କ ନିପୀଡ଼ନ ଓ ନିର୍ଯାତନା ସୀମାଲଂଘନ କରୁଥିଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସେମାନଙ୍କ ପ୍ରତି ସାମାନ୍ୟତମ ସମ୍ବେଦନଶୀଳତା ଥିଲା ଭଳି ମନେ ହେଉନି। ନେତାନ୍ୟାହୁଙ୍କ ପ୍ରତି ତାଙ୍କର ଦୁର୍ବଳତା କାହିଁକି? ଅନ୍ୟପକ୍ଷରେ ୟୁକ୍ରେନ୍‌ରେ ନିଜ ଶକ୍ତି ଓ ସାମାର୍ଥ୍ୟର ପରୋକ୍ଷ ପରାଜୟକୁ ରୋକିବା ସକାଶେ ରୁଷ ଉପରେ ତାଙ୍କର ଚାପ ପ୍ରଭାବଶୂନ୍ୟ ହୋଇଥିବାରୁ ସେ ଏବେ ନାନା ଅବାସ୍ତବ କଥା କହିବା ଆରମ୍ଭ କରିଛନ୍ତି। ତେଣୁ କଥା କଥାରେ ଭାରତକୁ ନାଲିଆଖି। ଗତ ୩୦ ତାରିଖରେ ଭାରତୀୟ ଉତ୍ପାଦ ଉପରେ ୨୫% ଶୁଳ୍କ ଲାଗୁ କରିଥିବା ଟ୍ରମ୍ପ ସପ୍ତାହ ପରେ ୫୦%କୁ ବୃଦ୍ଧି କରିଛନ୍ତି। ଟ୍ରମ୍ପଙ୍କ ଦୃଷ୍ଟିରେ ରୁଷିଆରୁ ତେଲ କିଣିବା ହେଉଛି ଭାରତର ଅପରାଧ। ନୋବେଲ ଶାନ୍ତି ପୁରସ୍କାର ପାଇଁ ଆଶାୟୀ ଟ୍ରମ୍ପଙ୍କ ମନେରଖିବା ଉଚିତ ଯେ କେବଳ ରୁଷିଆ ନୁହେଁ, ଇସ୍ରାଏଲ ମଧ୍ୟ ନରସଂହାର ଓ ଯୁଦ୍ଧ ବିଭୀଷିକା ପାଇଁ ଅନୁରୂପ ଭାବେ ଦାୟୀ। ଏଠାରେ ମନେ ରଖିବାକୁ ହେବ ଯେ ବାଣିଜ୍ୟ ଶୁଳ୍କ ଆଳରେ ଭାରତର ସବୁ ନିଷ୍ପତ୍ତିକୁ ଦଳିଚକଟି ଦିଆଯାଇ ପାରିବ ନାହିଁ। ବହୁତ ହୋଇଗଲା, ଆଉ ନୁହେଁ। ରୁଷ ସହ ବାଣିଜ୍ୟିକ ସଂପର୍କ ନେଇ ଭାରତ ମଧ୍ୟ ରୋକଠୋକ ଶୁଣାଇଛି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘକୁ।

ସମୟର ଆବଶ୍ୟକତାକୁ ଚାହିଁ ରାଷ୍ଟ୍ରୀୟ ସ୍ୱାର୍ଥରକ୍ଷା ଓ ଜନସମୁଦାୟଙ୍କ ଚାହିଦା ପୂରଣକୁ ଦୃଷ୍ଟିରେ ରଖି ରୁଷରୁ ତୈଳ ସଂଗ୍ରହ ଭାରତର ଏକ ଯଥାର୍ଥ ନିଷ୍ପତ୍ତି। ପାରମ୍ପରିକ ତୈଳ ଯୋଗାଣ ୟୁରୋପ ଅଭିମୁଖୀ ହୋଇଯିବା ପରେ ରୁଷରୁ ତୈଳ ସଂଗ୍ରହ ସକାଶେ ଆମେରିକା ପ୍ରୋତ୍ସାହିତ କରିଥିଲା। ସେହି ବ୍ୟବସ୍ଥା ଏବେ ମଧ୍ୟ ବଳବତ୍ତର ରହିଛି। ଯୋଗାଣ ଓ ସଂଗ୍ରହ କ୍ଷେତ୍ରରେ ଅନୁସୃତ ନୀତି ନିୟମ ହଠାତ୍ କାହା କଥାରେ ପରିବର୍ତ୍ତନ କରି ହୁଏନି। ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ର ସଂଘ ପୁଣି ଓଲଟି ପଡ଼ି ଭାରତ ଉପରେ ଚାପ ପ୍ରୟୋଗ କରିବାର କୌଣସି ଯଥାର୍ଥତା ନାହିଁ। ନିଜର ସ୍ୱାର୍ଥରକ୍ଷା ପାଇଁ ଏପ୍ରକାର ଦୋ ମୁହାଁ ନୀତିକୁ ଭାରତ ରୋକ୍‌ଠୋକ୍ ପ୍ରତ୍ୟାଖ୍ୟାନ କରିଛି। ୧୪୦ କୋଟି ଦେଶବାସୀଙ୍କ ଇନ୍ଧନ ଆବଶ୍ୟକତା ପୂରଣ ସହ ରାଷ୍ଟ୍ରର ଅର୍ଥନୈତିକ ସ୍ୱାର୍ଥ ସଂଶ୍ଳିଷ୍ଟ ଥିବାରୁ ଘଡ଼ିକେ ଘୋଡ଼ା ଛୁଟିଲା ଭଳି ନିଷ୍ପତ୍ତି ପରିବର୍ତ୍ତନକୁ ମାନିନେବା ଏତେ ସହଜ ନୁହେଁ। ଏଠାରେ ଉଲ୍ଲେଖ କରାଯାଇପାରେ କି ଇରାନ ଓ ଆଜରବୈଜାନ୍ ଉପରେ ପ୍ରତିବନ୍ଧକ ଲାଗାଯାଇ ଥିବାରୁ ସେଠାରୁ ତୈଳ ସଂଗ୍ରହକୁ ଭାରତ ବନ୍ଦ ରଖିଛି।

ରୁଷ ସହ ବାଣିଜ୍ୟିକ ସଂପର୍କ ଆମେରିକା ସମେତ ସମଗ୍ର ୟୁରୋପ ରଖିଥିବା ବେଳେ ଭାରତ ପ୍ରତି ଏପ୍ରକାର ଏକତରଫା ଚାପ କାହିଁକି? ରୁଷରୁ ତୈଳ ସଂଗ୍ରହ କଲେ ଭାରତ କ୍ଷତିଗ୍ରସ୍ତ ହେବ ଏକଥା ସତ। ତୁଳନାତ୍ମକ ଭାବେ ଅନ୍ୟ ରାଷ୍ଟ୍ରରେ ବାଣିଜ୍ୟ କାରବାର ଅବ୍ୟାହତ ରହିଥିବା ବେଳେ ଭାରତ ନିଷ୍ପତ୍ତି ବଦଳାଇ ଦେଲେ ରୁଷର ଅର୍ଥନୀତି ଭୁଶୁଡ଼ି ପଡ଼ିବାର ସମ୍ଭାବନା ଊଣା। ଆମେରିକା ନିଜର ଆବଶ୍ୟକତା ପୂରଣ ପାଇଁ ୟୁରାନିୟମ,ହେକ୍ସାଫ୍ଲୋରାଇଡ୍, ପାଲାଡିୟମ, ସାର ଓ ରାସାୟନିକ ଦ୍ରବ୍ୟ ରୁଷରୁ ଆମଦାନୀ କରୁଛି। ୟୁରୋପୀୟ ରାଷ୍ଟ୍ର ସଂଘର ଦୋମୁହାଁ ନୀତି ସଂପର୍କରେ ଭାରତ ଉଲ୍ଲେଖ କରି ଦର୍ଶାଇଛି ଯେ ୨୦୨୪ ରେ ରୁଷ ସହ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ଥିଲା ୬୭.୫ ବିଲିୟନ ୟୁରୋ, ଅଥଚ ତା' ପୂର୍ବବର୍ଷର ପରିମାଣ ୧୭.୨ ବିଲିୟନରେ ସୀମିତ ଥିଲା। କ୍ରମାଗତ ଭାବେ ରାଷ୍ଟ୍ରସଂଘର ବାଣିଜ୍ୟ କାରବାର ବଢ଼ି ଚାଲିଥିବା ବେଳେ ଭାରତ ଉପରେ ଚାପ ପ୍ରୟୋଗ କରିବାର କୌଣସି ଯଥାର୍ଥତା ନାହିଁ। ରୁଷ ସହ ଭାରତର ମୋଟ ବାଣିଜ୍ୟଠାରୁ ସେମାନଙ୍କ ବେପାର ଯଥେଷ୍ଟ ଅଧିକ। ସେହିଭଳି ୟୁରୋପ ରାଷ୍ଟ୍ର ସମୂହ ୨୦୨୪ରେ ରୁଷରୁ ରେକର୍ଡ ପରିମାଣର ଅର୍ଥାତ୍ ୧୬.୫ ନିୟୁତ ଟନ ଏଲ୍‌ଏନ୍‌ଜି ସଂଗ୍ରହ କରିଛି। ରୁଷ-ୟୁକ୍ରେନ ଯୁଦ୍ଧ ତ ଏବର କଥା ନୁହେଁ। ତେବେ ଯେଉଁମାନେ ଭାରତ ଉପରେ ଚାପ ପକାଉଛନ୍ତି ସେମାନେ ନିଜ ଆବଶ୍ୟକତା ପୂରଣ ପାଇଁ କିଛି ବିକଳ୍ପ ବ୍ୟବସ୍ଥା କରିଛନ୍ତି ତ? ଆମ ଓଡ଼ିଆରେ ଗୋଟିଏ ଢଗ ଅଛି କହି ଦେଉଥାଏ ପରକୁ ବୁଦ୍ଧି ନ ଦିଶଇ ଘରକୁ।

ଟ୍ରମ୍ପ ଧମକ ଦେଇ କହିଥିଲେ ଯେ ଭାରତ କେବଳ ନିଜର ଘରୋଇ ଆବଶ୍ୟକତା ପୂରଣ ପାଇଁ ରୁଷରୁ ତୈଳ ସଂଗ୍ରହ କରୁନି ଏଥିରୁ ବିପୁଳ ଲାଭ ମଧ୍ୟ ଉଠାଉଛି। ରୁଷର ଯୁଦ୍ଧାସ୍ତ୍ରରେ କେତେ ୟୁକ୍ରେନବାସୀଙ୍କ ମୃତ୍ୟୁ ଘଟୁଥିଲେ ମଧ୍ୟ ସେଥିପ୍ରତି ଭାରତର ଖାତିରି ନାହିଁ। ତେଣୁ ଭାରତର ରପ୍ତାନି ସାମଗ୍ରୀ ଉପରେ ସେ ଅତିରିକ୍ତ ଶୁଳ୍କ ଲାଗୁ କରିବେ। ଏକଥା ଉଲ୍ଲେଖ କଲାବେଳେ ଗାଜାପଟିରେ ଚାଲିଥିବା ନରସଂହାର ତାଙ୍କୁ କିଭଳି ବ୍ୟଥିତ କରୁନି ବୋଲି ଯଦି କେହି ପ୍ରଶ୍ନ କରେ ତାହା ନିଶ୍ଚୟ ଅବାନ୍ତର ହେବ ନାହିଁ। ଆମେରିକାରେ ଇହୁଦୀ ଲବିର ଅଖଣ୍ଡ ପ୍ରଭାବ, ସର୍ବୋପରି ମୋସାଡ୍ ମାଧ୍ୟମରେ ସଂଗୃହୀତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଟ୍ରମ୍ପଙ୍କୁ ମଧ୍ୟ ଆତଙ୍କିତ କରିରଖିଛି। ସେହିଭଳି ମଧ୍ୟପ୍ରାଚ୍ୟର ତୈଳ ବାଣିଜ୍ୟ ଉପରେ ନିୟନ୍ତ୍ରଣ ଜାହିର କରିବା ୟୁରୋପର ଧନଶାଳୀ ରାଷ୍ଟ୍ରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ଇସ୍ରାଏଲର ପ୍ରାଧାନ୍ୟକୁ ପ୍ରୋତ୍ସାହିତ କରାଯାଉଛି।

ଏଠାରେ ମନେ ରଖିବାକୁ ହେବ ଯେ ବିଶ୍ୱ ବ୍ୟବସ୍ଥାରେ ଏକାଧିପାତ୍ୟରେ ଯୁଗ ଶେଷ ହୋଇ ଆସୁଛି। ଟ୍ରମ୍ପଙ୍କ ଭୁଲ ଗୋଟିଚାଳନା ଏହି ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିଛି। ଆନ୍ତର୍ଜାତିକ ସଂପର୍କ କ୍ଷେତ୍ରରେ ଏକାଧିକ କ୍ଷମତା ନିଜ ଶକ୍ତି ଓ ସାମର୍ଥ୍ୟ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆଗେଇ ଆସୁଛନ୍ତି। ସେମାନଙ୍କୁ ନାଲି ଆଖି ଦେଖାଇ ସବୁଦିନ ଯେ ଜବତ କରିହେବ ଏକଥା ନୁହେଁ। ଭୂ-ରାଜନୈତିକ ଆବଶ୍ୟକତାକୁ ଚାହିଁ ମୁଣ୍ଡ ଟେକୁଥିବା ଫୋରମ କ୍ରମାଗତ ଭାବେ ଶକ୍ତି ବୃଦ୍ଧି କରିଚାଲିଛନ୍ତି। ସେ ଦୃଷ୍ଟିରୁ ଟ୍ରମ୍ପଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିମଧ୍ୟରେ କାନାଡ଼ା ଓ ଅନ୍ୟ କେତେକ ଆଫ୍ରିକୀୟ ରାଷ୍ଟ୍ର ଏହି ଫୋରମ ସହ ଯୋଗାଯୋଗରେ ଅଛନ୍ତି। ଯେତେଦୂର ମନେ ହୁଏ ଟ୍ରମ୍ପଙ୍କ ଉଠାପକା କୁଟନୀତି 'ବ୍ରିକ୍ସ'ର କାୟାବିସ୍ତାର କରିବାରେ ସହାୟକ ହେବ।

# ଆଧୁନିକତାର ଚକ୍ରବ୍ୟୂହରେ ବୈବାହିକ ଜୀବନ

ଡ.ବିମଳ ଷଡ଼ଙ୍ଗୀ

ନିକଟରେ ଭୁବନେଶ୍ୱରର ଜଣେ ଉଚ୍ଚଶିକ୍ଷିତା କର୍ମଜୀବୀ ମହିଳା ତାଙ୍କ ପତିଙ୍କ ବିରୁଦ୍ଧରେ ବିବାହ ପରର ଉତ୍ତରଦାୟିତ୍ୱରେ ଅବହେଳା ଓ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେହିପରି ତାଙ୍କ ଉଚ୍ଚଶିକ୍ଷିତ ସରକାରୀ ଅଧିକାରୀ ପତି ମଧ୍ୟ ପାଲଟା ପତ୍ନୀଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନାର ଅଭିଯୋଗ ଆଣିଛନ୍ତି, ଯାହା ଏବେ ବିଚାରାଧୀନ ଅଛି। ଗତବର୍ଷ ଡିସେମ୍ବର ମାସରେ ବେଙ୍ଗାଲୁରୁର ଯନ୍ତ୍ରୀ ଅତୁଲ ସୁଭାଷ ପତ୍ନୀଙ୍କ ଦ୍ୱାରା ନିର୍ଯାତିତ ହୋଇ ଆତ୍ମହତ୍ୟା କରିଥିଲେ। ସେହିପରି ପତ୍ନୀ ନିର୍ଯାତନାରେ ଓଡ଼ିଶାର ଜଣେ ଯୁବ ବନ ଅଧିକାରୀଙ୍କ ମୃତ୍ୟୁ ଘଟଣା ଏବେ ବି ରହସ୍ୟ ଘେରରେ। ତେବେ ଏପରି ଅନେକ ଦୁଃଖଦ ଘଟଣା ପ୍ରତିଦିନ ଆମେ ବିଭିନ୍ନ ଗଣମାଧ୍ୟମରୁ ଜାଣୁଛନ୍ତି। ୨୦୨୫, ଜାନୁଆରୀ ମାସରେ ଓଡ଼ିଶାର ପରିବାର ଅଦାଲତଗୁଡ଼ିକରେ ଦୈନିକ ହାରାହାରି ୮୭ଟି ହିସାବରେ ମୋଟ ୨୭୦୭ଟି ନୂତନ ଛାଡ଼ପତ୍ର ଆବେଦନ ଦାଖଲ ହୋଇଥିଲା। ଓଡ଼ିଶା ସରକାର ଯୁବଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ଧାରା ବୃଦ୍ଧିକୁ ରୋକିବା ପାଇଁ ୨୦୨୫ ମସିହାକୁ 'ଛାଡ଼ପତ୍ର ନିବାରଣ ବର୍ଷ' ଭାବରେ ଘୋଷଣା କରି ରାଜ୍ୟବ୍ୟାପୀ ବିବାହ ପୂର୍ବ ପରାମର୍ଶ ପାଇଁ 'ମାତୃ ଅଦାଲତ କେନ୍ଦ୍ର' ସ୍ଥାପନା କରିଛନ୍ତି।ଏହାପଛରେ ଥିବା କେତେକ ବ୍ୟବସ୍ଥାଗତ ତ୍ରୁଟି ଉପରେ ଆମେ ଦୃଷ୍ଟିପାତ କରିବା।

ଭାରତୀୟ ସଂସ୍କୃତିରେ ସ୍ୱାମୀମାନେ ଇଚ୍ଛା କରନ୍ତି ଯେ ବିବାହ ପରେ ସ୍ତ୍ରୀମାନେ ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ମିଶି ରହିବେ। ମାତ୍ର ଆଜିକାଲିର ସ୍ତ୍ରୀମାନେ ଚାହାନ୍ତି ସ୍ୱାମୀଙ୍କ ଉପରେ କେବଳ ସେମାନଙ୍କର ଅଧିକାର। ସ୍ୱାମୀଙ୍କ ପିତା, ମାତା, ଭାଇ ବା ଭଉଣୀଙ୍କ ସହିତ ସମ୍ପର୍କ ଛିନ୍ନ କରି ସୁଖଦ ଜୀବନଯାପନ ସେମାନଙ୍କର ପ୍ରଥମ ଲକ୍ଷ୍ୟ ଥାଏ।ଏପରି ସ୍ଥଳେ ଯଦି କାହାର ହସ୍ତକ୍ଷେପ ହୁଏ ତେବେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ସମସ୍ୟା ଉପୁଜିଥାଏ। ଆପୋସ ସମାଧାନ କରିବା ପରିବର୍ତ୍ତେ ସେମାନେ ନିଜ ନିଜର ମାତାପିତା, ବନ୍ଧୁ କିମ୍ବା ଆଇନର ସହାୟତା ନେଇ ନିଜର ବୈବାହିକ ଜୀବନକୁ ଶେଷ କରନ୍ତି। ଯେଉଁଠାରେ ସ୍ୱାମୀଟି ସ୍ତ୍ରୀର କଥା ମାନି ନିଜର ପିତାମାତାଙ୍କୁ ହତାଦର କରେ, ସେଠାରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଭଲ ସମ୍ପର୍କ ରହିଥାଏ। ସେହିପରି ଯେଉଁଠି ଗୋଟିଏ ଝିଅ କିମ୍ବା ଦୁଇଟି ଝିଅ ଥା'ନ୍ତି, ସେଠାରେ ଝିଅଙ୍କ ଇଚ୍ଛା ଥାଏ ବିବାହପରେ ସେମାନଙ୍କ ସ୍ୱାମୀ ନିଜର ପିତାମାତାଙ୍କ ଭବିଷ୍ୟତ ଦାୟିତ୍ୱ ନିଅନ୍ତୁ। ଯେଉଁଠି ଏହାର ବିରୋଧ ହୁଏ ସେଠାରେ ବିବାହ ବିଚ୍ଛେଦ ଘଟେ।

ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମଧୁର ସମ୍ପର୍କ ଗଭୀର ପରିପୂର୍ଣ୍ଣତାର ଏକ ଉତ୍ସ ବୋଲି ଧରାଯାଏ, ଯାହାକୁ ସମସ୍ତେ ନିଜର ଭାଗ୍ୟ ବୋଲି ଅଭିହିତ କରନ୍ତି। ମାତ୍ର ସମସ୍ତଙ୍କୁ ମାନିବାକୁ ହେବ ଯେ ପରସ୍ପର ପ୍ରତି ସମ୍ମାନ, ସଂବେଦନଶୀଳତା ଓ ଗଭୀର ଚେଷ୍ଟା ଦ୍ୱାରା ସୁସ୍ଥ, ପ୍ରେମପୂର୍ଣ୍ଣ ଘନିଷ୍ଠ ସମ୍ପର୍କ ସୃଷ୍ଟି ହୁଏ। ଗବେଷକଙ୍କ ମତରେ ଯୁବକଯୁବତୀମାନେ ସେମାନଙ୍କର ପ୍ରାରମ୍ଭିକ ବୟସରେ ପରିପକ୍ୱତାର ଅଭାବରୁ ସାମାଜିକ, ଶାରୀରିକ କିମ୍ବା ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଅନେକ ପରିବର୍ତ୍ତନ ଦେଇ ଗତି କରନ୍ତି। ଫିନଲେଙ୍କ ମତରେ ପରିପକ୍ୱତାର ସଂଜ୍ଞା ହେଉଛି 'ମନର ଅନିଶ୍ଚିତତା, ପରିସ୍ଥିତି କିମ୍ବା ପରିବେଶକୁ ଉପଯୁକ୍ତ ଢଙ୍ଗରେ ସହ୍ୟ କରିବାର କ୍ଷମତା'। ସେହିପରି ମେନିଞ୍ଜରଙ୍କ ମତରେ ଭାବପ୍ରବଣତାର ପରିପକ୍ୱତା ହେଉଛି, 'ବାସ୍ତବତା ସହିତ ଗଠନାତ୍ମକ ଭାବରେ ମୁକାବିଲା କରିବାର କ୍ଷମତା'।

ସରଳରେ ଭାବପ୍ରବଣ ପରିପକ୍ୱତା ହେଉଛି ପରିସ୍ଥିତିଗୁଡ଼ିକୁ ଅଯଥା ଅତିରଞ୍ଜିତ ନକରି ସେଗୁଡ଼ିକର ସହଜ ଉପାୟରେ ସମାଧାନ କରିବାର କ୍ଷମତା ବୃଦ୍ଧି କରିବା। ଭାବପ୍ରବଣ ପରିପକ୍ୱତା ନ ଥିବା ବ୍ୟକ୍ତିମାନେ ସାଧାରଣତଃ ସେମାନଙ୍କର କାର୍ଯ୍ୟ ପାଇଁ ଉତ୍ତରଦାୟୀ ହୁଅନ୍ତି ନାହିଁ ଏବଂ ନିଜକୁ ଆତ୍ମନିରୀକ୍ଷଣ କରିବାରେ ଅଭାବ ଯୋଗୁଁ ସେମାନଙ୍କର କ୍ରୋଧ, ଦୁଃଖ କିମ୍ବା ଯେକୌଣସି କଷ୍ଟକର ପରିସ୍ଥିତି ପାଇଁ ଅନ୍ୟମାନଙ୍କୁ ଦୋଷ ଦିଅନ୍ତି। ଏହି ଲୋକମାନଙ୍କର ମୌଳିକ ସମସ୍ୟା ହେଉଛି ଯେ ସେମାନେ ସର୍ବଦା ଚାହାନ୍ତି ଯେ ଅନ୍ୟମାନେ ସେମାନଙ୍କର ଦୃଷ୍ଟିକୋଣକୁ ବୁଝନ୍ତୁ ଏବଂ ସେମାନେ ସମସ୍ତଙ୍କ ଚିନ୍ତାଧାରାକୁ ନିୟନ୍ତ୍ରଣ କରିବେ। ସେମାନଙ୍କର ଦୃଷ୍ଟିକୋଣକୁ ସର୍ବଦା ଯଥାର୍ଥ ବୋଲି ଭାବି ଅନ୍ୟମାନଙ୍କୁ ଖରାପ ବ୍ୟବହାର କରନ୍ତି, ଯାହା ଆଜିର ଯୁବପିଢ଼ିର ପ୍ରକୃତ ରୂପ। ଅନେକ ନିଜର ସାମାଜିକ କର୍ତ୍ତବ୍ୟ, ଭାବପ୍ରବଣତାର ପରିଚାଳନା, ସମ୍ବେଦନଶୀଳତା ଇତ୍ୟାଦିକୁ ସହଜରେ ଜାଣି ନ ଥା'ନ୍ତି, ଯାହା ସେମାନଙ୍କ ପରବର୍ତ୍ତୀ ବୈବାହିକ ଜୀବନକୁ ବ୍ୟଥିତ କରିବା ସହିତ ବିବାହ ପରର ଚାପକୁ ସହଜରେ ସମ୍ମୁଖୀନ ହୋଇପାରି ନଥା'ନ୍ତି।

ଯୁବ ପିଢ଼ି ବ୍ୟକ୍ତିଗତ ଖୁସି ଏବଂ ସ୍ୱାୟତ୍ତତାକୁ କ୍ରମଶଃ ମୂଲ୍ୟବାନ ମନେକରନ୍ତି। ତ'ଦ୍ୱାରା ଯେତେବେଳେ ଦମ୍ପତିମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଆବଶ୍ୟକତା ପୂରଣ ହେଉନାହିଁ ସେତେବେଳେ ଅସନ୍ତୁଷ୍ଟ ହୋଇ ଛାଡ଼ପତ୍ର ପାଇଁ ଅଧିକ ଇଚ୍ଛୁକ ହୋଇପଡ଼ନ୍ତି। ଲିଙ୍ଗଗତ ସମାନତା ମହିଳାଙ୍କ ପାଇଁ ଶିକ୍ଷା, ସ୍ୱାଧୀନତା ଓ ସଶକ୍ତୀକରଣ ବୃଦ୍ଧି କରିଥାଏ। ଛାଡ଼ପତ୍ର ପଛର ଏହା ମଧ୍ୟ ଏକ କାରଣ। ଯେଉଁଠାରେ ଉଭୟ ପତିପତ୍ନୀ ସେମାନଙ୍କ ଦାବି ଓ ନିଷ୍ପତ୍ତି ଗ୍ରହଣ ପରସ୍ପର ମଧ୍ୟରେ ବାଣ୍ଟି ନିଅନ୍ତି ସେତେବେଳେ ସେମାନଙ୍କ ଜୀବନ ସୁଖମୟ ହୁଏ। ଯେତେବେଳେ ଏହି ସହଭାଗିତା ସାକାର ହୁଏ ନାହିଁ ଅଥବା ବୁଝାମଣାର ଅଭାବ ଥାଏ ତାହା ଅସନ୍ତୋଷ ଓ ଛାଡ଼ପତ୍ରକୁ ଉତ୍ସାହିତ କରେ।

ପରିବର୍ତ୍ତନଶୀଳ ସାମାଜିକ ନିୟମାବଳୀ ଆଜିର ଯୁବପିଢ଼ିଙ୍କୁ ସେମାନଙ୍କର ଜୀବନସାଥୀ ବାଛିବାରେ ଅଧିକ ସ୍ୱାଧୀନତା ଦେଇଛି। ପ୍ରେମ ଓ ବ୍ୟକ୍ତିଗତ ସମ୍ପର୍କ ଉପରେ ଆଧାରିତ ବିବାହ ଆଜି ପାରମ୍ପରିକ ବିବାହ ଅପେକ୍ଷା ଅଧିକ ପ୍ରଚଳିତ। ଯଦିଓ ଏହା ବିବାହକୁ ସୁଖମୟ କରିପାରେ, ଭାବପ୍ରବଣତା ଓ ସଂବେଦନଶୀଳତା ପାଇଁ ଅଧିକ ଆଶା କରିପାରେ। ଯେତେବେଳେ ଦମ୍ପତିମାନେ ଅନୁଭବ କରନ୍ତି ଯେ ଏହି ଆଶା ପୂରଣ ହେଉନାହିଁ ସେତେବେଳେ ସେମାନେ ଛାଡ଼ପତ୍ର ବିଷୟରେ ବିଚାର କରିବାର ସମ୍ଭାବନାକୁ ପ୍ରାଥମିକତା ଦେଇଥା'ନ୍ତି। କିଛି ଦମ୍ପତି ବିବାହକୁ ଜୀବନସାରା ଅତୁଟ ବନ୍ଧନ ପରିବର୍ତ୍ତେ ଏକ ଅସ୍ଥାୟୀ ଓ ନମନୀୟ ପ୍ରତିଶ୍ରୁତିବଦ୍ଧତା ଭାବରେ ଦେଖନ୍ତି। ଏହି ଧାରଣା ବ୍ୟକ୍ତିବିଶେଷଙ୍କ ପାଇଁ ବିବାହ ସହିତ ସୃଷ୍ଟ ଆହ୍ୱାନର ସମ୍ମୁଖୀନ ହେବା ସମୟରେ ଛାଡ଼ପତ୍ରକୁ ଆଦରି ନିଅନ୍ତି। ସହରାଞ୍ଚଳରେ ପ୍ରାୟତଃ ଗଣମାଧ୍ୟମ, ଶିକ୍ଷା ଏବଂ ବିଭିନ୍ନ ସମ୍ପ୍ରଦାୟ ସହିତ ଆଲୋଚନା ମାଧ୍ୟମରେ ପାଶ୍ଚାତ୍ୟ ଜୀବନଶୈଳୀ ଏବଂ ମୂଲ୍ୟବୋଧ ପ୍ରତି ଅଧିକ ଆକର୍ଷଣ ହେତୁ ଛାଡ଼ପତ୍ରକୁ ଅଧିକ ଗ୍ରହଣଯୋଗ୍ୟ ବିକଳ୍ପ ଭାବରେ ଦେଖାଯାଏ। ମାତ୍ର ଗ୍ରାମାଞ୍ଚଳରେ ଛାଡ଼ପତ୍ର ଏବେ ବି ଗୁରୁତ୍ୱପୂର୍ଣ୍ଣ କଳଙ୍କ ଭାବରେ ଗଣାଯାଏ। ଶିକ୍ଷିତ ବ୍ୟକ୍ତିମାନେ ଏକ ଦୁଃଖୀ ବିବାହ ବନ୍ଧନରେ ରହିବା ଅପେକ୍ଷା ବ୍ୟକ୍ତିଗତ ଖୁସି ଓ ମଙ୍ଗଳକୁ ପ୍ରାଥମିକତା ଦେଇଥା'ନ୍ତି। ବେଳେବେଳେ ଯୌତୁକ ଉତ୍ପୀଡ଼ନ, ହିଂସା, ଯୌନ ସୁସଙ୍ଗତର ଅଭାବ, ଜୀବନଶୈଳୀ ପସନ୍ଦରେ ପାର୍ଥକ୍ୟ, ଅଭିଭାବକତ୍ୱ ଶୈଳୀ ଏବଂ ଆଶାରେ ପାର୍ଥକ୍ୟ ଓ ମତଭେଦ ଛାଡ଼ପତ୍ର ପ୍ରକ୍ରିୟାକୁ ସହଯୋଗ କରିଥାଏ।

ବୃଦ୍ଧି ପାଉଥିବା ଛାଡ଼ପତ୍ର ହାରରୁ ସମାଜକୁ ରକ୍ଷା କରିବା ପାଇଁ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଦୃଷ୍ଟିଦେଲେ ଭବିଷ୍ୟତ ଭାରତରେ ଏକ ସୁସ୍ଥ ପରମ୍ପରା ବିକଶିତ ହୋଇପାରିବ। ପ୍ରଥମେ ଯୁବକ ବା ଯୁବତୀ ଉଭୟଙ୍କୁ ପରିବାର, ଶିକ୍ଷାନୁଷ୍ଠାନ ସହାୟତାରେ ପିଲାଦିନରୁ ସହାନୁଭୂତି, ସମବେଦନଶୀଳତା, ଭାବପ୍ରବଣତା, ଦୟା, କ୍ଷମା, ପରୋପକାର, ପୂଜ୍ୟପୂଜା ଉପରେ ସଚେତନ କରାଯିବା ଉଚିତ। ବିପରୀତ ପରିସ୍ଥିତିରେ ନିଜକୁ କିପରି ପ୍ରସ୍ତୁତ କରିବାକୁ ପଡ଼ିବ, ତାହା ସେମାନଙ୍କୁ ଜଣାଇବାକୁ ପଡ଼ିବ। ଚାକଚକ୍ୟ ଦୁନିଆ ବାହାରେ ଆଉ ଗୋଟିଏ ସୁନ୍ଦର ଦୁନିଆ ଅଛି, ଯାହା ମଣିଷକୁ ଆନନ୍ଦ ଦେଇପାରିବ ଏବଂ ଦୈହିକ ସୁଖଠାରୁ ମାନସିକ ସୁଖର ଗୁରୁତ୍ୱକୁ ବୁଝାଇବାକୁ ପଡ଼ିବ। ବିବାହ କେବଳ ଦୈହିକ ସୁଖ ବା ଭୋଗ ନୁହେଁ; ତାହା ବିଶ୍ୱକୁ ଏକ ନୂତନ ସୃଷ୍ଟି ଦେଇ ଆଲୋକିତ କରିଥାଏ। ସେ ନୂତନ ସୃଷ୍ଟିକୁ ଆଣି ତାକୁ ସଂପୂର୍ଣ୍ଣ ବିକଶିତ କରିବା ପାଇଁ ବହୁତ ତ୍ୟାଗ କରିବାକୁ ପଡ଼ିଥାଏ। ପରିବର୍ତ୍ତିତ ସାମାଜିକ ପରିସ୍ଥିତି ଅନୁସାରେ ପିତାମାତାମାନଙ୍କୁ ମଧ୍ୟ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏକ ଅପରିଚିତ ଝିଅକୁ ଘରକୁ ବୋହୂ କରି ଆଣିବା ପରେ ତା'କୁ ଶାଶୂ ଶ୍ୱଶୁର ନୁହେଁ, ବରଂ ବାପମାଆ ହୋଇ ନିଜ ଝିଅପରି ସ୍ନେହ ଦେଇ ମିଠା କଥାରେ ତା'କୁ ନିଜର କରିବାକୁ ପଡ଼ିବ।

ସେହିପରି ଝିଅର ପିତାମାତାଙ୍କୁ ଝିଅ ପରିବାରର ଦୈନନ୍ଦିନ ବ୍ୟାପାରରେ ହସ୍ତକ୍ଷେପ ନକରିବା ସହିତ ଉଭୟ ପରିବାର ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାର ଆବଶ୍ୟକତା ରହିଛି। ପିତାମାତା, ବନ୍ଧୁ ପରିବାର, ସମାଜ, ସରକାର, ନ୍ୟାୟିକ ବ୍ୟବସ୍ଥା ସମସ୍ତେ ସେମାନଙ୍କୁ ଏ ଦିଗରେ ସଚେତନ ଓ ସହାନୁଭୂତିର ହାତ ବଢ଼ାଇ ସମ୍ପର୍କ ରଖିବାରେ ସହାୟତା ଦେବା ସହିତ ବୁଝାଇବାକୁ ପଡ଼ିବ ଯେ ଭାରତୀୟ ସମାଜ ପାଇଁ ଏକାଙ୍ଗ ପରିବାର କେବେହେଲେ ସୁନ୍ଦର ସୃଷ୍ଟିର ମାର୍ଗ ହୋଇ ନ ପାରେ। ଏକାନ୍ନ ପରିବାର ହିଁ ଏକମାତ୍ର ବିକଳ୍ପ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ବନ୍ଧୁତ୍ୱର ଭିନ୍ନ ପରିଭାଷା

ଅର୍ଜ୍ଜୁନ ଘଡ଼େଇ

ଜୀବନ ଭିତରେ ଅନେକ ବନ୍ଧୁ ବା ସାଥୀ ହୁଅନ୍ତି। କେତେକଙ୍କ ଅକୁଣ୍ଠିତ ସାହାଯ୍ୟ, ସହଯୋଗ ଓ ଉପଯୁକ୍ତ ପରାମର୍ଶ ପାଇ ଜୀବନ ଆଗକୁ ବଢ଼େ, ଅସଜଡ଼ା ଜୀବନ ସଜାଡ଼ି ହୋଇଥାଏ। ଆଉ କେତେକଙ୍କ ଅନ୍ତର୍ନିହିତ ମନ୍ଦ ଉଦ୍ଦେଶ୍ୟ ଯୋଗୁଁ ସେମାନଙ୍କ ପରାମର୍ଶ, ପ୍ରୋତ୍ସାହନ, ଗତିଶୀଳ ଜୀବନ ପଥକୁ କଣ୍ଟକିତ କରିଥାଏ କିମ୍ବା ସ୍ୱପ୍ନର ପାହାଡ଼ ଭାଙ୍ଗିଯାଏ। ଏପରି ବନ୍ଧୁମାନଙ୍କ ଭିତରେ 'ଉସୁକା' ବନ୍ଧୁ ବି ଅନେକ ଥା'ନ୍ତି, ଯେଉଁମାନେ ଅନେକ ସମୟରେ ଅନାବଶ୍ୟକ କାର୍ଯ୍ୟ କରିବାକୁ ଉସୁକାଇଥା'ନ୍ତି। ଆଉ ସେମାନଙ୍କର ଉସୁକାଉଥିବାର ଅର୍ଥକୁ ସଠିକ୍ ଭାବେ ବୁଝି ନ ପାରି ଆମେ ଯଦି ତାଙ୍କ କଥାରେ ପ୍ରୋତ୍ସାହିତ ହେଇଯାଉ ଭୟାବହ ପରିଣାମ ଭୋଗିବାକୁ ପଡ଼େ। ନା ସିଏ ଥା'ନ୍ତି ସାଥୀରେ ବନ୍ଧୁ ପରି, ନା ଥାଏ ତାଙ୍କର ସହଯୋଗ। ବରଂ ଆଖି ଆଢୁଆଳରେ ଏକ ନିରାପଦ ଦୂରତ୍ୱରେ ରହି ସେ ଦେଖୁଥା'ନ୍ତି ବନ୍ଧୁର ଅଭାବନୀୟ ପରିସ୍ଥିତି। ଖୁସି ହୋଇ ତାଳି ମାରୁଥା'ନ୍ତି ଲକ୍ଷ୍ୟ ସାଧନରେ ସଫଳ ହୋଇଥିବାରୁ। ଆଜିର ସମାଜରେ ଏଇ ଉସୁକାଉଥିବା ବନ୍ଧୁମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେଉଁମାନଙ୍କର ପ୍ରେରଣା ଓ ପରାମର୍ଶ ପ୍ରତାରଣାର ଶକ୍ତି ବହନ କରି ବିଧ୍ୱସ୍ତ କରି ଦେଉଛି ଆମର ସାମାଜିକ ଜୀବନକୁ।

'ଉସୁକାଇବା' ଏକ ଦେଶଜ ଶବ୍ଦ। ଆଧୁନିକ ସଭ୍ୟ ସମାଜରେ ଏ ଶବ୍ଦର ବ୍ୟବହାର ବିଭିନ୍ନ ରୂପରେ ବ୍ୟବହୃତ ହେଉଛି। କୌଣସି କାର୍ଯ୍ୟ ପାଇଁ କାହାକୁ ଉତ୍ସାହିତ, ପ୍ରୋତ୍ସାହିତ, ଉତ୍ତେଜିତ ଆଦି କରିବାକୁ ଗାଁ ଗହଳି ଲୋକମାନେ 'ଉସୁକେଇବା' ବୋଲି କହିଥା'ନ୍ତି। ନିଜ ହୃଦୟ ଭିତରେ ମାନସିକ ସ୍ତରରେ କୌଣସି କାର୍ଯ୍ୟ ପାଇଁ ପ୍ରବଳ ଆଗ୍ରହୀ ହେବା, ଉତ୍ତେଜିତ ହେବା ଏକ ଇନ୍ଦ୍ରିୟାସକ୍ତ ମାନସିକ ପ୍ରକ୍ରିୟା। ଏହି ପ୍ରକ୍ରିୟା ମନ ଭିତରେ ସୃଷ୍ଟି ହେବା ବେଳେ ନିଜର ସ୍ଥିର, ଚିତ୍ତ, ବିଚାରବୋଧର ଆବଶ୍ୟକତା ଥାଏ। ଯେଉଁମାନେ ଅତି ଆନ୍ତରିକତା ଦେଖାଇବାକୁ ଯାଇ ଏପରି ପ୍ରେରଣା, ପ୍ରୋତ୍ସାହନ, ଉତ୍ସାହ ଆଦି ସୃଷ୍ଟି କରିଥା'ନ୍ତି, ସେମାନଙ୍କ କଥା ବେଳେବେଳେ ଉଦ୍ଦେଶ୍ୟନିହିତ ଭାବେ ବିଚାର କଲେ ସୁଫଳ ମିଳିଥାଏ।

ଉସୁକାଉଥିବା ବନ୍ଧୁ ସବୁକ୍ଷେତ୍ରରେ ଯେ କ୍ଷତିକାରକ ଏକଥା କହିବା ଠିକ୍ ନୁହେଁ। କିନ୍ତୁ ନିଜ ଅଭିଜ୍ଞତାରୁ, ବନ୍ଧୁଭାବେ ଅଭିନୟ କରି, ଉସୁକାଇ ଉଦ୍ଦେଶ୍ୟ ହାସଲ କରିଥିବା ଅବନ୍ଧୁ ଅନେକ କ୍ଷତି ସାଧନ କରିଥିବା ଆମେ ଅନୁଭବ କରୁଛେ। ଏଥିପାଇଁ ଜୀବନ ଯନ୍ତ୍ରଣାର ସ୍ୱର ଏତେ ତୀବ୍ର ହୋଇଛି ଯେ 'ଅଜାଗା ଘା' ଦେଖିହୁଏନି କି ଦେଖଇ ହୁଏନି' ଏମିତି ଅବସ୍ଥା ବି ଭୋଗିଛେ। ଏପରି ଉସୁକା ବନ୍ଧୁ ଜୀବନରେ କେବେ ବି ନ ଆସନ୍ତୁ ଭଗବାନଙ୍କୁ ପ୍ରାର୍ଥନା କରିଛେ। ଏପରି ବନ୍ଧୁ ଶତ୍ରୁଠାରୁ ବି ଆହୁରି ବିପଦଜ୍ଜନକ ଓ ଭୟଙ୍କର। ଅହିତାକାଂକ୍ଷୀ ଚରିତ୍ରମାନେ ସମାଜରେ ସୃଷ୍ଟି ହେଲେ ବନ୍ଧୁତ୍ୱର ଅର୍ଥ, ପରିଭାଷା ବଦଳିଯିବ ନିଶ୍ଚୟ। ବନ୍ଧୁତ୍ୱ ହେଉଛି ଦୁଇଟି ହୃଦୟ ମଧ୍ୟରେ ଏକ ଭାବନାତ୍ମକ ସମ୍ପର୍କ ଏହା ଭୁଲିବା ଉଚିତ ନୁହେଁ।

ଉସୁକା ବନ୍ଧୁମାନେ କେବଳ ଦାଉ ସାଧନ୍ତିନି, ଜୀବନର ଶେଷ ପରିଣତି ସୃଷ୍ଟି ପାଇଁ ପରିସ୍ଥିତି ବି ସୃଷ୍ଟି କରିପାରନ୍ତି। ଅନେକ ଉସୁକା ବନ୍ଧୁଙ୍କ ପରାମର୍ଶରେ ଆତ୍ମହତ୍ୟା, ଆତ୍ମଦାହ କରିବା ପରି ପରିସ୍ଥିତି ଆମ ଅନିଚ୍ଛାସତ୍ତ୍ୱେ ସୃଷ୍ଟି ହୋଇଯାଏ, ଯାହା ଆମେ କାହାର ପ୍ରୋତ୍ସାହନରେ, ଉତ୍ତେଜନାର ବଶବର୍ତ୍ତୀ ହୋଇ କରିଥାଉ। ଟିକିଏ ଧୈର୍ଯ୍ୟ, ସହନଶୀଳତା ଭାବ ନେଇ ସମୟ ଅତିବାହିତ କରିଦେଲେ ସେଇ ଦୁଃସମୟ ଅପସରିଯିବ। ନିଜ ବିଚାରବୋଧ, ଜ୍ଞାନର ଉଦ୍ରେକ ହେବ ଏକଥା ବୁଝିବା ଦରକାର। ଯେଉଁମାନେ ଅନ୍ୟକୁ ଉସୁକାଇବା ପ୍ରବୃତ୍ତି ନିଜ ଭିତରେ ସୃଷ୍ଟି କରୁଛନ୍ତି ସେମାନଙ୍କ ପାଇଁ ବନ୍ଧୁତ୍ୱ ଏକ ବାହାନା, ସ୍ୱାର୍ଥ କାମନା ହିଁ ଶ୍ରେୟ।

ଯେ କୌଣସି ଭଲ କାର୍ଯ୍ୟପାଇଁ ବ୍ୟଗ୍ରତା, ଉତ୍ସୁକତା, ଉତ୍କଣ୍ଠା ମନ ଭିତରେ ସୃଷ୍ଟି ହେବା ଭଲ ମଣିଷର ପ୍ରବୃତ୍ତି ହୋଇପାରେ। କିନ୍ତୁ ଏଥିପାଇଁ ଯେତେବେଳେ କିଏ ପ୍ରବର୍ତ୍ତାଇବା, ପ୍ରରୋଚନା ଦେବା, ପ୍ରଣୋଦିତ କରିବା କିମ୍ବା ପ୍ରଭାବିତ କରିବା ପରି ଉସୁକାଇବା ପରି ଚରିତ୍ରମାନେ ଆଖି ଆଗକୁ ଆସିବେ ତା'ର ଉପଯୁକ୍ତ ବିଚାର କରି କାର୍ଯ୍ୟପନ୍ଥା ନିର୍ଣ୍ଣୟ କଲେ ମଙ୍ଗଳ ହେବ। ଅନ୍ୟଥା ସେଇ ନଷ୍ଟ ଚରିତ୍ରମାନେ ନିଜ ସ୍ୱାର୍ଥ ସାଧନ ପାଇଁ ହିତାକାଂକ୍ଷୀ ବନ୍ଧୁ ଭାବେ ପରିଚୟ ସୃଷ୍ଟି କରି ଅନେକ କ୍ଷତି ସାଧନ କରିବେ, ଏହା ସୁନିଶ୍ଚିତ। ସାବଧାନ ହେଲେ ଉସୁକା ବନ୍ଧୁମାନେ ବିଫଳତା ପାଇଁ ନିରବି ଯାଇ ଆତ୍ମଗ୍ଲାନିରେ ଜର୍ଜ୍ଜରିତ ହୋଇଯାନ୍ତୁ ପଛେ, ଆମେ ତ ବଞ୍ଚିଯିବା ଆମର ଅଭାବନୀୟ ପରିସ୍ଥିତିରୁ। ଉସୁକେଇବା, ପ୍ରବର୍ତ୍ତନା ଦେବା ସହଜ, କିନ୍ତୁ କୁକର୍ମ, ଅପରିଣାମଦର୍ଶିତାରୁ ନିବୃତ୍ତାଇବା ଅସମ୍ଭବ ହୋଇଥାଏ। ବିଚାରଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱମାନେ ବିଶ୍ଳେଷଣ କଲେ ବୁଝିପାରିବେ ନିଶ୍ଚୟ। ନିଜର ଶକ୍ତି ସାମର୍ଥ୍ୟକୁ ପରଖି ଆଗକୁ ବଢ଼ିବା ଉଚିତ।

ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮୬୧୫

# ନବଭାରତର ପ୍ରଜ୍ଞା-ପୁରୁଷ ନୀଳକଣ୍ଠ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ପଣ୍ଡିତ ନୀଳକଣ୍ଠ ଦାସଙ୍କ ତ୍ୟାଗପୂତ ଜୀବନ ଓ ବହୁମୁଖୀ ପ୍ରତିଭାର ଆକଳନ ପ୍ରତି ସଚେତନ ଦୃଷ୍ଟି ନିକ୍ଷେପ କଲେ, ସେ ଯେ ନବଭାରତର ଜଣେ ଅସାମାନ୍ୟ ପ୍ରଜ୍ଞା-ପୁରୁଷ; ଏ ନିରାଟ ସତ୍ୟ ଯେକେହି ସ୍ୱୀକାର କରିବେ ନିଶ୍ଚୟ। ଯେଉଁ ବ୍ୟକ୍ତିର ଚେତନା ହୋଇଉଠେ ପ୍ରଜ୍ଞାର ଆଲୋକରେ ଦୀପ୍ତିମନ୍ତ, ସେ ନିଜେ ହିଁ ଆବିଷ୍କାର କରିପାରେ ତା' ଜୀବନର ଲକ୍ଷ୍ୟ ଓ ପଥ। ନୀଳକଣ୍ଠ-ମାନସ ରହିଥିଲା ସେଇ ଉଜ୍ଜ୍ୱଳତାରେ ଚିରଉଦ୍ଭାସିତ। ସେଥିପାଇଁ ସାମାଜିକ କୁସଂସ୍କାର ପ୍ରତି ଭ୍ରୂକ୍ଷେପ ନ କରି ନିଜସ୍ୱ ବ୍ୟକ୍ତି ସ୍ୱାଧୀନତାରେ ରହିପାରିଥିଲେ ଅବିଚଳିତ। ଜୀବନକାଳରେ ସ୍ୱଦେଶକୁ ଯେଉଁ ରୂପରେ ଦେଖୁଛନ୍ତି, ଶେଷ ନିଃଶ୍ୱାସ ତ୍ୟାଗ ସମୟରେ ଏହାକୁ ଉନ୍ନତ ଅବସ୍ଥାରେ ଦେଖି ପୃଥିବୀରୁ ବିଦାୟନେବେ ବୋଲି ଗୋପବନ୍ଧୁ ଗୋଦାବରୀଶଙ୍କ ସହ ସେ ଯେପରି ଶପଥବଦ୍ଧ ହୋଇଥିଲେ, ସେଇ ଦୃଶ୍ୟ ଆଜି ବି ଥରାଇଦିଏ ଛାତି। କାହିଁ କେଉଁ ଉଚ୍ଚଶିକ୍ଷିତ କୌଣସି ତରୁଣ ଗୋଷ୍ଠୀ ସେପରି ପ୍ରତିଜ୍ଞାବଦ୍ଧ ହେବାର ଅନ୍ତର୍ଭେଦୀ ଦୃଶ୍ୟ ଆଉ ଆମର ଦୃଷ୍ଟିପଥାରୂଢ଼ ହେଉ ନାହିଁ ତ ଆଜି!

ଏହି ଦୃଢ଼ତା ନୀଳକଣ୍ଠଙ୍କ ମଧ୍ୟରେ ରହିଥିଲା ଏକ ଜ୍ୟୋତିର୍ମୟ ସୁଉଚ୍ଚ ସ୍ତମ୍ଭ ସଦୃଶ। ସେହି ସାହସ, ଶକ୍ତି ଓ ଶ୍ରଦ୍ଧା ହୃଦୟରେ ଧରିରଖି ସେ ଗ୍ରହଣ କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ। ବାହ୍ୟ ରୂପରେ ଯିଏ ଅତ୍ୟନ୍ତ କଠୋର, ଦୃଷ୍ଟି ଯାହାଙ୍କ ଛୁରିକା ଠାରୁ ଆହୁରି ତୀକ୍ଷ୍ଣ ସେ ପୁଣି ରାମଚଣ୍ଡୀଠାରେ ନିଜ ଛାତ୍ରମାନଙ୍କ ଗଭୀର ସୁଷୁପ୍ତି ମଧ୍ୟରେ ଉତ୍କଳର ଗୌରବମୟଅତୀତକୁ ଦେଖିପାରନ୍ତି ସାରାରାତ୍ରି ବିନିଦ୍ର ରହି! ଛାତ୍ରମାନେ ଯାହା ସ୍ୱପ୍ନରେ ଦେଖୁଥିଲେ ତାହାକୁ ନୀଳକଣ୍ଠ ବର୍ଣ୍ଣନା କରିଛନ୍ତି ନା ଛାତ୍ରମାନଙ୍କ ମାନସ ପଟରେ ନିଜେ ସୃଷ୍ଟି କରିଦେଇଛନ୍ତି ଏକ ସ୍ୱତନ୍ତ୍ର ସ୍ୱପ୍ନ ରାଜ୍ୟ? ଯେଉଁମାନେ ଉଚ୍ଚକୋଟୀର ଶିକ୍ଷକ ସେମାନେ ନିଜେ କେବଳ ସ୍ୱପ୍ନ ଦେଖନ୍ତି ନାହିଁ। ସେମାନେ ରହନ୍ତି ଜାଗ୍ରତ ଆଉ ଛାତ୍ରମାନଙ୍କୁ ଉତ୍ତୋଳିତ କରିନେଇ ପାରନ୍ତି ନିଜ ଆକାଂକ୍ଷା ଅନୁସାରେ ଏକ ମହତ୍ତର ସ୍ୱପ୍ନର ଅପୂର୍ବ ଜଗତକୁ। 'କୋଣାର୍କେ' କାବ୍ୟ ରଚନା କରି ନୀଳକଣ୍ଠ ତାହା ହିଁ କରିପାରିଛନ୍ତି। ସେ ନିଜ ସୃଜନଶୀଳ ଆତ୍ମାକୁ ଯୋଡ଼ି ଦେଇ ପାରୁଥିଲେ ବିଶ୍ୱସାହିତ୍ୟର ଶ୍ରେଷ୍ଠସ୍ରଷ୍ଟାମାନଙ୍କ ସହିତ। ଏହି ରହସ୍ୟମୟ ସଂଯୋଗ ଦ୍ୱାରା ଇଂରାଜୀ କବି ଟେନିସନ ପ୍ରବେଶ କଲେ ନୀଳକଣ୍ଠଙ୍କ ଅନ୍ତର ଭିତରେ। ରୂପାନ୍ତରିତ କରିଦେଲେ ନିଜକୁ ନୀଳକଣ୍ଠ ରୂପରେ ଆଉ ନିଜ ଇଂରାଜୀ କାବ୍ୟକୁ ରୂପାୟିତ କରିଦେଲେ ଖାଣ୍ଟି ଓଡ଼ିଆରେ। କିଏ ଟେନିସନ ଆଉ କିଏ ନୀଳକଣ୍ଠ ତାହା ବିଚକ୍ଷଣ ସମାଲୋଚକମାନେ ମଧ୍ୟ ଭିନ୍ନ ଭିନ୍ନ କରି ପ୍ରମାଣିତ କରିଦେଇ ପାରିବେନି 'ଦାସ ନାଏକ' ଓ 'ପ୍ରଣୟିନୀ' କାବ୍ୟ ଦୁଇଟିରେ।

କାବ୍ୟଶିଳ୍ପୀ ଭାବରେ ନୀଳକଣ୍ଠ ଯେପରି ପାଠକର ହୃଦୟକୁ ଉଦବେଳିତ କରିଦେଇପାରନ୍ତି, ଗଦ୍ୟଶିଳ୍ପୀ ରୂପରେ ସେହିପରି ଚେତନା ଉଦ୍ରେକ-କ୍ଷମ ଭୂମିକା ଗ୍ରହଣ କରନ୍ତି ନିର୍ଭୀକ ଭାବରେ। ନୀଳକଣ୍ଠଙ୍କ ପ୍ରବନ୍ଧ ପାଠ କଲେ ଜାତୀୟତାବୋଧର ଭିତ୍ତିଭୂମି ସୁଦୃଢ଼ ହୋଇଯିବ ଯେକୌଣସି ସ୍ୱାଭିମାନୀ ତରୁଣ ଆତ୍ମାରେ। 'ଅଛୁ ଓ ହେବୁ' ପ୍ରବନ୍ଧଟି ପାଠ କରନ୍ତେ କି ଓଡ଼ିଶାର ଛାତ୍ର ସମାଜ! ଆମେ ଯେପରି ଅଛୁ ସେଇପରି ଅପରିବର୍ତ୍ତିତ ହୋଇଥିବାରେ କି ବା ସ୍ୱାଦ କି ସାର୍ଥକତା ନିହିତ? ନୀଳକଣ୍ଠଙ୍କ ସଂସ୍କାର ଅଭିମୁଖୀ ଲେଖନୀ ସୃଷ୍ଟି କରିପାରେ 'ମୋ ନିଶ' ପରି ପ୍ରବନ୍ଧ। ସାମ୍ପ୍ରତିକ ପରିସ୍ଥିତିରେ ସଂସ୍କାର ଆଣିବା ପାଇଁ ପ୍ରେରଣାର ଏହା ଏକ ଜ୍ୟୋତିଶିଖା।

ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଲେଖି ସେ ସାହିତ୍ୟର ଇତିହାସକୁ ଉପସ୍ଥାପନ କରିବାରେ ଯେଉଁ ନୂତନ ଚାହାଣୀ ଓ ଚମକର ପରିଚୟ ଦେଇଛନ୍ତି, ତାହା ଆମ ଚଳଣି ଉପରେ ପ୍ରଭାବ ନ ପକାଇବ କିପରି? ନୀଳକଣ୍ଠ ଜାତୀୟସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି ରାଜନୈତିକ ଜୀବନରେ। ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷଙ୍କ ସଂସ୍ପର୍ଶରେ ଆସିବାର ବିରଳ ସୁଯୋଗ ପାଇଛନ୍ତି। ନିଜ ଦ୍ୱାରା ପ୍ରକାଶିତ ପତ୍ରିକାର ନାମକରଣ 'ନବଭାରତ' ରଖିବା କେତେ ତାତ୍ପର୍ଯ୍ୟ ବହନ କରେ ପ୍ରକୃତରେ! ଆଜିବି ତାହାର ନୂତନ ପ୍ରସ୍ଥ ଦୈନିକ 'ସମାଜ'ରେ ପ୍ରତି ରବିବାର ଦିନ ଲକ୍ଷାଧିକ ପାଠକଙ୍କ ସୁଦୃଷ୍ଟି ଆକର୍ଷଣ କରିପାରେ। ଆତ୍ମଜୀବନୀର ପୃଷ୍ଠା ଓଲଟାଇବା ମାତ୍ରକେ କେତେ ଅନୁଦଘାଟିତ ସତ୍ୟ ଉପରୁ ପରଦା ହଟିଯାଏ। ନୀଳକଣ୍ଠଙ୍କ ପରି ଆଉ ଦ୍ୱିତୀୟ ପ୍ରଜ୍ଞାପୁରୁଷଙ୍କ ଆବିର୍ଭାବ ସମ୍ଭବ ହୋଇ ନାହିଁ ଆଜିପର୍ଯ୍ୟନ୍ତ। ଭବିଷ୍ୟତରେ ତାଙ୍କ ଚେତନାର ଆଲୋକ ଆଉ ଥରେ ସମୁଜ୍ଜ୍ୱଳ କରିଦେଇ ପାରିବ ନାହିଁ ଓଡ଼ିଶା ମାଟିକୁ? ଏହା କ'ଣ ଅସମ୍ଭବ??

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗୃହ ବିଭାଗ ଅସୁସ୍ଥ, ମୁଖ୍ୟମନ୍ତ୍ରୀ ଅସହାୟ: ବିଜେଡି



■ ସରକାରଙ୍କ ଦାୟିତ୍ୱହୀନତା ଓ ନିଷ୍କ୍ରିୟତା ପାଇଁ ଜଳୁଛନ୍ତି ଛାତ୍ରୀ
■ ଆଉ କେତେଜଣ ଜଳିଲେ ଚେତିବେ ଡବଲ ଇଞ୍ଜିନ ସରକାର

ଭୁବନେଶ୍ୱର,୬।୮ (ସମିସ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ , ବଲଙ୍ଗା ନାବାଳିକାଙ୍କୁ ପୋଡ଼ି ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ, ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବଡ଼ପଡ଼ା ପଞ୍ଚାୟତରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ କିରୋସିନ ଢାଳି ହୋଇ ଆତ୍ମାହୁତି ଦେଇଛନ୍ତି। ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଛି। ଘଟଣାରେ ସରକାରଙ୍କ ନିଷ୍କ୍ରିୟତା ଓ ପୁଲିସ୍ ବିଭାଗର ଦାୟିତ୍ୱହୀନତାକୁ ବିଜେଡି କଡ଼ା ନିନ୍ଦା ସହ ଗୃହ ବିଭାଗ ଅସୁସ୍ଥ ଓ ମୁଖ୍ୟମନ୍ତ୍ରୀ ଅସହାୟ ବୋଲି ଆକ୍ଷେପ କରିଛି।

ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି, ମୁଖପାତ୍ର ଇପ୍ସିତା ସାହୁ ଓ ସୋଫିଆ ଆଲାମ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ପୁଲିସର ନିଷ୍କ୍ରିୟତା ଓ ଦୁର୍ବଳ ଶାସନ ପାଇଁ ପୁଣି ଜଣେ ଛାତ୍ରୀଙ୍କୁ ଜୀବନ ହାରିବାକୁ ପଡ଼ିଛି। ବିଜେପି ସରକାରକୁ ଆସିବା ପରେ ଶାନ୍ତିପ୍ରିୟ ଓଡ଼ିଶାରେ ନାରୀ ନିର୍ଯାତନା ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ପୀଡ଼ିତା ଛାତ୍ରୀ ଜନୈକ ଯୁବକଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଲା ପରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଗ୍ରହଣ ପରିବର୍ତ୍ତେ ଧମକ ଆସୁଥିବା ଫୋନ ନମ୍ବରକୁ ବ୍ଲକ କରି ନିରାପଦରେ ରହିବା ପାଇଁ ଓଲଟି ପୁଲିସ ପରାମର୍ଶ ଦେଇଥିଲା। ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ଜିରୋ ଏଫଆଇଆର ରେଜିଷ୍ଟ୍ରେସନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ନିର୍ଦ୍ଦେଶକୁ କ'ଣ ପାଇଁ ପୁଲିସ୍ ଓ ଡିଜିପି କାର୍ଯ୍ୟକାରୀ କଲେ ନାହିଁ? ଯଦି ପୁଲିସ୍ ପୀଡ଼ିତାଙ୍କ ଏତଲାକୁ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା, ତାହେଲେ ଆଜି ଆଉ ଜଣେ ଛାତ୍ରୀଙ୍କ ଅମୂଲ୍ୟ ଜୀବନ ବଞ୍ଚିଯାଇ ଥାଆନ୍ତା ବୋଲି ବିଜେଡି କହିଛି।

ସେହିପରି ପୀଡ଼ିତା ମୃତ୍ୟୁବରଣ କଲା ପରେ କେନ୍ଦ୍ରାପଡ଼ା ଏସ୍‌ପି ସେ ତଦନ୍ତ ଦାୟିତ୍ୱ ହାତକୁ ନେଇଥିବା କହିଛନ୍ତି। ତେଣୁ ପୁଲିସ୍ ତା' କାର୍ଯ୍ୟରେ ଶତପ୍ରତିଶତ ଅବହେଳା କରିଥିବା ପ୍ରମାଣିତ ହୋଇଛି। ପୁଲିସର ଦାୟିତ୍ୱହୀନତା ପାଇଁ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଚଳାଇବାରେ ଅସହାୟ। ଏହି ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଅନ୍ୟ କାହାକୁ ହସ୍ତାନ୍ତର କରନ୍ତୁ ଏବଂ ଅପାରଗ ପୁଲିସ୍ ମହାନିର୍ଦ୍ଦେଶକ ତାଙ୍କ ଦାୟିତ୍ୱରୁ ଅବ୍ୟାହତି ନିଅନ୍ତୁ ବୋଲି ବିଜେଡି ଦାବି କରିଛି।

# ନାବାଳିକାକୁ ଦୁଷ୍କର୍ମ; ନାବାଳକ ସମେତ ୩ ଗିରଫ

କୁଆଁମରା, ୬।୮ (ସମିସ): ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣେ ନାବାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣଙ୍କ ବୟସ ୨୩ ଓ ୧୮ ହୋଇଥିବା ବେଳେ ଅନ୍ୟ ଜଣେ ନାବାଳକଙ୍କ ବୟସ ୧୩। ଦୁଇ ଦିନ ତଳେ ପୀଡିତାଙ୍କ ଘରେ କେହି ନ ଥିବା ବେଳେ ଅଭିଯୁକ୍ତମାନେ ବିଭିନ୍ନ ସମୟରେ ଦୁଷ୍କର୍ମ କରିଥିଲେ। ଏହି ଘଟଣା କାହାରିକୁ ନ କହିବା ପାଇଁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ପରେ ପୀଡିତାଙ୍କ ମା' ଘରକୁ ଫେରିବା ପରେ ଘଟଣା ସଂପର୍କରେ ଜାଣିବାକୁ ପାଇଥିଲେ। ଫଳରେ ପୀଡିତାଙ୍କ ମାଆ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ୩ ଜଣଙ୍କୁ ଗିରଫ କରିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

# ଆଜି କେନ୍ଦ୍ରାପଡ଼ା ଯିବ ପିସିସି ଅନୁଧ୍ୟାନ କମିଟି

ଭୁବନେଶ୍ୱର,୬।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଜଣେ + ୩ ଶେଷ ବର୍ଷ ଛାତ୍ରୀ ଆତ୍ମାହୁତି ଦେବା ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ୮ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି। ପିସିସି ଉପସଭାପତି ସସ୍ମିତା ବେହେରା କମିଟିର ଅଧ୍ୟକ୍ଷା ରହିଥିବା ବେଳେ ସମ୍ପାଦିକା ଡଃ ଦେବସ୍ମିତା ଶର୍ମା, ସସ୍ମିତା ପଣ୍ଡା, ପିସିସି ମୁଖପାତ୍ର ସୋନାଲି ସାହୁ, ଡଃ ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ପିସିସି ପାନେଲିଷ୍ଟ ଅମ୍ରିତା ଦାସ ଓ ମଧୁସ୍ମିତା ଆଚାର୍ଯ୍ୟ ସଦସ୍ୟା ଭାବରେ ରହିଛନ୍ତି। ଏହି ଟିମ୍ ଗୁରୁବାର ସକାଳେ ଘଟଣାସ୍ଥଳ ପରିଦର୍ଶନ କରି ଏକ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

■ ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

# ଭିସିରେ ହାଜର ହେଲେ ଗିରଫ ଅଧ୍ୟାପକ ସମୀର ସାହୁ

ବାଲେଶ୍ୱର, ୬।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ଅଧ୍ୟାପକ ସମୀର ସାହୁ ଜେଲ୍‌ରେ ଅଛନ୍ତି। ଆଜି ଦ୍ୱିତୀୟ ଥର ପାଇଁ ସମୀର ଏସଡିଜେଏମ୍‌ଙ୍କ କୋର୍ଟରେ ଭିସିରେ ହାଜର ହୋଇଥିଲେ। ଏସଡିଜେଏମ କିଶୋର କୁମାର ନାଥ ତାଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ପଚରାଉଚରା କରିବା ସହ ଖାଦ୍ୟ ଗ୍ରହଣ ସଠିକ ଭାବେ ହେଉଛି କି ନାହିଁ ପଚାରିଥିଲେ। ତେବେ ପୁଣିଥରେ ତାଙ୍କୁ ଆସନ୍ତା ୧୯ ତାରିଖରେ ଭିସିରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଅନ୍ୟପଟେ ଏସଡିଜେଏମ କୋର୍ଟରେ ସମୀରଙ୍କ ଜାମିନ ଆବେଦନ ଖାରଜ ହୋଇଯିବା ପରେ ଗିରଫ ଅଧ୍ୟାପକ ଶ୍ରୀ ସାହୁ ଉପର କୋର୍ଟ ଅର୍ଥାତ ଜିଲ୍ଲା ଦୌରାଜଜ କୋର୍ଟରେ ଚଳିତ ମାସ ୧ତାରିଖରେ ଜାମିନ ଆବେଦନ କରିଥିଲେ। ଆଜି କୋର୍ଟରେ ତଳ କୋର୍ଟର ରେକର୍ଡ ଅର୍ଥାତ (ଏଲସିଆର) ଏବଂ ସିଡି କଲ ହୋଇଥିଲା। ଆସନ୍ତା ୧୨ ତାରିଖରେ ତାଙ୍କର ଜାମିନ ଆବେଦନର ଶୁଣାଣି ହେବ ବୋଲି ଜଣାଯାଇଛି।

# ଭୁବନେଶ୍ୱର-ଜୁନାଗଡ଼ ରୋଡ୍- ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ ଏଲ୍‌ଏଚ୍‌ବି ସହ ଚଳାଚଳ କରିବ

ଭୁବନେଶ୍ୱର, ୬।୮(ସମିସ): ଭୁବନେଶ୍ୱର-ଜୁନାଗଡ଼ ରୋଡ ମଧ୍ୟରେ ଚାଲୁଥିବା ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସରେ ଗୋଟିଏ ରେକ୍‌କୁ ଆଧୁନିକ ଲିଙ୍କେ ହଫମ୍ୟାନ୍ ବୁଶ୍ ଏଲ୍‌ଏଚ୍‌ବି କୋଚ୍ ରହିବ। ଯାହା ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା, ନିରାପତ୍ତା ଏବଂ ଆରାମ ପ୍ରଦାନ କରିଥାଏ। ଯାତ୍ରୀମାନେ ୮ ଅଗଷ୍ଟରୁ ଏହି ସୁବିଧା ପାଇ ପାରିବେ। ବର୍ତ୍ତମାନ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ୍ କୋଚ୍ ସହିତ ଚଳାଚଳ କରୁଛି। ଏଲ୍‌ଏଚ୍‌ବ ରେକ୍ ସହିତ ଅପଗ୍ରେଡ୍ ଟ୍ରେନ୍ କମ୍ପୋଜିସନ୍‌ରେ ଦ୍ୱିତୀୟ ଏସିର ୨ଟି କୋଚ୍, ତୃତୀୟ ଏସିର ୪ଟି କୋଚ୍, ସ୍ଲିପର୍ କ୍ଲାସର ୫ଟି କୋଚ୍, ଦ୍ୱିତୀୟ ଶ୍ରେଣୀ ସିଟିଂର ୪ଟି କୋଚ୍, ଗାର୍ଡ କମ୍ ପାୱାର କାର୍‌ର ୧ ଏବଂ ୧ ଗାର୍ଡ କମ୍ ଦ୍ୱିତୀୟ ଶ୍ରେଣୀ କୋଚ୍ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ରହିବ। ଏଲ୍‌ଏଚ୍‌ବି କୋଚ୍ ପ୍ରଚଳନ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ଯାତ୍ରୀଙ୍କ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯାହା ଓଡ଼ିଶାର ଉପକୂଳବର୍ତ୍ତୀ ଏବଂ ଆଦିବାସୀ ଅଞ୍ଚଳ ଏବଂ ଆନ୍ଧ୍ରପ୍ରଦେଶର ପ୍ରମୁଖ ସହରଗୁଡ଼ିକୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହିତ ସଂଯୋଗ କରୁଛି ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତକୁ ୫୦%...

ଅଛି, କିମ୍ବା ଆମେରିକା ।।ରେ ପହଞ୍ଚି ସାରିଛି, ତାହା ଉପରେ ଅତିରିକ୍ତ ଶୁଳ୍କ ଲାଗିବ ନାହିଁ। ତେବେ ଇସ୍ପାତ, ଆଲୁମିନିୟମ, ଫାର୍ମା ସାମଗ୍ରୀକୁ ଏହି ଶୁଳ୍କରୁ ବାଦ୍ ଦିଆଯାଇଛି। ରୁଷଠାରୁ ସାମଗ୍ରୀ ଆଣିବା ଦ୍ୱାରା ଦେଶର ବୈଦେଶିକ ନୀତି ପ୍ରଭାବିତ ହେଉଛି ବୋଲି ଟ୍ରମ୍ପ କହିଛନ୍ତି। ସେ ଭାରତ ସହିତ ଅନ୍ୟ ଦେଶମାନଙ୍କୁ ମଧ୍ୟ ଧମକ ଦେଇ କହିଛନ୍ତି ।।ଯେ ଆମେରିକା ବିରୋଧରେ ଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ନୂଆ ନିର୍ଦ୍ଦେଶକୁ କଡ଼ା କଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଏଥିରେ ସଂଶୋଧନ କରିପାରନ୍ତି। ଏହା ସହିତ ରୁଷ୍ ସହ ବାଣିଜ୍ୟ କାରବାର କରୁଥିବା ଅନ୍ୟ ଦେଶମାନଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ତାଙ୍କର ଏହି ଘୋଷଣା ଯୋଗୁଁ ଭାରତର ମୋଟ ଘରୋଇ ଉତ୍ପାଦ ବା ଜିଡିପି ୧ ପ୍ରତିଶତ ପ୍ରଭାବିତ ହେବ ବୋଲି କୁହାଯାଉଛି। ଏହା ଆମେରିକାରେ ମୁଦ୍ରାସ୍ଫୀତିକୁ ମଧ୍ୟ ବିସ୍ଫୋରକ କରିବ ବୋଲି କୁହାଯାଉଛି। ଆମେରିକାର ଅନେକ ଅର୍ଥନୀତି ବିଶେଷଜ୍ଞ ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟର କଡ଼ା ବିରୋଧ କରି କହିଛନ୍ତି ଯେ ଭାରତ ସହିତ ଅର୍ଥନୈତିକ ସଂପର୍କ ତିକ୍ତ କରି ଟ୍ରମ୍ପ ନିଜ ଦେଶକୁ ମଧ୍ୟ କ୍ଷତିଗ୍ରସ୍ତ କରୁଛନ୍ତି।

ସୂଚନାଯୋଗ୍ୟ ଯେ ଗତକାଲି ଟ୍ରମ୍ପ ଅଧିକ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଥିଲେ। ସେ କହିଥିଲେ ଯେ ଭାରତ ଆଉ ଭଲ ବାଣିଜ୍ୟ ସହଯୋଗୀ ହୋଇ ରହିନାହିଁ। ବାରଣ ସତ୍ତ୍ୱେ ରୁଷ ଠାରୁ ତେଲ କିଣିବା ଜାରି ରଖିଥିବାରୁ ୨୪ ଘଣ୍ଟା ଭିତରେ ଭାରତ ଉପରେ ଅଧିକ ଶୁଳ୍କ ଲାଗୁ କରାଯିବ। ତାଙ୍କର ଅଭିଯୋଗ ହେଲା ଯେ ୟୁକ୍ରେନରେ ଯୁଦ୍ଧ ଚଳାଇଥିବା ରୁଷ ବିରୋଧରେ କଟକଣା ସତ୍ତ୍ୱେ ତା ସହିତ ବାଣିଜ୍ୟ କାରବାର କରି ଭାରତ ପରୋକ୍ଷରେ ଯୁଦ୍ଧ ପାଇଁ ରୁଷକୁ ସହାୟତା କରୁଛି।

### ୬୫ ଲକ୍ଷର ହିସାବ...

ଦେଇଥିଲେ। ଶୁଣାଣି ବେଳେ ପ୍ରଶାନ୍ତ ଭୂଷଣ ଅଭିଯୋଗ କରିଥିଲେ ଯେ ସଂଶୋଧିତ ତାଲିକାରେ ଏମିତି ୭୫ ଭାଗ ଭୋଟରଙ୍କ ନାମ ସ୍ଥାନ ପାଇଛି, ଯେଉଁମାନେ ଭୋଟର ଫର୍ମ ପୂରଣ କରିଛନ୍ତି, କିନ୍ତୁ ପ୍ରମାଣ ଲାଗି ଯେଉଁ ୧୧ଟି ପ୍ରମାଣପତ୍ରର ସର୍ତ୍ତ ରଖାଯାଇଛି, ସେଥିରୁ ଗୋଟିଏ ହେଲେ ଦସ୍ତାବିଜ ଦାଖଲ କରି ନାହାନ୍ତି। କିନ୍ତୁ ବୁଥ୍ ଅଫିସରଙ୍କ ସୁପାରିସ କ୍ରମେ ସେମାନଙ୍କ ନାମକୁ ସଂଶୋଧିତ ତାଲିକାରେ ସାମିଲ କରାଯାଇଛି। କେଉଁ ଆଧାରରେ କମିସନ ଏଭଳି ପଦକ୍ଷେପ ନେଇଛନ୍ତି? ଏହା ଏକ ଗୁରୁତର ପ୍ରସଙ୍ଗ ଏବଂ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ଏହି ଅଭିଯୋଗ ଶୁଣିବା ପରେ କୋର୍ଟ କହିଲେ ଯେ ଆସନ୍ତା ୧୨ ତାରିଖରେ ଏହି ମାମଲା ଉପରେ ଶୁଣାଣି କରାଯିବ। ସେହି ସମୟରେ ଆବେଦନକାରୀ ତଥ୍ୟ ସହିତ ଏହି ଅଭିଯୋଗ ଉପସ୍ଥାପିତ କରିପାରିବେ।

ସୂଚନାଯୋଗ୍ୟ ଯେ ନିର୍ବାଚନ କମିସନ ଜୁନ୍ ୨୪ ତାରିଖରେ ଦେଇଥିବା ଏସ୍‌ଆଇଆର୍ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ ହୋଇଛି। ଏହାକୁ ବିଚାର ପାଇଁ ଗ୍ରହଣ କରି ସୁପ୍ରିମ କୋର୍ଟ କମିସନଙ୍କୁ ନୋଟିସ ଜାରି କରିବା ସହିତ ଆସନ୍ତା ୧୨ ଓ ୧୩ ତାରିଖରେ ମାମଲାର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। କୋର୍ଟ ଏହାସହିତ ସ୍ପଷ୍ଟ କରିଥିଲେ ଯେ ତାଲିକା ସଂଶୋଧନ ବେଳେ ବହୁସଂଖ୍ୟାରେ ଭୋଟର ବାଦ୍ ପଡ଼ିଲେ କୋର୍ଟ ହସ୍ତକ୍ଷେପ କରିବାକୁ ବାଧ ହେବେ।

ଗତ ଅଗଷ୍ଟ ପହିଲା ତାରିଖରେ ନିର୍ବାଚନ କମିସନ ବିହାର ଭୋଟରଙ୍କ ଚିଠାତାଲିକା ପ୍ରକାଶ କରିଥିଲେ। ଏଥିରେ ୭ କୋଟି ୨୪ ଲକ୍ଷ ଭୋଟର ସ୍ଥାନ ପାଇଥିବା ବେଳେ ୬୫ ଲକ୍ଷ ନାମକୁ ବାଦ୍ ଦିଆଯାଇଛି। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଯେଉଁମାନଙ୍କର ନାମ ବାଦ୍ ପଡ଼ିଛି, ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ଲୋକ ମୃତ, ୩୬ ଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଲୋକଙ୍କ ନାମ ଏକାଧିକ ରାଜ୍ୟରେ ସ୍ଥାନ ପାଇଛି। ତେବେ ସେମାନଙ୍କର ନାମ ଦିଆଯାଇ ନାହିଁ।

### ଦୁର୍ଘଟଣାରେ ଗଲା...

ଘଟଣାସ୍ଥଳରେ ଶଶାଙ୍କଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଖଡାଳ ଓ ଲକ୍ଷ୍ମୀଧରଙ୍କୁ ଉଦ୍ଧାର କରି ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାବେଳେ ଖଡାଳଙ୍କ ମୃତ୍ୟୁ ଘଟିଥିଲା। ତେବେ ଲକ୍ଷ୍ମୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ପୁଲିସ ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଟ୍ରଲର ଓ ବାଇକ୍‌କୁ ଜବତ କରିଛି। ଏଥିସହ ଟ୍ରଲର ଚାଳକକୁ ଅଟକ ରଖି ତଦନ୍ତ କରୁଥିବା ବେଳେ ଏନେଇ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର କହିଛନ୍ତି।

ସେହିପରି କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନପୁରଠାରେ ଏକ ବାଇକ୍ ପଛକୁ ଟ୍ରକ୍ ଧକ୍କା ଦେବ ଫଳରେ ପରିବାରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ଼ ଜିଲ୍ଲା ବାରକୋଟ ଥାନାଞ୍ଚଳର ଟଙ୍କଧର ପାତ୍ର, ତାଙ୍କ ଦ୍ୱିତୀୟ ପତ୍ନୀ ଝିଲ୍ଲି ପ୍ରଧାନ ଓ ୧୫ ବର୍ଷର ଝିଅ ମାମୁନି ପ୍ରଧାନ। ରୁଗୁଡ଼ିହି ଟୋଲ ପ୍ଲାଜାରେ ଟ୍ରକ୍‌ଟିକୁ ଅଟକ ରଖାଯାଇଛି।

ଟଙ୍କଧର (ଓଆର ୦୨ବିଜି ୧୪୬୫) ବାଇକ୍ ଯୋଗେ ଝିଅ ମାମୁନିକୁ କାଞ୍ଜିପାଣିସ୍ଥିତ ଆଶ୍ରମ ବିଦ୍ୟାଳୟରେ ଛାଡ଼ିବାକୁ ପତ୍ନୀଙ୍କ ସହ ଯାଉଥିଲେ। ଜଗମୋହନପୁର ଶିବ ମନ୍ଦିର ନିକଟରେ (ଏନଏଲ୍ ୦୧ଏସି ୨୦୧୯) କଣ୍ଟେନର ଟ୍ରକ୍‌ଟି ସଂପୃକ୍ତ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ଦ୍ୱାରା ରାସ୍ତା ଅବରୋଧ କରାଯାଇଥିଲା। ତେଲକୋଇ ଥାନା ପୁଲିସ ବୁଝାସୁଝା କରିବା ସହ ରାସ୍ତା ଅବରୋଧ ହଟାଇବାକୁ ଚେଷ୍ଟା କରିଥିଲା। ୫-୬ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲରେ ଶବ ବ୍ୟବଚ୍ଛେଦ କରାଇଛି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଜଗମୋହନପୁର ବଜାରର ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ ସହ ରାସ୍ତାରେ ଲାଇଟ୍ ବ୍ୟବସ୍ଥା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସୂଚନା ଅନୁସାରେ, ମୃତ ଟଙ୍କ ପାତ୍ରଙ୍କ ଘର ବାହାଡ଼ାପଶି ଗ୍ରାମରେ। ସେ ତାଙ୍କର ଦ୍ୱିତୀୟ ପତ୍ନୀ ଝିଲ୍ଲି ପ୍ରଧାନଙ୍କୁ ଧରି ପାଳଲହଡ଼ା ଅଞ୍ଚଳରେ ରହୁଛନ୍ତି। ଅନ୍ୟପଟେ ମୃତ ଝିଲ୍ଲି ପ୍ରଧାନ ମଧ୍ୟ ପୂର୍ବରୁ ଅନ୍ୟ ଜଣଙ୍କୁ ବିବାହ କରିଥିବା କୁହାଯାଉଛି।

### ଆଦିବାସୀ ମହିଳାଙ୍କୁ...

ଆରମ୍ଭ କରିଥିଲା। ପୁଲିସ ପୀଡ଼ିତା ଓ ଅଭିଯୁକ୍ତକୁ ଘଟଣାସ୍ଥଳକୁ ନେଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ଏଥିସହିତ ଘଟଣାରେ ଗୋଟିଏ ଟ୍ରାକ୍ଟର ଓ ଦୁଇଟି ମୋବାଇଲକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ବାରମଞ୍ଜା ଗାଁର ରଞ୍ଜନ ମୁଖି ଓ ଅନ୍ୟ ଦୁଇଜଣ ନାବାଳକଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ଛେଣ୍ଡିପଦା ବ୍ଲକ୍ ଅଞ୍ଚଳରେ ଏପରି ଲଜ୍ଜାଜନକ ଘଟଣାକୁ ବିଜେଡି ଓ କଂଗ୍ରେସ ପକ୍ଷରୁ ଘୋର୍ ନିନ୍ଦା କରାଯିବା ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ହୀରାକୁଦ ଜଳସ୍ତର ୬୧୩.୩୯ ଫୁଟ୍

ସମ୍ବଲପୁର,୬।୮ (ସମିସ): ହୀରାକୁଦ ଜଳଭଣ୍ଡାରର ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ହୀରାକୁଦ ଜଳସ୍ତର ୬୧୩.୩୯ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିବାବେଳେ ଅଗଷ୍ଟ ୩ ତାରିଖ ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇଥିଲା। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୧୦.୨୧ ଫୁଟ୍ ରହିଥିଲା। ଆଜି ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୩୯ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪୩,୫୭୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୫୫୧ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୧,୨୩୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪,୦୮୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨.୨୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯.୬୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୨୨,୯୦୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଳଠାରେ ୪୮,୮୦୦ କ୍ୟୁସେକ୍, ବାରମୁଲଠାରେ ୫୪,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୬୨,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଡ୍ରଗ୍ ଇନ୍‌ସପେକ୍ଟରଙ୍କ ଘରେ ଭିଜିଲାନ୍ସ

ସମ୍ବଲପୁର,୬।୮ (ସମିସ): ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ଉ। ସମ୍ବଲପୁର ଡ୍ରଗ୍ସ କଣ୍ଟ୍ରୋଲର ଅଫିସର ପ୍ରିନ୍ସିପାଲ୍ ସାଇଣ୍ଟିଫିକ ଅଫିସର ଦେବାଶିଷ ପଣ୍ଡାଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ ହୋଇଛି। ବରେଇପାଲି ଗ୍ରେଟର ସମ୍ବଲପୁରସ୍ଥିତ ଭଡ଼ା ଘରେ ଓ କାଇଁଶିର ସ୍ଥିତ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ବୁଧବାର ଭୋର ସକାଳୁ ଚଢ଼ଉ କରାଯାଇଛି। ଏହାସହ ଭୁବନେଶ୍ୱର ଚାରୋଟି ସ୍ଥାନ ବ୍ରହ୍ମପୁର ପୈତୃକ ଘର ରେଡ ମଧ୍ୟ ହୋଇଛି। ଏଥିରେ ୪ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ୪ଏସ୍‌ଆଇ ସାମିଲ ଅଛନ୍ତି। ବ୍ୟାଙ୍କ୍ ଆକାଉଣ୍ଟ, ମୋଟ ସମ୍ପତ୍ତି ଓ ଗାଡ଼ି ମଟର ଉପରେ ଯାଞ୍ଚ କରୁଛି ଭିଜିଲାନ୍ସ ଟିମ୍। ସେପଟେ ଘରୁ କେବଳ ୪୫ ହଜାର ଟଙ୍କା, କିଛି କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି।


**OFFICE OF THE PARADEEP MUNICIPALITY, PARADEEP**

**Quotation Call Notice no. 4434 / dt.05.08.2025**

The Executive Officer, Paradeep Municipality Paradeep invites sealed Quotation Call Notice from interested/ intending eligible Firms/ Fabricator Agencies/ Contractors for **"Supplying, providing and fixing of Pre-Cast RCC slab over drain at different places of Paradeep Municipality area"** DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of ₹4,000.00 (Rupees:- Four thousand) only (not refundable) and also available on office website www.paradeepmunicipality.in. from dt.07.08.2025 to dt.18.08.2025. Paper cost shall be paid as per the same method noted in DTCN downloaded online. The firms/ agencies/ febricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (iv) Cost of tender paper and (v) EMD. The sealed Quotation and other documents will be received offline on or before dt.19.08.2025 upto 1.00 PM and will be opened on the same day at 4.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

OIPR-13120/11/0063/2526 C-817

Executive Officer
Paradeep Municipality



**GOVERNMENT OF ODISHA**

**PANCHAYAT SAMITI: NARAYANPATNA**

**PR & DW DEPARTMENT, ODISHA**

**E-Mail ID – ori-narayanpatna@nic.in**

**Letter No. 2630/2025/TCN.06/2025-26 / Dated. 06.08.2025**

**NOTICE INVITING TENDER**

**Bid Identification No. 06 of 2025-26 of B.D.O. Narayanpatna**

1. Bid documents consisting of specification, the Bill of Quality, and the Tender Call Notice can be seen in the Govt. website: http://tendersorissa.gov.in/nicgep/app.
2. The Block Development Officer, Narayanpatna, Dist- Koraput, Pin-764014 (Odisha) invites Percentage rate Bids in Single cover System on behalf of Governor of Odisha in electronic tendering system for the construction works detailed in the table conforming with the terms and conditions of D.T.C.N. from the eligible civil contractors as mentioned in column (4), registered with the Odisha State Govt. and contractors of equivalent grade/class registered with Central Govt. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No | Name of the Work | Amount put to Tender (Approx. In Lakhs) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of 1 Nos of Addl. Classroom at Rangapani PS | 14,14,652.00 | "C" & "D" | 6000/- | 14200/- | 06 Months |
| 2 | Construction of 1 Nos. of Addl. Classroom at Jhodipadar PS | 8,87,232.00 | "C" & "D" | 6000/- | 9000/- | 06 Months |
| 3 | Construction of 1Nos of Addl. Classroom at Kelubadi UPS | 8,95,637.00 | "C" & "D" | 6000/- | 9000/- | 06 Months |

03 (Three) No. of works only

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | From **11.08.2025** at 11.00 Hours to **25.08.2025** up to 17.30 Hours |
| Bid clarification start date & closing date | **11.08.2025 to 25.08.2025** during office hours |
| Offline documents received through Speed Post/ Registered Post | **From 11.08.2025 at 17.30Hours to 30.08.2025 at 11.00 Hours** |
| Date, time and venue of opening of bid online | **(01.09.2025 at 11.00 Hours)**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participate, bidders in chamber of BDO Narayanpatna | **01.09.2025 at 11.00** Hours onwords. |
| If stipulation arises the tender will be decided through Lottery System | **(01.09.2025 at 11.30 Hours)** Office of the Block Development Officer, Panchayat Samiti, Narayanpatna |

Block Development Officer
Narayanpatna



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.25-KUR-TRD-OT-2025-26

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ କୋଲକାତା-ଚେନ୍ନାଇ ମେନ୍ (Main) ଲାଇନ୍‌ରେ ହରିଦାସପୁର (HDS)-ଧାନମଣ୍ଡଳ (DNM) ଷ୍ଟେସନଗୁଡ଼ିକ ମଧ୍ୟସ୍ଥ NH-200(ନୂଆ NH-53)ର କି.ମି.370/25-27 ଠାରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):15,29,188.76, EMD (ଟଙ୍କାରେ) : 30,600/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.08.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-437/Q/25-26



**AFFIDAVIT**

By virtue of an affidavit sworn before the Notary Public, Nuapada dated 04/08/2025, I REENA MAJHI of village Kureswar, PO- Kureswar, PS- Komna, Dist.: Nuapada (Odisha) PIN- 766106 do hereby declare that I have changed my name Reena Majhi, D/o- Damburudhar Majhi from Gharamani Majhi D/o- Damburudhar Majhi. Henceforth, I shall be known as Reena Majhi for all purposes.

Reena Majhi

**AFFIDAVIT**

By virtue of an affidavit no. 274 dtd 07/04/2025 in the court of the Executive Magistrate, Nabarangpur, I Sabetri Soura, and Debaki Soura are same person, Worngly mentioned as Debaki Soura on my AADHAR, Henceforth I shall be known as Sabetri Soura as per my aadhar bearing number 643176179768 for all purpose.

Sd/- Sabetri Soura

**AFFIDAVIT**

I, Priyanka Priyadarsni Panda, D/o- Muna Panda, resident of At- Bajarakbati Road, Professorpada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN- 753003, Odisha declared by this affidavit No. 1530, dtd- 01/08/2025 that now onwards I shall be known as **PRIYANKA PRIYADARSHANI PANDA** for all future purposes.

**AFFIDAVIT**

I, Sarbeswar Samantarya, S/o- Lochan Samantaray, resident of At- Krushnapur, Po- Narendrapur, Ps- Banpur, Pin- 752031, Dist- Khurda, Odisha declared by this affidavit No-615, dtd- 05/08/2025 that now onwards I shall be known as **SARBESWAR SAMANTARAY** for all future purposes.

**AFFIDAVIT**

I, Ranjan Kumar Samantarya, S/o- Sarbeswar Samantaray, resident of At- Krushnapur, Po-Narendrapur, Ps- Banpur, Pin- 752031, Dist- Khurda, Odisha declared by this affidavit No. 616, dtd- 05/08/2025 that now onwards I shall be known as **RANJAN KUMAR SAMANTARAY** for all future purposes.

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 06/08/2025. I, **Jyosna Bhoi,** aged about 44 years, W/o- Jalandhara Bhoi, Permanent resident of At- Sinapali, P.O. Rigdul, P.S. Titilagarh, Dist- Bolangir, (Odisha), PIN- 767033, now residing at the same place affirm that I have changed my minor daughter's name from **Lipsha Bhoi** (old name) to **Lily Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Lily Bhoi** (new name).

**JYOSNA BHOI**

**AFFIDAVIT**

I Ranjan Khatua, S/o- Banshidhar Khatua, resident of village- Daruha, Po-Katisahi, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.2792/ dtd- 25/07/2025 that my actual name is Ranjan Khatua in all educational Certificates and Voter ID, that wrongly mentioned as Ranjita Khatua in Adhar. Ranjan Khatua and Ranjita Khatua is one & same person.Hence I shall be known as Ranjan Khatua for all future purpose.

**ଘୋଷଣା**

ମୁଁ, ଜେ. ସନ୍ତୋଷ ପୃଷ୍ଟି, ପିତା-ଜେ. ମୋହନ ପୃଷ୍ଟି, ଠିକଣା:- ଏଲବି-୨୪୪,ଫେଜ-୨, ଭୀମଟାଙ୍ଗି, ଥାନା-ଏୟାରଫିଲଡ଼, ଜିଲ୍ଲା- ଖୋର୍ଦ୍ଧା ଘୋଷଣା କରୁଅଛି ଯେ, ମୋ ବାପାଙ୍କ ବୟସାଧିକ ହେତୁ ତାଙ୍କର ମାନସିକ ଭାରସାମ୍ୟ ଠିକ ରହୁନାହିଁ। ମୁଁ ଜାଣିବାକୁ ପାଉଛି ଯେ ମୋ ବାପାଙ୍କ ନାମରେ ଥିବା ସମ୍ପତ୍ତି ମୌଜା- ଭୁବନେଶ୍ୱର ସହର, ୟୁନିଟ-୨୩, କପିଳପ୍ରସାଦ, ଖାତା ନଂ- ୧୨୦୬/୪୮୩, ପ୍ଲଟ ନଂ-୧୫୧୩/୩୬୨୯, ଏରିଆ ଏ.୦.୩୧ ଡେସିମିଲକୁ କିଛି ଖଳ ପ୍ରକୃତିର ଲୋକ କିଣାବିକା ଏବଂ ହାତେଇବା ପାଇଁ ଚେଷ୍ଟା କରୁଛନ୍ତି। ଏଣୁ ଯଦି କେହି ଏହି ସମ୍ପତ୍ତିକୁ କିଣାବିକା କରନ୍ତି ସେଥିପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ ଏବଂ ସମ୍ପୃକ୍ତ ବ୍ୟକ୍ତି ଆଇନ ଅନୁଯାୟୀ ଦଣ୍ଡିତ ହେବେ।

ଜେ. ସନ୍ତୋଷ ପୃଷ୍ଟି

**AFFIDAVIT**

By virtue of an affidvit no.1191, dtd. 21.06.2025 before the Notary Public, Koraput, I, Singisetty Jayashree, have changed my name from Maddi Jayashree to Singisetty Jayashree. Henceforth I shall be known as Singisety Jayashree vide Aadhaar no. 331308857113 also for all purposes.

Sd/- Singisetty Jayashree

**NOTICE**

By virtue of an affidavit sworn before The Notary Public, Sunabeda dated 04/08/2025, I, Smt. Muktarbanu Bibi, D/o- Rahimat Khan, Vill.- Patrapandi, Po.- Thuba, Ps.- Padwa, District- Koraput declare that I have changed my name from **Muktarban Begam** to **Muktarbanu Bibi**. Henceforth, I shall be known as **Muktarbanu Bibi** for all purposes.

Sd/- **Muktarbanu Bibi**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 05.08.2025, I Manarama Mandal, Address At-Singtia, Po- Singtia, Ps-Badasahi, Dist- Mayurbhanj, State- Odisha, Pin- 757026 declare that I have changed my name from Manorama Mandal to Manarama Mandal. Henceforth , I shall be known as Manarama Mandal for all purpose.

Manarama Mandal

**AFFIDAVIT**

By virtue of an affidavit before the Executive Magistrate, Balasore, I Shaikh Azad Alli, S/o- Sk Maphijuddin, At- Khaparapada P/S- Sahadevkunta, P.o/Dist: Balasore, Pin -756001, Odisha declared by this affidavit no- 8395 dt-22.07.2025 that now onwards I shall be known as **Shaikh Azad Alli** instead of Shaikh Ajad Alli and Sk Ajad Alli for all future purpose .

**NOTICE**

By virtue of an affidavit sworn before The Notary Public, Sunabeda dated 24/07/2025, I, Sri Narayan Hantal, S/o- Kanda Hantal, Vill.- P. Khilaput, Po.- Bheja, Ps.- Padwa, District- Koraput declare that I have changed my daughter's name from **Iswari Hantal** to **Bhumika Hantal**. Henceforth, my daughter shall be known as **Bhumika Hantal** for all purposes.

Sd/- **Narayan Hantal**

### ଭିତ୍ତିଭୂମି ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଏକାଧିକ ବିଦ୍ୟାଳୟରେ ୮ ଶ୍ରେଣୀକୁ ୨ କୋଠରି





କଲମପୁର, ୬।୮ (ସମିସ)

ଅସଜଡା ଭିତ୍ତିଭୂମି ଯୋଗୁଁ କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଫଳରେ କେଉଁଠି ବିପଦପୂର୍ଣ୍ଣ ପ୍ରକୋଷ୍ଠରେ ଜୀବନକୁ ବାଜି ଲଗାଇ ପାଠପଢ଼ା ଚାଲିଛି ତ, କେଉଁଠି ଗେଞ୍ଜାଗେଞ୍ଜି ହୋଇ ପାଠପଢ଼ା ଚାଲିଛି। ଯେଉଁଠି ବସିବାକୁ ସ୍ଥାନ ନାହିଁ ସେଠାରେ ପାଠପଢ଼ା କେମିତି ହେଉଥିବ ତାହା ବଡପ୍ରଶ୍ନ ଭାବେ ଠିଆ ହୋଇଛି। ହାରାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି, ସେଠାରେ ୧୭୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ମାତ୍ର ରହିଛି ୨ଟି ଶ୍ରେଣୀ ଗୃହ, ତାହା ପୁଣି ବିପଦ ସଂକୁଳ ଅବସ୍ଥାରେ, ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ ସର୍ବଦା ବିପଦ ଅନାଇ ରହିଛି, ବୋଦେଲବନ୍ଧ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଶ୍ରେଣୀ ଗୃହର ଅଭାବ ରହିଛି, ହାରାମାଲ ବିଦ୍ୟାଳୟରେ ବାରଣ୍ଡାରେ ବସି ଛାତ୍ରଛାତ୍ରୀ ମାନେ ପାଠପଢୁଥିବା ବେଳେ ବୋଦେଲବନ୍ଧ ପ୍ରାଥମିକ ବିଦ୍ୟାଳୟରେ ବାରଣ୍ଡା ଓ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠରେ ବସି ପାଠ ପଢୁଛନ୍ତି, ମଣ୍ଡଳ କଲୋନୀ ପଡ଼ା, ଧନପୁର ଓ କଲମପୁର କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଇଳା ଆବର୍ଜନା ପାଣି ନିଷ୍କାସନ ହୋଇ ନ ପାରିବାରୁ ଛାତ୍ରଛାତ୍ରୀ ଅତିଷ୍ଠ ହୋଇ ପଡ଼ିଛନ୍ତି। ବାଲିଛଡା ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ଅଧାପନ୍ତରିଆ ଭାବେ ପଡ଼ି ରହିଛି, ଫଳରେ ଛାତ୍ରଛାତ୍ରୀମାନେ ବନ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟାଳୟ ଖୋଲି ପାଠ ପଢୁଛନ୍ତି, ଖଙ୍ଗାରଗୁଡାରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଛି, ଏଠାରେ ମଧ୍ୟ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି, ଏଠାରେ ମଧ୍ୟ ଦୁଇଟି ପ୍ରକୋଷ୍ଠରେ ପାଠପଢ଼ା ଚାଲିଥିବା ବେଳେ କିଛି କୁନିକୁନି ଛାତ୍ରଛାତ୍ରୀ ମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି, ଗୋଟିଏ ପ୍ରକୋଷ୍ଠରେ ଏକାଧିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୁରାଇ କି ପରିବେଶରେ ପାଠପଢ଼ା ଯାଉଥିବ ତାହା କଳନା କରି ହେବ ନାହିଁ, ରୟତି ଜମି ଯୋଗୁଁ ଭାଲୁବୁଟୁରା ବିଦ୍ୟାଳୟ ଏକ ପ୍ରକାର ଅଚଳ କରିଦିଆଯାଇଥିଲା, ଛାତ୍ରଛାତ୍ରୀ ମାନେ ରାଜ ରାସ୍ତାରେ ଆନ୍ଦୋଳନ କଲେ, ଏବେ ସ୍ଥାନାନ୍ତର ହେଉଛି ବିଦ୍ୟାଳୟ, କେତେକ ବିଦ୍ୟାଳୟ ରୟତି ଯାଗାରେ ରହିଥିବା ବେଳେ କେତେକ ବିଦ୍ୟାଳୟ ଧାର୍ଯ୍ୟ ଉପସ୍ଥାପନ ନହେବାରୁ ବନ୍ଦ କରି ଦିଆଯାଇଛି, ବନ୍ଦ ପଡ଼ିଥିବା କେତେକ ବିଦ୍ୟାଳୟ ଲୋକଙ୍କ କବ୍ଜାକୁ ଚାଲିଗଲାଣି ତ, କେତେକ ବିଦ୍ୟାଳୟ ଭୂତକୋଠି ପାଲଟିଲାଣି, ଏବେ ବି ଏକାଧିକ ବିଦ୍ୟାଳୟ ବିବାଦୀୟ ହୋଇ ପଡ଼ିଛି, ଏ ନେଇ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକ ଅଞ୍ଚଳରେ ପାଖାପାଖି ୩୦ଟି ବିଦ୍ୟାଳୟ ଜମି ବିବାଦରେ ଫସି ରହିଛି, ଫଳରେ ଭିତ୍ତିଭୂମି ନିର୍ମାଣରେ ଅନ୍ତରାୟ ସୃଷ୍ଟି ହୋଇଛି ବୋଲି କହିଛନ୍ତି, ସେତେବେଳେ ବଦାନ୍ୟ ବ୍ୟକ୍ତି ମାନେ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଜମି ଦାନ କରି ଯାଇଛନ୍ତି, ଏବେ ସେମାନଙ୍କ ଉତ୍ତରାଧିକାରୀ ମାନେ ବିଦ୍ୟାଳୟ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି, ଫଳରେ କିଛି ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ବେଳେ ସରକାରଙ୍କ ଦ୍ୱାରା ନିର୍ମିତ ଜମି ଓ ବିଦ୍ୟାଳୟ ଗୃହ ଛଡାଇ ନିଆଗଲାଣି, ସେତେବେଳେ ପୁରାତନ ବିଦ୍ୟାଳୟ ଗୁଡିକ ପ୍ରାୟତଃ ଲୋକଙ୍କ ଜମିରେ ନିର୍ମିତ ହୋଇଥିଲା, ଯଦି ଏଭଳି ଲୋଲୁପ ଦୃଷ୍ଟି ଲାଗିରହେ ତେବେ ଏକାଧିକ ବିଦ୍ୟାଳୟ ଲୋକଙ୍କ କବ୍ଜାକୁ ଚାଲିଯିବ, ସୁନ୍ଦର ପରିବେଶରେ ଗୁଣାବକ ଶିକ୍ଷା ଆଜି ଏହି ଅଞ୍ଚଳର କେତେକ ସ୍ଥାନରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସପନ ପାଲଟି ଯାଇଛି, ଜନ ପ୍ରତିନିଧି ମାନଙ୍କ ସହଯୋଗ ଓ ପ୍ରଶାସନର ବଳିଷ୍ଠ ପଦକ୍ଷେପ ହିଁ ଏଭଳି ସମସ୍ୟାର ସମାଧାନ କରି ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ● ଟିକ୍ରାପଡ଼ା ସ୍କୁଲ ଛାତ୍ରଙ୍କୁ ମାଡ଼ ଘଟଣା

## ପୀଡ଼ିତ ଛାତ୍ରଙ୍କ ଅଭିଭାବକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବଲାଙ୍ଗିର, ୬।୮ (ସମିସ): ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ଥାନା ଅନ୍ତର୍ଗତ ଟିକ୍ରାପଡ଼ା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଙ୍କୁ ମାଡ ଘଟଣାକୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡିତ ଛାତ୍ରଙ୍କ ପରିବାର। ଗତ ୩୧ ତାରିଖରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟତ୍ରୀ ମଞ୍ଜୁଲତା ହୋତା ଜଣେ ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତି ସମୟରେ ଅଭିଭାବକ ଏନେଇ ପଚାରିବାରୁ ଛାତ୍ରର ଟିସି ନେଇ ଚାଲିଯିବାକୁ କହୁଥିବା ପୀଡିତ ଛାତ୍ରଙ୍କ ମା'ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା ରୁଜୁ ହୋଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସପରିବାର ବୁଧବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।



ଅଭିଯୋଗ ଅନୁସାରେ ଗତ ଜୁଲାଇ ୩୧ ତାରିଖରେ ସଇଁନ୍ତଲା ଥାନା ଟିକ୍ରାପଡ଼ା ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ରଙ୍କୁ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ହୋତା ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ସେ ସମ୍ପୃକ୍ତ ଛାତ୍ରଙ୍କ ମୁଣ୍ଡକୁ ଧରି ସ୍କୁଲ କାନ୍ଥରେ ବାଡେଇ ଦେଇଥିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ପରିବାର ଲୋକେ ଦେଖିଥିଲେ। ଏନେଇ ତାଙ୍କ ମା' ନିରୁପମା ବାଗ ଓ ବାପା ରମାକାନ୍ତ ବାଗ ଯାଇ ସ୍କୁଲରେ ପଚାରିବାରୁ ତାଙ୍କୁ ଶିକ୍ଷୟିତ୍ରୀ ଜଣକ ଗାଳି କରିବା ସହ ଛାତ୍ରର ଟିସି ନେଇ ଅନ୍ୟତ୍ର ପଢ଼ାଇବା ପାଇଁ କହିଥିଲେ। ତେବେ ଏହି ଘଟଣାକୁ ନେଇ ନିରୁପମା ବାଗ ଟିକ୍ରାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ସଇଁନ୍ତଲା ଥାନା କେସ ନଂ ୩୦୩/୨୦୨୫ରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ତେବେ ଏହି ଘଟଣାକୁ ସପ୍ତାହେ ବିତିଥିବା ବେଳେ ନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ନା ଏହାର ସମାଧାନ ପାଇଁ ଆଲୋଚନା କରାଯାଇଛି। ଫଳରେ ଛାତ୍ର ଜଣକ ସ୍କୁଲ ଯିବାରୁ ବଞ୍ଚିତ ରହିଛନ୍ତି। ଓ ପ୍ରଧାନଶିକ୍ଷୟିତ୍ରୀ ଜଣକ ମଧ୍ୟ ଛାତ୍ରଙ୍କ ନାମ କାଟିଦେବାକୁ ଜିଦ ଧରି ବସିଥିବା ନିରୁପମା ଅଭିଯୋଗ କରିଛନ୍ତି। ଏମିତିରେ ତାଙ୍କ ସମସ୍ୟା କେହି ବୁଝୁନଥିବାରୁ ବୁଧବାର ଜିଲ୍ଲାପାଳଙ୍କୁ ଭେଟି ଏନେଇ ଅଭିଯୋଗ କରିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

### ● ନାବାଳକ ନରେଶ ସାହୁ ମୃତ୍ୟୁ ଘଟଣା

## ୩ ଜଣଙ୍କୁ ଗିରଫ କରି କାମ ସାରିଦେଲା ପୁଲିସ

ଥୁଆମୂଳରାମପୁର, ୬।୮ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ବିରିକୋଟ ଗ୍ରାମରେ ଜଣେ ନାବାଳକଙ୍କୁ ମାରି ଏକ ଗଛରେ ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦିଆଗଲା। ହେଲେ ଏହି ହତ୍ୟାକାଣ୍ଡରେ ଅନେକ ଜଡିତ ଥିବା ବେଳେ ପୁଲିସ ମାତ୍ର ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥୁଆମୂଳ ରାମପୁର ପୁଲିସ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉ ଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମୃତ ନରେଶର ମାଁ କଳାହାଣ୍ଡି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଜୁନ ୨୩ ତାରିଖ ଦିନ ନାବାଳକ ନରେଶ ଜଣେ ନାବାଳିକା ସହିତ କଥା ହେଉଥିବା ବେଳେ ନାବାଳିକାର ମା'ଆସି ନରେଶକୁ ମାଡ଼ ମାରିଥିଲେ ଏବଂ ସେହିଦିନ ଠାରୁ ନରେଶ ମଧ୍ୟ ନିଖୋଜ ହୋଇଥିଲେ। ପରିବାର ଲୋକେ ନରେଶକୁ ଖୋଜାଖୋଜି କରିବା ପରେ ନ ମିଳିବାରୁ ପୁଅ ନିଖୋଜ ନେଇ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନିଖୋଜର ୪ ଦିନ ପରେ ନରେଶର ମୃତଦେହ ବଲଙ୍ଗି ଗ୍ରାମ ଯିବା ରାସ୍ତାରେ ଏକ ଗଛରେ ଝୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକେ ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହିତ ପୁଲିସ ତଦନ୍ତ କରିଥିଲେ। ପରେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ନରେଶଙ୍କୁ ଆତ୍ମହତ୍ୟା କରିବା ପାଇଁ ପ୍ରବର୍ତ୍ତାଇ ଥିବା ଅଭିଯୋଗରେ ତେନ୍ତୁଳିପଡ଼ା ଗ୍ରାମର ମହିଳା ଭଜନ୍ତି ରାଉତ, ସ୍ୱାମୀ ଲମ୍ବୁ ରାଉତ ଓ ଶଳା ବିରିକୋଟ ଗ୍ରାମର ଶଙ୍କର ଗଉଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟ ପକ୍ଷରେ ମୃତ ନାବାଳକ ନରେଶ ସାହୁର ମୁଣ୍ଡ ଓ କାନରେ ରକ୍ତ ବାହାରୁଥିଲା, ଆଖି ଡୋଳା ବାହାରି ଯାଇଥିଲା, ପାଟିରଦାନ୍ତକୁ ଭାଙ୍ଗି ଦିଆଯାଇଥିଲା, ବେକକୁ ମୋଡି ଭାଙ୍ଗି ଦିଆଯାଇଥିବା ବେଳେ ଗୁପ୍ତାଙ୍ଗକୁ ପଥରରେ ଛେଚି ଦିଆଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ନରେଶକୁ ଅମାନବୀୟ ଅତ୍ୟାଚାର କରି ହତ୍ୟା କରାଯାଇଥିବା ବେଳେ ଏକ ତିନି ଜଣଙ୍କ କାମ ନୁହେଁ। ଏହି ହତ୍ୟାକାଣ୍ଡରେ ଅନେକ ଲୋକ ଜଡିତ ଅଛନ୍ତି ଥୁଆମୂଳ ରାମପୁର ପୁଲିସ ଘଟଣାକୁ ଚାପି ଦେବା ପାଇଁ ମାତ୍ର ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ନିଜ ଦୋଷ ଖସାଇବାକୁ ଉଦ୍ୟମ କରୁଛନ୍ତି। ଅନ୍ୟ ପକ୍ଷରେ ଅନ୍ୟ ଅଭିଯୁକ୍ତମାନେ ଏବେବି ଖୁଲମଖୁଲା ବାହାରେ ବୁଲୁଛନ୍ତି। ଥୁଆମୂଳ ରାମପୁର ପୁଲିସ ଗରିବ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ନାବାଳକ ନରେଶକୁ ହତ୍ୟା କରାଯାଇଛି ଓ ଏଥିରେ ଅନେକ ଲୋକ ଜଡିତ ଅଛନ୍ତି ଏବଂ ସମସ୍ତ ଅଭିଯୁକ୍ତ ଗରିଫ ଦାବି ନେଇମୃତ ନରେଶର ମା'ସୁନି ସାହୁ କଳାହାଣ୍ଡି ଏସ୍‌ପିଙ୍କୁ ଲିଖିତ ଜଣାଇଛନ୍ତି।

● ଅଭିଯୁକ୍ତ ଖୁଲମଖୁଲା ବୁଲୁଛନ୍ତି
● ଗିରଫ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ମା'

## ଜିଲ୍ଲା ଶିକ୍ଷା ବିଭାଗ ଓ ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ



ଭବାନୀପାଟଣା, ୬।୮ (ସମିସ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ଗଣିତ ଇଂରାଜୀ ବିଷୟରେ ଅଧିକରୁ ଅଧିକ ଦକ୍ଷ କରିବା ପାଇଁ ଷ୍ଟେମ ଶିକ୍ଷା ମାଧ୍ୟମରେ ଶିକ୍ଷା ପ୍ରଦାନ ଲକ୍ଷ ନେଇ ରାଜ୍ୟର ଅନ୍ୟତମ ବେସରକାରୀ ଅନୁଷ୍ଠାନ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ଭୁବନେଶ୍ୱର ତାହାର ପ୍ରଚେଷ୍ଟା ଜାରି ରଖିବା ସହ କଳାହାଣ୍ଡି ଶିକ୍ଷା ବିଭାଗ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଉପଲକ୍ଷେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କନ୍‌ଫରେନ୍ସ ହଲରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲ୍ଲା ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, କଳାହାଣ୍ଡି ଡିଆଇଇଟିର ଅଧ୍ୟକ୍ଷ ଦେଶବନ୍ଧୁ ସାହୁ, ଏଡିଇଓ ପବିତ୍ରମୋହନ ସାହୁ, ଏଡିଓ ହେମସାଗର ମହାନନ୍ଦ, ଜିଲ୍ଲା ବିଜ୍ଞାନ ସୁପରଭାଇଜର ଦୁଷ୍ମନ୍ତ ଶେଖର ପାଢ଼ୀ, ପେଡ଼ାଗଜି ସଂଯୋଜକ ଶ୍ରଦ୍ଧାଞ୍ଜଳି ଦାସ, ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ଡିଇଓ କାର୍ଯ୍ୟାଳୟର ସେକେଣ୍ଡାରୀ ବିଦ୍ୟାଳୟ ଇନ୍‌ଚାର୍ଯ୍ୟ ବିରେନ୍ଦ୍ର କୁମାର ଆଚାର୍ଯ୍ୟ ଉପସ୍ଥିତ ଥିବା ବେଳେ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ପକ୍ଷରୁ ଅଧ୍ୟକ୍ଷ ଅକ୍ଷୟ ସାଗର, ଓଡ଼ିଶା ରାଇଜିଂ ଫାଉଣ୍ଡେସନ କାର୍ଯ୍ୟକ୍ରମ ମୁଖ୍ୟ ସାଗରିକା ରାୟ, କଳାହାଣ୍ଡି ପୋଗ୍ରାମ୍ ଲିଡର୍ ପ୍ରଜ୍ଞା ପୁର୍ବାଶା ତ୍ରିପାଠୀ, ଅନ୍ୟତମ କଳାହାଣ୍ଡି ପ୍ରୋଗ୍ରାମ ଲିଡର୍ ଆଦିତ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରୀ ଓ ଓଡ଼ିଶା ରାଇଜିଂ ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ରୀ ସାଗରଙ୍କ ମଧ୍ୟରେ ଆନୁଷ୍ଠାନିକ ଭାବେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ାଉଥିବା ଶିକ୍ଷକଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ଓ ବିଦ୍ୟାଳୟସ୍ତରରେ ଷ୍ଟେମସ୍ କ୍ଲବ୍ ଖୋଲାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ଶେଷରେ ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଗଡ଼ରେ ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ



ବେହେରା/ଧର୍ମଗଡ଼, ୬।୮ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡର ଉପଜିଲ୍ଲାପାଳ ଭାବେ ଆଇଏଏସ ପ୍ରେକ୍ଷା ଅଗ୍ରୱାଲ ଯୋଗ ଦେଇଛନ୍ତି। ସେ ୨୦୨୨ ମସିହାରେ ସିଭିଲ ସର୍ଭିସ ପରୀକ୍ଷାରେ ୩୦ ତମ ସ୍ଥାନ ହାସଲ କରିଥିଲେ।୨୦୧୮ ମସିହାରେ ଭୋପାଳର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରୁ ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ ଇଞ୍ଜିନିୟରିଂରେ ବିଟେକ୍ ପାସ କରିଥିଲେ। ୟୁପିଏସସି ପରୀକ୍ଷାରେ ଭୂଗୋଳକୁ ଇଛାଧିନ ବିଷୟ ରଖି ସେ ତାଙ୍କର ଚତୁର୍ଥ ପ୍ରୟାସରେ ସର୍ବଭାରତୀୟସ୍ତରରେ ୩୦ ତମ ସ୍ଥାନ ହାସଲ କରିଥିଲେ। ଆଜି ଧର୍ମଗଡ଼ରେ ଉପଜିଲ୍ଲାପାଳ ଭାବେ ଯୋଗ ଦେବା ପରେ ସରକାରଙ୍କ ଜନହିତକର ଲୋକାଭିମୁଖୀ ଯୋଜନା ଗୁଡ଼ିକର ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବା ସହିତ ସ୍ଥାନୀୟ ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବି ବୋଲି କହିବା ସହିତ ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳର ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

### ● ପାଟଣାଗଡ଼ ବ୍ଲକ୍‌ରେ ଭିନ୍ନକ୍ଷମ ଭତ୍ତା ହଡପ ଘଟଣା

## ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟ୍ୱିଟ ସହ ବିଭାଗକୁ ଅଭିଯୋଗ କଲେ ସାମାଜିକ କର୍ମୀ

ପାଟଣାଗଡ଼, ୬।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକର ଅନେକ ପଞ୍ଚାୟତରେ ସୁସ୍ଥ ସବଳ ବ୍ୟକ୍ତି ନକଲି ଭିନ୍ନକ୍ଷମ ସାଜି ଭତ୍ତା ଟଙ୍କା ହାତଉଥିବା ଘଟଣାରେ 'ସକାଳ'ରେ ଲଗାତାର ଖୁଲାସା ହୋଇ ଚାଲିଛି।ତଦନ୍ତରେ ଆହୁରି ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି।ଦେଉଲଗାଁ ପଞ୍ଚାୟତରେ ଦଶରୁ ଊର୍ଦ୍ଧ୍ୱ ନକଲି ଭିନ୍ନକ୍ଷମ ସାଜି ଭତ୍ତା ହାତଉଥିବା ଜଣାପଡ଼ିବା ପରେ ଏହି ଜାଲିଆତିର ଚେର ଅନ୍ୟ ପଞ୍ଚାୟତରେ ମଧ୍ୟ ବ୍ୟାପିଛି ବୋଲି ଆଶଙ୍କା କରାଯାଉଛି। ଏହି ଜାଲିଆତି ଘଟଣାରେ ସମ୍ପୃକ୍ତ ଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜନୈକ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆଜି ପର୍ଯ୍ୟନ୍ତ ହାତ ମାରିବାକୁ ସାହସ ଜୁଟାଇ ପାରିନାହିଁ।ଉକ୍ତ କର୍ମଚାରୀ ଜଣକ ସୁସ୍ଥ ସବଳଙ୍କ ଠାରୁ ଭିନ୍ନକ୍ଷମ ସାର୍ଟିଫିକେଟ ତିଆରି ପାଇଁ ଟଙ୍କା ନେବା ସମୟର ଭିଡିଓ ପ୍ରମାଣ ରହିଛି।ଏଥିସହ ଏହି ଜାଲିଆତିରେ ସାମିଲ ଥିବା ନିର୍ଦ୍ଦିଷ୍ଟ ଡାକ୍ତରଙ୍କ ଭିନ୍ନକ୍ଷମ ପାଇଁ ଯାଞ୍ଚ ସମୟର ଭିଡିଓ ମଧ୍ୟ 'ସକାଳ' ହାତରେ ଲାଗିଛି।ଏହି ଜାଲିଆତି ସାର୍ଟିଫିକେଟ ବଳରେ ପାଟଣାଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ସୁସ୍ଥ ସବଳ ବ୍ୟକ୍ତି ଓ ମହିଳା ସରକାରଙ୍କ ଭିନ୍ନକ୍ଷମ ଭତ୍ତା ମଧ୍ୟ ହରିଲୁଟ କରୁଥିବା ପ୍ରମାଣ ଲାଗିଛି।ତେବେ ପାଟଣାଗଡ଼ ବ୍ଲକର ଦେଉଲଗାଁ ପଞ୍ଚାୟତରେ ଦଶରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ନକଲି ଭିନ୍ନକ୍ଷମ ଭତ୍ତା ହରିଲୁଟ କରିଚାଲିଛନ୍ତି।ଏତେସବୁ ପ୍ରମାଣ ସତ୍ତ୍ୱେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସମ୍ପୃକ୍ତ ଥିବା କର୍ମଚାରୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ ରହିବା ସାଧାରଣରେ ଅନେକ ପ୍ରଶ୍ନ ଉଙ୍କିମାରୁଛି।ଅନ୍ୟପଟେ 'ସକାଳ'ରେ ପ୍ରକାଶିତ ହୋଇଥିବା ଖବର ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ ଘଟଣାକୁ ନେଇ ସାମାଜିକ କର୍ମୀ ଉମେଶ ବିଶି ତାଙ୍କ ଟ୍ୱିଟର ହେଣ୍ଡେଲରେ ଏହି ଘଟଣାର ତଦନ୍ତ ଦାବି ନେଇ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ଟ୍ୱିଟ କରିଛନ୍ତି।ଏଥିସହ ଶ୍ରୀ ବିଶି ଏହି ଘଟଣାର ତଦନ୍ତ ପାଇଁ ସାଧାରଣ ପ୍ରଶାସନ ବିଭାଗର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗରେ ଅନଲାଇନ୍ ଅଭିଯୋଗ କରିଛନ୍ତି। ଏଭଳି ଭିନ୍ନକ୍ଷମ ଭତ୍ତା ଲୁଟ ଭଳି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ସରକାର ଦୃଷ୍ଟି ଦେଇ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଘଟଣାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେବାପାଇଁ ପ୍ରକୃତ ଭିନ୍ନକ୍ଷମ ମହଲରେ ଦାବି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା



କୋକସରା, ୬।୮ (ସମିସ): କୋକସରା ବ୍ଲକ ଆମପାଣି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିରର ମୋଟ ୧୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ଦେବାଶିଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବରେ ରଏନ ଗୁଡାସ୍ଥିତ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କପିଳେନ୍ଦ୍ର ସିଂ, ପରିଚାଳନା କମିଟି ସଭାପତି ତ୍ରିନାଥ ପ୍ରଶନ୍ନ ରାୟ, ଉପସଭାପତି ନକୁଳ ବାଣୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏହିକ୍ରମରେ ୫୫ ଜଣ କୃତୀ ଶିକ୍ଷାର୍ଥୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମକୁ ସୀମନ୍ତିନୀ ପଣ୍ଡା ସଂଯୋଜନା କରିଥିବା ବେଳେ ଗିରିଧାରୀ ବେମାଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାଁ ଓ ସେବିକା ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ଦାଦନ ଗଡ଼ରେ ଦୁଃଖ

## ଦେଢ଼ ବର୍ଷ ପରେ ନିଖୋଜ ଝିଅ ଫେରିଲା

କଣ୍ଟାବାଞ୍ଜି, ୬।୮ (ସମିସ)



ସରକାର ଗରିବ ଖଟିଖିଆ ପରିବାରଙ୍କ ପାଇଁ ବିଭିନ୍ନ ଯୋଜନା ଆଣୁଛନ୍ତି। ତଥାପି ବଲାଙ୍ଗିର ଜିଲ୍ଲାର ଦାଦନଗଡ଼ ବଙ୍ଗୋମୁଣ୍ଡା ବ୍ଲକ ସବୁବେଳେ କିଛି ନା କିଛି ଘଟଣା ପାଇଁ ଚର୍ଚ୍ଚାରେ ରହିଥାଏ। ଦାଦନ ଗଡ଼ରୁ ସୁସ୍ଥ ସବଳ ପ୍ରବାସୀ ଶ୍ରମିକ ଭାବରେ ଇଟା ଗଢିବାକୁ ଯାଇ ଦିର୍ଘ ଦେଢ ବର୍ଷ ପରେ ମାନସିକ ସ୍ଥିତି ଠିକ୍ ନ ଥିବା ଅବସ୍ଥାରେ ଘରକୁ ଫେରିଥିବା ଭଳି ପୁଣି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି।ପ୍ରବାସୀ ଶ୍ରମିକ ଭାବେ କାମ କରିବାକୁ ସୁଦୁର ମହାରାଷ୍ଟ୍ର ଯାଇ ପ୍ରାୟ ଦେଢବର୍ଷ ଧରି ନିଖୋଜ ହେବା ପରେ ନିଜ ବାପା ପାଖକୁ ପହଞ୍ଚିଛି ଝିଅ। ଖବରଟି ଗୋଟିଏ ପଟେ ଖୁସି ଲାଗୁଥିବା ବେଳେ ଗୋଟିଏ ପଟେ ଦୁଃଖର କରାଳ ରୂପ ବ୍ୟାଖ୍ୟା କରୁଛି। ଆମେ କହୁଛୁ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ମୁଖ୍ୟାଳୟରେ ଥିବା ଗୁହୁରିଆପଦର ଗ୍ରାମର ଗୋରୁଚନ ଭତ୍ରାଙ୍କ କଥା।ପରିବାର କହିଲେ ବାପ ଓ ଝିଅ କେବଳ ଦୁଇଜଣ। ଗୋରୁଚନ ଅକ୍ଟୋବର ୨୦୨୩ ରେ ତାଙ୍କ ୨୪ ବର୍ଷର ଝିଅ ଯମୁନାକୁ ଧରି ଗାଁର ଅନ୍ୟ ଶ୍ରମିକଙ୍କ ସହିତ ମହାରାଷ୍ଟ୍ରର ଚନ୍ଦ୍ରପୁରକୁ ଇଟା ଗଢିବାକୁ ଯାଇଥିଲେ। ତେବେ ସେହି ଇଟାଭାଟିରେ ନିଜ ଗାଁ ଗୁହୁରିଆପଦର ଗ୍ରାମର ନିଜ ସମ୍ପର୍କୀୟ ଭାଇ ଲୋଚନ ଭତ୍ରା କାମ କରୁଥିଲା। ବଙ୍ଗୋମୁଣ୍ଡା ପୁଲିସକୁ ଗୋରୁଚନ ଦେଇଥିବା ଅଭିଯୋଗ ଅନୁଯାଇ କିଛି ଦିନ ପରେ ଲୋଚନ ନିଜ ଗାଁକୁ ଫେରିବ ବୋଲି ଜାଣି ଝିଅ ଯମୁନାକୁ ମଧ୍ୟ ସାଙ୍ଗରେ ନେଇ ଘରେ ଛାଡ଼ିଦେବା ପାଇଁ ଗୋରୁଚନ କହିଥିଲେ। କିଛି ଦିନ ପରେ ଗୋରୁଚନ କାମ କରିବାକୁ ଯାଇଥିବା ସମୟରେ ଲୋଚନ ଓ କିଛି ଅନ୍ୟ ଶ୍ରମିକ ସାଥୀ ଝିଅ ଯମୁନାକୁ ଗାଁକୁ ଯିବା ବୋଲି ସାଙ୍ଗରେ ଆଣିଥିଲେ। ଏପଟେ ବାପା ଗୋରୁଚନ କାମ ସାରି ଘରକୁ ଫେରି ଝିଅକୁ ନ ପାଇ ଇଟାଭାଟି ମାଲିକଙ୍କୁ ଛୁଟି ମାଗିଥିଲେ। ତେବେ ମାଲିକ ୮ ଦିନ ପରେ ଛୁଟିଦେବାରୁ ସେ ନିଜ ଗାଁ ଗୁହୁରିଆପଦର ପହଞ୍ଚି ଘରେ ପହଞ୍ଚି ସେଠାରେ ମଧ୍ୟ ଝିଅକୁ ନ ପାଇ ପଡୋଶୀଙ୍କୁ ପଚରାଉଚରା କରି ଲୋଚନଙ୍କ ଘରକୁ ପଚାରିବାକୁ ଯାଇଥିଲେ। ତେବେ ଲୋଚନ ଝିଅ ଯମୁନା ତାଙ୍କ ସାଙ୍ଗରେ ହିଁ ଟ୍ରେନରେ ଆସୁଥିବା ବେଳେ ବାଟରେ କୋଉଠି ଓହ୍ଲାଇ ପଡ଼ିଥିବା କହିଥିଲେ। ତେଣୁ ଅନ୍ୟ ଉପାୟ ନ ପାଇ କଣ୍ଟାବାଞ୍ଜି ଗରିବ ସେନାର ସହାୟତାରେ ବଙ୍ଗୋମୁଣ୍ଡା ଥାନାରେ ଲିଖିତ ଜଣାଇଥିଲେ। ପୁଲିସ ତଦନ୍ତ ଆରମ୍ଭ କରି ପ୍ରାୟ ଦେଢ ବର୍ଷ ପରେ ଝିଅକୁ ମହାରାଷ୍ଟ୍ରର ଏକ ଅନୁଷ୍ଠାନର ଆଶ୍ରୟସ୍ଥଳରେ ପାଇଥିଲେ। ଏହି ଆଶ୍ରୟସ୍ଥଳକୁ ଆସିବା ପୂର୍ବରୁ ଯମୁନା ଖଣ୍ଡିଆ ଖାବରା ହୋଇ ଟ୍ରେନ ଷ୍ଟେସନ ନିକଟରେ ଇତସ୍ତତଃ ଘୁରି ବୁଲୁଥିବା ନିକଟସ୍ଥ ପୁଲିସ ଖବର ପାଇ ଆଶ୍ରୟସ୍ଥଳରେ ନେଇ ଜିମା ଦେଇଥିଲା। ହେଲେ ଯମୁନାର ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେ ଘର ଠିକଣା ମଧ୍ୟ ଦେଇ ପାରିନଥିଲା। ପରେ କିଛି ମାସ ଯିବାପରେ ତା'ର ବିବାହ କରାଯାଇଥିଲା। ହେଲେ ତା ସ୍ୱାମୀ ପାଖରୁ ମଧ୍ୟ ଏପଟ ସେପଟ ପଳାଇ ବସିବାରୁ ପୁଣି ସେହି ଅନୁଷ୍ଠାନକୁ ଆଣି ତା ସ୍ୱାମୀ ଛାଡିଦେଇ ଥିଲା। ପରେ ପୁଣି ଅନୁଷ୍ଠାନର କର୍ମକର୍ତ୍ତା ପଚାରିବାରୁ ସେ ତାର ପୁରା ଠିକଣା କହିନପାରି କେବଳ କଣ୍ଟାବାଞ୍ଜି କହିଥିଲା। ତେବେ ସେଠାରୁ କଣ୍ଟାବାଞ୍ଜି ଅଞ୍ଚଳର ପୁଲିସ ସହ ଯୋଗାଯୋଗ କରି ବଙ୍ଗୋମୁଣ୍ଡା ଥାନାକୁ ଯମୁନାର ଫଟୋ ପଠାଇଥିଲେ। ବଙ୍ଗୋମୁଣ୍ଡା ପୁଲିସ ଯମୁନାର ବାପାକୁ ଫଟୋ ଦେଖାଇ ସେ ଚିହ୍ନିବା ପରେ ଆଇନ ଅନୁଯାଇ ଆଦେଶ ଆଣି ଏକ ସାମାଜିକ ଟିମ୍ ଗଠନ କରି ମହାରାଷ୍ଟ୍ର ପଠାଇ ଯମୁନାକୁ ଗାଁକୁ ଫେରାଇ ଆଣିଥିଲେ। ଏ ମଧ୍ୟରେ ପ୍ରାୟ ଦେଢବର୍ଷ ବିତି ଯାଇଛି। ଯମୁନା ଟ୍ରେନରୁ ନିଜେ ଓହ୍ଲାଇଥିଲେ ନା ତାଙ୍କ ସହ ଆଉକିଛି ଘଟଣା ଘଟିଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ହେଲେ ଯମୁନା ଯାହାକୁ ଦେଖିଲେ ବି ଡରି ଯାଉଥିବା ସହ ମାନସିକ ସ୍ଥିତି ଠିକ୍ ନ ଥିବାରୁ ପୁଲିସ ବୟାନ ରେକର୍ଡ ମଧ୍ୟ କରିପାରିନଥିବା ବଙ୍ଗୋମୁଣ୍ଡା ଆଇଆଇସି ସଞ୍ଜିବ ପ୍ରଧାନଙ୍କ ଠାରୁ ଜଣାପଡ଼ିଛି। ଏପଟେ ବିଳମ୍ବରେ ହେଲେ ମଧ୍ୟ ବଙ୍ଗୋମୁଣ୍ଡା ପୁଲିସ ଝିଅକୁ ଫେରାଇ ଆଣିଥିବାରୁ ଗରିବସେନା ସଭାପତି ଦିନେଶ ତାଣ୍ଡି ଧନ୍ୟବାଦ୍ ଦେଇଛନ୍ତି।

# 'ହର ଘର ତ୍ରିରଙ୍ଗା' ପ୍ରସ୍ତୁତି ବୈଠକ

ବଣାଇଁ,୬।୮ (ସମିସ): ବିଜେପି ରାଉରକେଲା ସାଙ୍ଗଠନିକ ଜିଲ୍ଲା ଅଧୀନ ବଣାଇଁ ବିଧାନସଭାର ଆଠଟି ମଣ୍ଡଳରେ ଦଳ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରାଜାମୁଣ୍ଡା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ଦଳପକ୍ଷରୁ ପ୍ରତି ମଣ୍ଡଳରେ ତ୍ରିରଙ୍ଗା ଶୋଭା ଯାତ୍ରା କରାଯିବା ସହ ୧୫ ତାରିଖ ପୂର୍ବରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ତଥା ଚାରିପାଖରେ ସଫେଇ କାର୍ଯ୍ୟ କରାଯିବ। ୧୩ ତାରିଖ ରୁ ୧୫ ତାରିଖ ପର୍ଯ୍ୟନ୍ତ "ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ କରାଯିବ। ଏହା ସହ "ମାଁ କି ନାମ୍ ଏକ ପେଡ୍' କାର୍ଯ୍ୟକ୍ରମ କରି ଚାରାରୋପଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ପ୍ରସ୍ତୁତି ବୈଠକରେ ପୂର୍ବତନ ଜିଲ୍ଲା ସଭାପତି ମନୋଜ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ, ତ୍ରିରଙ୍ଗା ଯାତ୍ରାର ଜିଲ୍ଲା ଟୋଲି ସଦସ୍ୟ ଅଭିରାମ ମହାକୁଳ, ହେମନ୍ତ କୁମାର ସାହୁ, ପ୍ରଦୀପ କୁମାର ସ୍ୱାଇଁ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ନିରାକାର ନାଏକ, ମିଥିଳା ପାତ୍ର, ବୀରେନ୍ଦ୍ର ବଡ଼ ନାୟକ, ହେମ୍ବ୍ର ଓରାମ, ମନୋଜ କୁମାର ସାହୁ, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଉପେନ୍ଦ୍ର ବେହେରା, ବୁଦ୍ଧଦେବ ସିଂ, କୁନା ପୁଝାରୀ, ଲବ କିଶୋର ସାହୁ, ଜିଲ୍ଲା ମୋର୍ଚ୍ଚା ସଭାପତି ଜୟନ୍ତୀ ମାହାନ୍ତ, ଆହ୍ଲାଦ ବଡ଼େଇ, ଅବିନାଶ ବ୍ରହ୍ମ, କର୍ମୁ କିସାନ ପ୍ରମୁଖ ଉପସ୍ଥିତ ଥିଲେ।

# ପାର୍କ କାମ ଖରାପ ଦେଖି ବିଧାୟକଙ୍କ କ୍ଷୋଭ

ରାଉରକେଲା,୬।୮ (ସମିସ): ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଥିବା ଇସ୍ପାତ ସହରାଞ୍ଚଳର ସେକ୍ଟର-୨୦ ସ୍ଥିତ ବୈକୁଣ୍ଠ ଘାଟ ନିକଟରେ ନିର୍ମାଣାଧୀନ ପାର୍କର କାର୍ଯ୍ୟ ତଦାରଖ ପାଇଁ ଆଜି ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ପାର୍କକୁ ପରିଦର୍ଶନରେ ଯାଇଥିଲେ। ବୈକୁଣ୍ଠ ଘାଟ ନିକଟସ୍ଥ ଏହି ପାର୍କ ନିର୍ମାଣରେ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ବିଧାୟକ ଶ୍ରୀ ତନ୍ତୀ ଅସନ୍ତୋଷ ପ୍ରକାଶ କରିଥିଲେ। ପରିଦର୍ଶନ ସମୟରେ ଉପସ୍ଥିତ ଥିବା ସ୍ମାର୍ଟସିଟି ଏବଂ ଆରଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ମୁତାବକ ପ୍ରଥମେ ପ୍ରାୟ ୧୬ ଏକର ଜମିରେ ୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ୨୦୨୦ରେ ଏହି ପାର୍କର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡିଜାଇନର ପରିବର୍ତ୍ତନ ହୋଇ ନିର୍ମାଣ କାର୍ଯ୍ୟକୁ ୧୬ ଏକର ବଦଳରେ ୩ଟି ଫେଜରେ ୪୨ଏକରକୁ ବୃଦ୍ଧି କରାଯିବା ସହ ତଦନୁଯାୟୀ ବ୍ୟୟ ଅଟକଳ ମଧ୍ୟ ୨୦ କୋଟିରୁ ୩୧.୫୯ କୋଟିକୁ ବୃଦ୍ଧି ପାଇବା ସହ ସମସ୍ତ କାର୍ଯ୍ୟ ୨୦୨୪ ମସିହା ସୁଦ୍ଧା ସମାପ୍ତ କରିବା ପାଇଁ ସ୍ଥିର କରାଯାଇଥିଲା। ତେବେ ଏହି ସମୟସୀମା ସମାପ୍ତ ହେବାର ପ୍ରାୟ ୭ ମାସ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟ ସମାପ୍ତ ହୋଇନାହିଁ। ନିର୍ମାଣ କାର୍ଯ୍ୟରେ ହେଉଥିବା ବିଳମ୍ବର କାରଣ ସମ୍ବନ୍ଧରେ ବିଧାୟକ ଦୁର୍ଗା ଚରଣ ତନ୍ତୀ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ଉପସ୍ଥିତ ରାଉରକେଲା ମହାନଗର ନିଗମ ଅଧିକାରୀ ସୂଚନା ଦେଇ କହିଲେ ଯେହେତୁ ପ୍ରକଳ୍ପ ଆରମ୍ଭ ପରଠାରୁ ଆଜି ପର୍ଯ୍ୟନ୍ତ ତିନିଥର ଡିଜାଇନ ବଦଳାଯାଇ ତିନିତିନି ଥର ଡିପିଆର ପ୍ରସ୍ତୁତ ହୋଇଛି, ସେଥିପାଇଁ ଏହି କାର୍ଯ୍ୟ ବିଳମ୍ବ ହୋଇଛି। ତେବେ ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ପାର୍କର ନିର୍ମାଣ କାର୍ଯ୍ୟ ସମାପ୍ତ ହେବାର ସମୟ ଧାର୍ଯ୍ୟ କରାଯାଇଛି ବୋଲି ଅଧିକାରୀ ସୂଚନା ଦେଇଥିଲେ। ବିଧାୟକଙ୍କ ଅଭିଯୋଗ ସମ୍ବନ୍ଧରେ ସାମ୍ବାଦିକମାନଙ୍କ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ରାଉରକେଲା ମହାନଗର ନିଗମ ଅଧିକାରୀ ପାର୍କ ନିର୍ମାଣ କାର୍ଯ୍ୟ ଏଫଡିସିକୁ ଦିଆଯାଇଛି ବୋଲି କହିଥିଲେ। ଯେହେତୁ ସେମାନେ ଆମକୁ ବର୍ତ୍ତମାନ ପର୍ଯ୍ୟନ୍ତ ହସ୍ତାନ୍ତର କରିନାହାନ୍ତି ତେଣୁ କାର୍ଯ୍ୟ ସମାପ୍ତ ପରେ ଆମକୁ ପାର୍କ ହସ୍ତାନ୍ତର ସମୟରେ ଆମେ ସମ୍ପୂର୍ଣ୍ଣ ପାର୍କରେ ହୋଇଥିବା କାର୍ଯ୍ୟର ମାନ ସହିତ ଅନ୍ୟାନ୍ୟ ଦିଗ ମଧ୍ୟ ଯାଞ୍ଚ କରିବୁ। ଯଦି କୌଣସି ପ୍ରକାରର ତ୍ରୁଟି ଦେଖାଯିବ ତେବେ ବିଭାଗ ପକ୍ଷରୁ ଉଚିତ ପଦକ୍ଷେପ ନିଆଯିବ ବୋଲି ରାଉରକେଲା ମହାନଗର ନିଗମ ଅଧିକାରୀ କହିଥିଲେ।

# ଲତାଲଗା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ




କୁତ୍ରା,୬।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ଲତାଲଗାଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଦିନ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଜଗତ ଗୁରୁ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ରାମେଶ୍ୱର ଲାକ୍ରା, ଦିଲୀପ ସାହୁ, ବିରିଙ୍ଗାଟୋଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ସୋନିଆ, ପୁର୍କାପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ କାଲୋ ଓ ଶତ୍ରୁଘ୍ନ ଏକ୍କା ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବରେ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଓମ୍‌ପ୍ରକାଶ ଶର୍ମା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଜନାର୍ଦ୍ଦନ ବଡେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀ ଖୁସି ବାଘ ସଂସ୍କୃତ ନୃତ୍ୟ ପରିବେଷଣ କରିଥିବାବେଳେ ଆଦର୍ଶ ସାହୁ ଓ ଆଦର୍ଶ ଘୋଷି ସଂସ୍କୃତ ନାଟିକା ପରିବେଷଣ କରିଥିଲେ। ସଂସ୍କୃତ ଶିକ୍ଷକ ଡ. ରାଧାନାଥ ଦିଶ୍ରୀ ପରିଚାଳନା କରିଥିଲେ। ପରିଚାଳନା କରିବା ପାଇଁ ବିଦ୍ୟାଳୟର ଲକ୍ଷ୍ମୀ ଖେସ, ନରେନ୍ଦ୍ର କୁଜୁର, ଶବ୍ୟାତନ୍ତୀ, ସରସ୍ୱତୀ ମିଞ୍ଜ, ଲିନା ଭଇଂଶାଲ ଓ ଅସୀମା ଗୁଡ଼ିଆ ସହଯୋଗ କରିଥିଲେ।

## ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

# 'ସେ ଥିଲେ ଆଧୁନିକ ଉତ୍କଳର ଶ୍ରେଷ୍ଠ ପ୍ରତିନିଧି'

ରାଉରକେଲା,୬।୮ (ସମିସ)




ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସ ଏକାଧାରାରେ ଜଣେ ଦାର୍ଶନିକ, ସାମ୍ବାଦିକ, ରାଜନୀତିକ, କବି, ଲେଖକ, ଆଦର୍ଶ ଅଧ୍ୟାପକ, ସମାଜ ସଂସ୍କାରକ, ତଥା ରାଷ୍ଟ୍ରନୀତିଜ୍ଞ ଭାବରେ ଓଡ଼ିଶାର ଜନମାନସରେ ପରିଚିତ। ସହରର ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ୧୪୨ତମ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ଉପରୋକ୍ତ ମତପ୍ରକାଶ କରିଥିଲେ। ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରଫେସର ଡ. ପ୍ରଭାତ କୁମାର ମଲ୍ଲିକ କହିଲେ ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନୀଳକଣ୍ଠଙ୍କର ଅବଦାନ ଅବିସ୍ମରଣୀୟ। ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସହ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନାମ ପ୍ରତ୍ୟେକ ଓଡ଼ିଆଙ୍କର ପ୍ରାତଃସ୍ମରଣୀୟ। ପଣ୍ଡିତ ନୀଳକଣ୍ଠ ରେଭେନ୍ସା କଲେଜରୁ ଅଧ୍ୟୟନ ସାରି କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶ୍ରେଣୀରେ କୃତିତ୍ୱ ସହ ପାସ୍ କରିବା ପରେ ଉତ୍କଳମଣି ଗୋପବନ୍ଧୁଙ୍କ ଆହ୍ୱାନକ୍ରମେ ତାଙ୍କଦ୍ୱାରା ସତ୍ୟବାଦୀରେ ପ୍ରତିଷ୍ଠିତ ହୋଇଥିବା ବନବିଦ୍ୟାଳୟରେ (ମଣିଷ ତିଆରି କାରଖାନା) ପ୍ରଧାନଶିକ୍ଷକ ଭାବେ ଯୋଗଦାନ ଥିଲା ଅବିସ୍ମରଣୀୟ। ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ପ୍ରଚଣ୍ଡ ବିଦବତ୍ତା, ଓ ଛାତ୍ରବତ୍ସଳତା ସମସଙ୍କୁ ଆକୃଷ୍ଟ କରିଥିଲା। ୧୯୨୧ ରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାରୁ, ଦେଶ ଓ ଜାତିପ୍ରେମ ବିହ୍ୱଳିତ ମାନସିକତାରୁ ଅଧ୍ୟାପନା ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୫୬ ମସିହାରେ ତାଙ୍କୁ ପଦ୍ମ ଭୂଷଣ ଉପାଧି ମିଳିଥିଲା। କୋଣାର୍କ, ପ୍ରଣୟିନୀ, ଖାରବେଳ, ଦାସନାୟକ ପ୍ରଭୃତି କାବ୍ୟଗ୍ରନ୍ଥ, ନିଜର ଆତ୍ମଜୀବନୀ, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ଶ୍ରୀମଦ୍ ଭାଗବତ ଗୀତାର ସରଳୀକରଣ ସନ୍ଦର୍ଭ, ତାଙ୍କର ପାଣ୍ଡିତ୍ୟ, ବିଦ୍ୟାନିଷ୍ଠା, ସମାଜକଲ୍ୟାଣ ଭାବ, ଦେଶପ୍ରେମ, ଓ ମାନବବାଦର ଗାଥା ବହନ କରେ ବୋଲି ମତପ୍ରକାଶ ପାଇଛି ଡ. ନଗେନ୍ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଘନଶ୍ୟାମ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତ ଭୂଷଣ ମହାନ୍ତି, ରାଧାମୋହନ ନାୟକ, ରଶ୍ମି ରଞ୍ଜନ ବୋଇତାଇ, ଲକ୍ଷ୍ମଣ ନାଥ ଦାସ, ଇନ୍ଦ୍ରମଣି ମହାପାତ୍ର, ଅଶୋକ କୁମାର ପଟ୍ଟନାୟକ, ଅରବିନ୍ଦ ପାତ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, ବିପିନ ବିହାରୀ ପଟ୍ଟନାୟକ, ପ୍ରଶନ୍ନ କୁମାର ମହାନ୍ତି, କିଶୋରୀ ମୋହନ କର, ସତ୍ୟନାରାୟଣ ଦାଶ, ଧରଣୀଧର ସାମଲ, ପ୍ରଦୀପ କୁମାର ପଟ୍ଟନାୟକ, ପରୀକ୍ଷିତ ଗୁରୁ, ଅଯୋଧ୍ୟା ନାଥ ଦାସ ପ୍ରମୁଖ ସହାୟତା କରିଥିବା ବେଳେ ଡାକ୍ତର କୃପାସିନ୍ଧୁ ନାୟକ, ରାଜୀବ ପାଣି, ଅକ୍ଷୟ କୁମାର ସାମଲ, ସଞ୍ଜୀବ କୁମାର ଭୋଇ, କାଶୀନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ପୁଞ୍ଜିପଥର ମନ୍ଦିର ତାଲା ଭାଙ୍ଗି ଚୋରି



କଣ୍ଟାବାଞ୍ଜି,୬।୮ (ସମିସ)

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିରୁ ବଙ୍ଗୋମୁଣ୍ଡା ଯିବା ରାସ୍ତା ରାଜ୍ୟ ରାଜପଥ ୪୨ କଡରେ ଥିବା ପୁଞ୍ଜିପଥର ମନ୍ଦିରରେ ମଙ୍ଗଳବାର ରାତିରେ ମନ୍ଦିର ତାଲା ଭାଙ୍ଗି ଚୋରି ହୋଇଛି। ବୁଧବାର ଭୋରୁ ମନ୍ଦିର ପୂଜକ ଓମପ୍ରକାଶ ପାଢ ମନ୍ଦିରକୁ ଆସି ଦେଖିବାକୁ ବେଳକୁ ୨ ଟି ମନ୍ଦିର ତାଲା ଭଙ୍ଗା ହୋଇଛି। ମନ୍ଦିର ଭିତରରେ ଥିବା ୨ ଟି ଦାନ ବାକ୍ସ ସହ ଡେଗ୍ଚି, ଇନ୍‌ଭୋଟର ନେଇ ଚୋରମାନେ ଫେରାର ମାରିଛନ୍ତି। ମନ୍ଦିର ପଛ ପଟେ ଗୋଟିଏ ଦାନ ବାକ୍ସ ଫାଡି ସେଠାରେ ଥିବା ଟଙ୍କା ନେଇ ବାକ୍ସ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ଏନେଇ ମନ୍ଦିର କମିଟି କଣ୍ଟାବାଞ୍ଜି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ମନ୍ଦିରରୁ ଚୋରି ହୋଇଥିଲା ଏନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା କିନ୍ତୁ ଚୋରକୁ ଧରିବାରେ ପୁଲିସ ବିଫଳ ହୋଇଥିଲା। ଯାହାଫଳରେ ଚୋରମାନେ ସକ୍ରିୟ ହୋଇ ମନ୍ଦିରଭିତରୁ ଦାନ ବାକ୍ସ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ଫେରାର ମାରିଥିବା ଅଭିଯୋଗ ହେଉଛି। ତୁରନ୍ତ ଚୋରକୁ କାବୁ କରିବା ଦିଗରେ କଣ୍ଟାବାଞ୍ଜି ପୁଲିସ ପଦକ୍ଷେପ ନେବାକୁ ଶ୍ରଦ୍ଧାଳୁଙ୍କ ମହଲରେ ଦାବି ହେଉଛି।

# ୮ ରୁ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ନାଟ୍ୟ କର୍ମଶାଳା

ରାଉରକେଲା, ୬।୮ (ସମିସ): ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଆସନ୍ତା ୮ ତାରିଖରୁ ପ୍ରଯୋଜନା ଭିତ୍ତିକ ନାଟ୍ୟ କର୍ମଶାଳା ଆୟୋଜିତ ହେବ ବୋଲି ସୂଚନା ମିଳିଛି। ଏହି ନାଟ୍ୟ କର୍ମଶାଳା ୮ ତାରିଖରୁ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସେକ୍ଟର - ୪ ସ୍ଥିତ ସୋସିଆଲ ହୋମ୍ ପରିସରରେ ଆୟୋଜିତ ହେବ। ଏହି କର୍ମଶାଳା ଦୈନିକ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଆବଶ୍ୟକ ସ୍ଥଳେ ସମୟର ପରିବର୍ତ୍ତନ କରାଯାଇପାରେ ବୋଲି କୁହାଯାଇଛି। ଏଥିରେ ୧୦ ବର୍ଷରୁ ଊର୍ଦ୍ଧ୍ୱର ବୟସର କଳାକାରମାନେ ଅଂଶଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଏହି ନାଟ୍ୟ କର୍ମଶାଳାର ଉଦ୍‌ଯାପନୀ ସନ୍ଧ୍ୟା ସିଭିକ ସେଣ୍ଟର ଠାରେ ଆୟୋଜିତ ହୋଇ ନାଟକ ମଞ୍ଚସ୍ଥ ହେବ। ଏହି ନାଟ୍ୟ କର୍ମଶାଳାରେ ଅଂଶଗ୍ରହଣ କରିବା ପାଇଁ ଦେବାକୁ ଆଗ୍ରହୀ କଳାକାରମାନେ ୭ ତାରିଖ ସନ୍ଧ୍ୟା ସୁଦ୍ଧା ନିଜ ନିଜ ନାମ ପଞ୍ଜୀକରଣ କରିବା ନିମିତ୍ତ ଓଡିଶା ନାଟ୍ୟ ସଂଘ ନାଟ୍ୟ କର୍ମଶାଳାର ସଂଯୋଜକ ଆଲୋକ ବୋଷଙ୍କୁ ୮୨୪୯୩୧୧୮୮୯ ଓ ୭୦୦୮୧୩୯୦୬୨ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ସ୍ୱରସତୀ ଶିଶୁ ବିଦ୍ୟାମନ୍ଦିର ବିଜ୍ଞାନ ମେଳା

କଣ୍ଟାବାଞ୍ଜି,୬।୮ (ସମିସ): କଣ୍ଟାବାଞ୍ଜି ସ୍ୱରସତୀ ଶିଶୁ ବିଦ୍ୟା ମନ୍ଦିର ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୮୮ ଜଣ ଭାଇ ଭଉଣୀ ଭାଗ ନେଇଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବନାଞ୍ଚଳ ଜନାର୍ଦ୍ଦନ ଠାକୁର ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ବିଭାଗ ନିରୀକ୍ଷକ ଯୁବରାଜ କୁଦେଇ ସଂକୁଳ ପ୍ରମୁଖ ରାମଚନ୍ଦ୍ର ସାହୁ ସଭାପତି କୁଞ୍ଜବିହାରୀ ବେହେରା, ସଂପାଦକ ଯୁବରାଜ ମେହେର, ପ୍ରଧାନ ଆଚାର୍ଯ୍ୟ ତେଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସମାରୋପରେ ଅବସରପ୍ରାପ୍ତ ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ସିଆଇଏସ୍‌ସିଇ ରିଜୋନାଲ ଟାଏକ୍ୱୋଣ୍ଡୋରେ ବଲାଙ୍ଗିରକୁ ୪ ପଦକ

ବଲାଙ୍ଗିର,୬।୮ (ସମିସ)




ଅଗଷ୍ଟ ୧ ଓ ୨ ଦୁଇ ଦିନ ଧରି କେନ୍ଦୁଝର ଜିଲ୍ଲା ନିର୍ମାଳ କନଭେନ ସ୍କୁଲରେ ସିଆଇଏସ୍‌ସିଇ ରିଜୋନାଲ ସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ଜିଲ୍ଲା ଟାଏକ୍ୱୋଣ୍ଡୋ ସଂଘର ଶ୍ରେୟାଂଶ ଭଞ୍ଜ ଅଣ୍ଡର ୧୪ ବର୍ଷ ବାଳକ ୪୧-୪୫ କେଜି ଖିରଗୀ (ଫାଇଟ) ବିଭାଗରେ ସ୍ୱର୍ଣ୍ଣ ପଦକ, ପ୍ରିୟମ ସାହୁ ୫୧-୫୫ କେଜି ଖିରଗୀରେ ସ୍ୱର୍ଣ୍ଣ ପଦକ, ଶୁଭମ୍ ମେହେର ୪୫-୪୮ ଖିରଗୀରେ ରୌପ୍ୟ ପଦକ, ସାନଭି ପ୍ରଧାନ ୧୨-୧୪ ବର୍ଷ ୩୮ କେଜି ଊର୍ଦ୍ଧ୍ୱ ବାଳିକା ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଜାତୀୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଶ୍ରେୟାଂଶ, ପ୍ରିୟମ ଓ ଶୁଭମ୍ ଓଡିଶାରୁ ଭାଗ ନେବେ ବୋଲି କୋଚ ଅସୀମ ଭୋଇ ସୂଚନା ଦେଇଛନ୍ତି। ଛାତ୍ର ଛାତ୍ରୀଙ୍କ ଏଭଳି ସଫଳତା ପାଇଁ ବଲାଙ୍ଗିର ଜିଲ୍ଲା ଟାଏକ୍ୱୋଣ୍ଡୋ ସଂଘ ସାଧାରଣ ସଂପାଦକ ଅସୀମ କୁମାର ଭୋଇ, ସଭାପତି ହେମନ୍ତ ପଣ୍ଡା, ଓଡିଶା ଟାଏକ୍ୱୋଣ୍ଡୋ ସଂଘ ସାଧାରଣ ସଂପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହି ରିଜୋନାଲ ସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତାରେ ରାଉରକେଲା, କେନ୍ଦୁଝର, ବଲାଙ୍ଗିର ଓ ଗଞ୍ଜାମ ଜିଲ୍ଲାର ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ପାଟଣାଗଡ଼,୬।୮ (ସମିସ): ପ୍ରତିବର୍ଷ ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ସାରା ବିଶ୍ୱରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ କ୍ରାଏ କଲିକତା ତରଫରୁ ପାଟଣାଗଡ ବ୍ଲକ୍ ଫଟାମୁଣ୍ଡା ପଞ୍ଚାୟତର ଲଡଙ୍ଗାଭଟା, ସିଦ୍ଧିମୁଣ୍ଡା ଏବଂ ଭରତବାହାଲ ପଞ୍ଚାୟତର ମୁଦଲସର ଓ ଭରତବାହାଲରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ଗର୍ଭବତୀ, ପ୍ରସୂତି, କିଶୋରୀଙ୍କ ସମେତ ଅନ୍ୟ ମହିଳାମାନେ ଅଂଶଗ୍ରହଣ କରିଥିଲେ। ସସ୍ମିତା ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ପିଣ୍ଟୁ ପଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିସହିତ ସ୍ତନ୍ୟପାନର ଆବଶ୍ୟକତା ଓ ଏହାର ବିଭିନ୍ନ ଦିଗକୁ ନେଇ ଜଣାଅଜଣା,ଗପ ତଥା ଖେଳ ମାଧ୍ୟମରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗାଁ ଗୁଡ଼ିକର ସମସ୍ତ ଅଙ୍ଗନବାଡି ତଥା ଆଶାକର୍ମୀ ଗୁଡିକ ସହଯୋଗ କରିଥିଲେ।

# ଟିଟିଲାଗଡ଼ କଂଗ୍ରେସର କର୍ମୀ ସମ୍ମିଳନୀ

ଟିଟିଲାଗଡ଼,୬।୮ (ସମିସ): ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ କର୍ମୀ ସମ୍ମିଳନୀ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ତଥା ଦଳର ରାଜ୍ୟ ଉପସଭାପତି ସନ୍ତୋଷ ସିଂ ସାଲୁଜା, ସମ୍ପାଦିକା ଅନିତା ମିଷ୍ଟ, ଜିଲ୍ଲା ଷ୍ଟିୟରିଂ କମିଟି ସଦସ୍ୟ ଅନିଲ ମେହେର, ଗତ ନିର୍ବାଚନରେ



ଦଳର ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ, ବରିଷ୍ଠ ନେତା ଡମ୍ବରୁ ଛତ୍ରିଆ, କେ ତ୍ରିନାଥ ରାଓ, ରଞ୍ଜନ ଦାଶଙ୍କ ଉପସ୍ଥିତିରେ ଟିଟିଲାଗଡ଼ ବ୍ଲକ୍ ତଥା ପୌରପରିଷଦର ବିଭିନ୍ନ ସେଲ ମୁଖ୍ୟ ପାଇଁ ନାମ ଚୟନ ହୋଇଥିଲା। ଏହାକୁ ରାଜ୍ୟ ସଭାପତିଙ୍କ ସ୍ୱୀକୃତି ପାଇଁ ପଠାଯିବ ବୋଲି ରାଜ୍ୟ ଉପସଭାପତି ଶ୍ରୀ ସାଲୁଜା କହିଛନ୍ତି। ସଭାରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁରଜ ବେହେରା, ବିଚିତ୍ର ବାଗ, ମଗନ ନାଗ, ସୁବାଶ ଛତର, ମାଧବ ତାଣ୍ଡି, କୁନା ସାହୁ, ଯୋଗେଶ୍ୱର ମହାନନ୍ଦ, ଲିଙ୍ଗରାଜ ସୁନା, କିଷାନ ନାଗ, ତୁଷରାଜ ମହାନନ୍ଦ, ଅରୁଣ ହରପାଲ, ରମା ତାଣ୍ଡି, ଛନ୍ଦାଚରଣ କଟା, ପିଙ୍କି ରଣା, ସଂଜୀବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନିଷ୍ଠା, ସମତା ଓ ଅନ୍ତର୍ନିବେଶି ଶିକ୍ଷା ତାଲିମ

ମୁରିବାହାଲ,୬।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ତୃତୀୟ ପର୍ଯ୍ୟାୟ ପଞ୍ଚ ଦିବସୀୟ ନିଷ୍ଠା, ସମତା ଓ ଅନ୍ତର୍ନିବେଶି ଶିକ୍ଷା ତାଲିମ ଶିବିର ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିଆରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ ଶିବିରରେ ବିବିଧତା ପୂର୍ଣ୍ଣ ଅନ୍ତର୍ନିବେଶି ଶ୍ରେଣୀ କକ୍ଷ, ସାର୍ବଜନୀନ ଶିକ୍ଷଣ ତଥା ପାଠ୍ୟକ୍ରମର ଅନୁକୂଳନ ଓ ରୂପାନ୍ତରଣ ଓ ବିଭିନ୍ନ ଅକ୍ଷମତା ହେତୁ ପ୍ରଭାବିତ ହେଉଥିବା ଶିକ୍ଷ୍ୟାର୍ଥିମାନଙ୍କ ଶିକ୍ଷଣ ସମସ୍ୟା ସମ୍ବନ୍ଧରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୫୬ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ତାଲିମ ଅନୁଷ୍ଠିତ ହୋଇଯାଇଛି।

# କିଶୋର କୁମାରଙ୍କ ଜନ୍ମଦିନ ଅବସରରେ ସଙ୍ଗୀତ ସନ୍ଧ୍ୟା

ରାଉରକେଲା, ୬।୮ (ସମିସ)




ସହରର ଜଣାଶୁଣା ସଂଗୀତ ଅନୁଷ୍ଠାନ ଆରଡି ବର୍ମନ ଫ୍ୟାନ୍ସ କ୍ଲବ୍‌ୟ ଦ୍ୱାରା କିମ୍ବଦନ୍ତୀ ଗାୟକ କିଶୋର କୁମାରଙ୍କ ୯୬ ତମ ଜନ୍ମଦିନ ରାଉରକେଲା ଛେଣ୍ଡ ସ୍ଥିତ ଧାମରା ସଙ୍ଘଠାରେ ପାଳିତ ହୋଇଥିଲା। ବଲିଉଡ଼ କଣ୍ଠଶିଳ୍ପୀ କିଶୋର କୁମାରଙ୍କ ସ୍ମୃତିକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ସେ କଣ୍ଠଦାନ କରିଥିବା ହିନ୍ଦୀ ଚଳଚ୍ଚିତ୍ରର ବହୁ ପୁରୁଣା ସଂଗୀତକୁ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ।। ଅନୁଷ୍ଠାନର ସଭାପତି ସୁବ୍ରତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ, ସମାଜସେବୀ ତଥା ରାମ କଥା ପ୍ରବଚକ ରାମକୃଷ୍ଣ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଯେଉଁଠାରେ ଚିକିତ୍ସା ବିଜ୍ଞାନ ଦ୍ୱାରା ରୋଗୀର ସେବା ଅସମ୍ଭବ ମନେ ହୁଏ ସେଇଠାରେ ସଂଗୀତ ଶ୍ରବଣ ଦ୍ୱାରା ଅତ୍ୟନ୍ତ ଦୁରାରୋଗ୍ୟ ଭଲ ହେବାର ବହୁତ ନଜିର ରହିଛି ବୋଲି ସେ କହିଥିଲେ। ଅନୁଷ୍ଠାନର ସଭାପତି ସୁବ୍ରତ ଦାସ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଆରଡି ବର୍ମନ ଫ୍ୟାନସ କ୍ଲବର ଏହି ପ୍ରୟାସକୁ ପ୍ରଶଂସା କରି କହିଲେ ନୂତନ ତଥା ପ୍ରବୀଣ କଳାକାରଙ୍କ ଦ୍ୱାରା ଶ୍ରୋତାଙ୍କର ମନୋରଞ୍ଜନ କରିବା ପାଇଁ ଅନୁଷ୍ଠାନ ସବୁବେଳେ ପ୍ରୟାସ ଜାରି ରଖିଆସିଛି।

ସାଧାରଣ ସମ୍ପାଦକ ରଜତ ସାହୁ ନିଜର ସମ୍ପାଦକୀୟ ବିବରଣୀ ପାଠ କରିବା ସହ କିଶୋର କୁମାରଙ୍କର ଜୀବନ ଓ ତାଙ୍କ ସଂଗୀତ ବିଷୟରେ ଅନେକ ଅନାଲୋଚିତ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଦୃଷ୍ଟି ଟିଭିର ଅଜିତ ବେହେରା ଓ ଶବ୍ଦଯନ୍ତ୍ରୀ ବିଶ୍ୱଜିତ ଦାଶଙ୍କ ସହ ୧୧ ଜଣ କଳାକାର ଏବଂ ବାଦ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ସୁସ୍ମିତା ମୁଖାର୍ଜୀ, ଲକ୍ଷ୍ମୀପ୍ରିୟା ବେହେରା, ହିମାନୀ ମହାପାତ୍ର, ସୁବ୍ରତ ଦାସ, ରଜତ ସାହୁ, ଶ୍ରୀକାନ୍ତ ଚୌଧୁରୀ, ରମେଶ ଷଡ଼ଙ୍ଗୀ, ଜୀବନ ସମାସୀ, ବଟକୃଷ୍ଣ ସାହୁ, ସମରେଶ ଦାସ ଏବଂ ସତ୍ୟଞ୍ଜନ ତ୍ରିପାଠୀ। 'ଭିଗି ଭିଗି ରାତୋ ମେଁ' କାର୍ଯ୍ୟକ୍ରମରେ କଳାକାରମାନେ କିଶୋର କୁମାର ଅନେକ ଶ୍ରୁତିମଧୁର ସଂଗୀତ ପରିବେଷଣ କରି ଦର୍ଶକଙ୍କର ଭରପୁର ମନୋରଞ୍ଜନ କରିଥିଲେ। କୋଷାଧ୍ୟକ୍ଷ ଶ୍ରୀକାନ୍ତ ଚୌଧୁରୀ ସଂଗୀତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଆଇଜିଏଚ ନିର୍ଦ୍ଦେଶକ ଡ. ଜୟନ୍ତ କୁମାର ଆଚାର୍ଯ୍ୟ, ଆର୍‌ଏସ୍‌ପିସିଜି ଏମ ମେଣ୍ଟେନାନ୍ସ ଏସ୍‌ଏସ୍ ରାୟ ଚୌଧୁରୀ, ସଂଗୀତ ଗୁରୁଶ୍ରୀ ଜ୍ୟୋତି ପ୍ରକାଶ ସାହୁ, ଗୁରୁମା ସିପ୍ରା ସାହୁ, ପ୍ରଶାନ୍ତ କୁମାର ଦାସ, ଜଗନ୍ନାଥ ରାଉତ, ତ୍ରିଲୋଚନ ମହାରଣା, ଅଭିମନ୍ୟୁ ବେହେରା, ଶାନ୍ତନୁ ପଣ୍ଡା, ନବୀନ ବିନ୍ଧାଣୀ, ବିଦ୍ୟାଧର ନାୟକ ପ୍ରମୁଖଙ୍କ ସହ କିଶୋର କୁମାରଙ୍କର ଅନେକ ଶ୍ରୋତା ଉପସ୍ଥିତ ଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୭୨ ● ପାଉଣ୍ଡ ୧୧୭.୧୭
- ୟୁରୋ ୧୦୨.୧୮ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)

- ସୁନା: ୧,୦୨,୪୮୦ (ନୂଆଦିଲ୍ଲୀ)
- ରୁପା : ୧,୧୩,୪୮୫ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୦,୫୪୩.୯୯
- ନିଫ୍ଟି ୨୪,୫୭୪.୨୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



■ ଗୋଦରୀ ଲୋ ତୋ ଗୋଡକୁ ଦେଖ

# ରୁଷ ସହ ଆମେରିକା ଇୟୁର କାରବାର ଭାରତଠୁ ଅଧିକ

ନୂଆଦିଲ୍ଲୀ, ୬।୮ (ଏଜେନ୍ସି): ରୁଷ ସହ ଭାରତର ତୈଳ କାରବାରକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି। ୟୁକ୍ରେନ ଯୁଦ୍ଧକୁ ଭାରତ ବଳ ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି। କିନ୍ତୁ ଖୋଦ ଆମେରିକା ଏବଂ ଏହାର



ସହଯୋଗୀ ୟୁରୋପୀୟ ସଂଘ (ଇୟୁ) ରୁଷ୍ ଠାରୁ ଲକ୍ଷ ଲକ୍ଷ କୋଟି ଟଙ୍କାର ପ୍ରାକୃତିକ ଗ୍ୟାସ, ୟୁରାନିୟମ ସହିତ ଅନ୍ୟାନ୍ୟ ସାମଗ୍ରୀ କିଣୁଛନ୍ତି। ମାତ୍ର ଭାରତ ଏହି ପ୍ରସଙ୍ଗ ଉଠାଇବାରୁ ଟ୍ରମ୍ପ ଚିହିଁକି ଯାଉଛନ୍ତି। କିଛି ଜାଣି ନ ଥିବା କହି ଏଡ଼ାଇ ଚାଲିଛନ୍ତି। ଏଥିରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୋମୁହାଁ ନୀତି ସ୍ପଷ୍ଟ ବାରି ହୋଇ ପଡୁଛି। ଏଭଳି ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ୨୦୨୪ରେ ରୁଷ୍ ସହ ୟୁରୋପୀୟ ସଂଘର ଦ୍ୱିପାକ୍ଷିକ କାରବାର ୬୭.୫ ବିଲିୟନ ୟୁରୋ ଅର୍ଥାତ୍ ପ୍ରାୟ ୬ ଲକ୍ଷ ୯୦ ହଜାର କୋଟି ଟଙ୍କା ଥିଲା। ୨୦୨୩ରେ ଏହା ୧୭.୨ ବିଲିୟନ ୟୁରୋ ଅର୍ଥାତ୍ ପ୍ରାୟ ୧୭୬ କୋଟି ଟଙ୍କା ରହିଥିଲା। ଏହା ସେହି ବର୍ଷ କିମ୍ବା ତା ପରେ ରୁଷ ସହ ଭାରତ କରିଥିବା ମୋଟ ବ୍ୟବସାୟଠାରୁ ଅଧିକ।

■ ରୁଷଠୁ ଲକ୍ଷ ଲକ୍ଷ କୋଟିର ସାମଗ୍ରୀ କିଣୁଛି ଆମେରିକା, ୟୁରୋପୀୟ ସଂଘ
■ ୨୦୨୪ ରୁଷ ସହ ଇୟୁର କାରବାର ଥିଲା ୬.୯୦ ଲକ୍ଷ କୋଟି

ଇୟୁ ୨୦୨୪ରେ ରୁଷ୍‌ଠାରୁ ରେକର୍ଡ ୧୬.୫ ମିଲିୟନ ଟନ୍‌ର ଏଲଏନଜି ଆମଦାନୀ କରିଥିଲା। ୨୦୨୨ରେ ଏହା ୧୫.୨୧ ମିଲିୟନ ଟନ୍ ଥିଲା। ରୁଷ-ୟୁରୋପ କାରବାର କେବଳ ଶକ୍ତି କ୍ଷେତ୍ରରେ ସୀମିତ ନାହିଁ। ସାର, ଖଣି ଉତ୍ପାଦ, ରାସାୟନିକ, ଲୁହା, ଷ୍ଟିଲ ଏବଂ ଅନ୍ୟ ମେସିନ ଓ ପରିବହନ ସାମଗ୍ରୀ ଉତ୍ପାଦନ କରିଥିଲା ବୋଲି ଭାରତ ପକ୍ଷରୁ କୁହାଯାଇଛି।

୨୦୨୨ରେ ୟୁକ୍ରେନ ଆକ୍ରମଣ କରିବା ପରେ ଇୟୁ ବିପୁଳ ତୈଳ ଏବଂ ଗ୍ୟାସ ରୁଷ୍‌ଠାରୁ କ୍ରୟ କରିଥିଲା। ମାତ୍ର ଏବେ ବି ଏହି ୨୭ ରାଷ୍ଟ୍ର ଗୋଷ୍ଠୀ ଚୁପଚାପ ରୁଷଠୁ ଏହି ସବୁ ଉତ୍ପାଦ କିଣୁଛନ୍ତି। ମାତ୍ର କଟକଣା ଯୋଗୁଁ ଏହି କାରବାର ହ୍ରାସ ପାଇ ଚାଲିଛି। ୨୦୨୨ର ଏବଂ ଚଳିତ ବର୍ଷର ପ୍ରଥମ ତୈମାସିକ ମଧ୍ୟରେ ରୁଷରୁ ଆମଦାନୀ ୮୬ ପ୍ରତିଶତ ହ୍ରାସ ପାଇଛି। ୨୦୨୫ର ପ୍ରଥମ ତୈମାସିକରେ ଇୟୁ ୧.୧୧ ବିଲିୟନ ଡଲାରର ସାମଗ୍ରୀ ଆମଦାନୀ କରିଥିଲା। ୨୦୨୨ ଜାନୁଆରୀରୁ ଏ ପର୍ଯ୍ୟନ୍ତ ଇୟୁ ୨୯୭ ବିଲିୟନ ୟୁରୋର କାରବାର କଲାଣି।

ଅନ୍ୟପଟେ ଚଳିତ ବର୍ଷର ପ୍ରଥମ ୬ ମାସରେ ରୁଷଠାରୁ ଆମେରିକା ୨.୫୦ ବିଲିୟନ ଡଲାରର ସାମଗ୍ରୀ ଆଣିଛି। ୪ ବର୍ଷ ତଳେ ଏହା ୧୪.୧୪ ବିଲିୟନ ଡଲାର ଥିଲା। ୨୦୨୨ ଜାନୁଆରୀରୁ ଏ ପର୍ଯ୍ୟନ୍ତ ଆମେରିକା ରୁଷଠାରୁ ୨୪.୫୨ ବିଲିୟନ ଡଲାରର କାରବାର କଲାଣି। ଗତ ବର୍ଷ ଆମେରିକା ରୁଷରୁ ୧.୨୭ ବିଲିୟନ ଡଲାରର ସାର, ୬୨୪ ନିୟୁତ ଡଲାରର ୟୁରାନିୟମ ଓ ପ୍ଲୁଟୋନିୟମ, ୮୭୮ ନିୟୁତ ଡଲାରର ପାଲାଡିୟମ କାରବାର କରିଥିଲା। ତେବେ ମସ୍କୋ ସହ ଭାରତର କାରବାର ଗତ ବର୍ଷ ୬୫.୭ ବିଲିୟନ ଡଲାରର ଥିଲା।

ଶୁଳ୍କ ଅନିଶ୍ଚିତତା କାରଣରୁ ଆର୍‌ବିଆଇର ନିଷ୍ପତ୍ତି

# ସୁଧ ହାର ଅପରିବର୍ତ୍ତିତ

ମୁମ୍ବାଇ, ୬।୮ (ଏଜେନ୍ସି): ଆମେରିକାର ଶୁଳ୍କ ଧମକ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ସାଧାରଣ ଜନତାକୁ କୌଣସି ଆଶ୍ୱସ୍ତି ଦେଇନାହିଁ। ସୁଧ ହାର (ରେପୋ ରେଟ୍)ରେ କୌଣସି ପରିବର୍ତ୍ତନ କରିନାହିଁ। ଏହାକୁ ପୂର୍ବ ଭଳି ୫.୫ ପ୍ରତିଶତରେ ଅପରିବର୍ତ୍ତିତ ରଖାଯାଇଛି। ଗତ ତିନି ତାରିଖରୁ ଆଜି ପର୍ଯ୍ୟନ୍ତ ଚାଲିଥିବା ଆର୍‌ବିଆଇର ମୁଦ୍ରା ନୀତି କମିଟି (ଏମପିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷ ହେବା ପରେ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ଘୋଷଣା କରିଛନ୍ତି। ଶୁଳ୍କକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ଯୋଗୁଁ କମିଟିର ସଦସ୍ୟମାନେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଅନ୍ୟ ପ୍ରମୁଖ ହାର ଷ୍ଟାଣ୍ଡିଂ ଡିପୋଜିଟ୍ ଫାସିଲିଟି (୫.୨୫%), ମାର୍ଜିନାଲ ଷ୍ଟାଣ୍ଡିଂ ଫାସିଲିଟି ଏବଂ ବ୍ୟାଙ୍କ ରେଟ ୫.୭୫ ପ୍ରତିଶତରେ ସ୍ଥିର ରଖା ଯାଇଥିବା ସେ ସୂଚନା ଦେଇଛନ୍ତି। ରେପୋ ରେଟ ଅପରିବର୍ତ୍ତିତ ରହିଥିବାରୁ ଋଣ ହାର ହ୍ରାସ ପାଇବ ନାହିଁ କି ସୁଧ ହାର ବଢ଼ିବ ନାହିଁ। ଇଏମ୍‌ଆଇ ମଧ୍ୟ ମହଙ୍ଗା ହେବ ନାହିଁ। ଏହା ପୂର୍ବରୁ ଆର୍‌ବିଆଇ ଜୁନ୍‌ରେ ସୁଧହାରକୁ ୦.୫୦ ପ୍ରତିଶତ ହ୍ରାସ କରି ୫.୫ ପ୍ରତିଶତ କରିଥିଲା।



ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ ଅର୍ଥନୀତି' ମନ୍ତବ୍ୟକୁ ନେଇ ଆର୍‌ବିଆଇ ଗଭର୍ଣ୍ଣର କଡ଼ା ଜବାବ ଦେଇଛନ୍ତି। ଭାରତୀୟ ଅର୍ଥନୀତି ବହୁତ ଭଲ କରୁଛି। ବିଶ୍ୱ ବିକାଶକୁ ଆମରିକାଠାରୁ ଢେର ଅଧିକ ଯୋଗଦାନ ଦେଉଛି। ଭାରତ ୧୮ ପ୍ରତିଶତ ଯୋଗଦାନ ଦେଉଥିବାବେଳେ ଆମେରିକାର ମାତ୍ର ୧୧ ପ୍ରତିଶତ ବା ତାହାଠାରୁ କମ୍ ରହିଛି। ଆଗାମୀ ଦିନରେ ବିଶ୍ୱ ବିକାଶକୁ ଭାରତର ଯୋଗଦାନ ମଧ୍ୟ ବଢ଼ିବାକୁ ଯାଉଛି। ମୌସୁମୀ ଋତୁ ଠିକ୍‌ରେ ଚାଲିଥିବାବେଳେ ଆଗକୁ ପାର୍ବଣ ଋତୁ ଆସୁଛି। ଏହା ଭାରତର ଆର୍ଥିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବ। ବିଶ୍ୱସ୍ତରରେ ଆହ୍ୱାନ ସୃଷ୍ଟି ହୋଇଥିଲେ ହେଁ ସରକାର ଏବଂ ଆର୍‌ବିଆଇର ନୀତି ଭାରତୀୟ ଅର୍ଥବ୍ୟବସ୍ଥାକୁ ଭଲ ସଙ୍କେତ ଦେଉଛି। ଭୂ-ରାଜନୈତିକ ସ୍ଥିତିରେ ଲାଗିଥିବା ଅନିଶ୍ଚିତତା ମଧ୍ୟ ସାମାନ୍ୟ ହ୍ରାସ ପାଇଛି। ତେଣୁ ଜିଡିପି ଅଭିବୃଦ୍ଧି ହାର ଚଳିତ ଆର୍ଥିକ ବର୍ଷରେ ୬.୫ ପ୍ରତିଶତ ରହିବ


■ ଟ୍ରମ୍ପଙ୍କ 'ମୃତ ଅର୍ଥନୀତି'କୁ ମାଲହୋତ୍ରାଙ୍କ ଜବାବ
■ ବିଶ୍ୱ ବିକାଶରେ ଭାରତର ଯୋଗଦାନ ଆମେରିକାଠୁ ଅଧିକ
■ ମାଗଣା ହେବନାହିଁ ୟୁପିଆଇ ସେବା

ବୋଲି ସେ କହିଛନ୍ତି। ସେହିପରି ନିକଟରେ ଟ୍ରମ୍ପ ଘୋଷଣା କରିଥିବା ଶୁଳ୍କ,ବେପାରକୁ ନେଇ ଚାଲିଥିବା ମୂଳଚାଲ, ଦୀର୍ଘଦିନ ଧରି ଚାଲିଥିବା ଭୂରାଜନୈତିକ ଉତ୍ତେଜନା, ବିଶ୍ୱ ଆର୍ଥିକ ବଜାରରେ ଲାଗି ରହିଥିବା ଅସ୍ଥିରତା ଆଦି ଘଟଣା ଭାରତୀୟ ଅର୍ଥନୀତିର ଅଗ୍ରଗତିକୁ ପ୍ରଭାବିତ କରିପାରେ ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି। ଏହା ସତ୍ତ୍ୱେ ଭାରତର ଘରୋଇ ଅର୍ଥନୀତି ମଜବୁତ ହେବାରେ ଲାଗିଛି।

ଆଗାମୀ ଦିନରେ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ସେବା ଉପରେ ଦେୟ ଦେବାକୁ ପଡ଼ିପାରେ ବୋଲି ଆର୍‌ବିଆଇ ଗଭର୍ଣ୍ଣର ସୂଚନା ଦେଇଛନ୍ତି। ଏହି ବ୍ୟବସ୍ଥା ଚଳାଇବାକୁ ଖର୍ଚ୍ଚ ହେଉଛି। ତେଣୁ ଏହି ଖର୍ଚ୍ଚ କାହାକୁ ନା କାହାକୁ ତ ଉଠାଇବାକୁ ପଡ଼ିବ। ୟୁପିଆଇ ସବୁବେଳ ପାଇଁ ମାଗଣା ରହିବା କଥା କେବେ କହିନାହାନ୍ତି ବୋଲି ମାଲହୋତ୍ରା ଉଲ୍ଲେଖ କରିଛନ୍ତି। ଏହି ବ୍ୟବସ୍ଥାକୁ ସ୍ଥାୟୀ କରିବାକୁ ହେବ। ସରକାର ହୁଅନ୍ତୁ ଅବା ବ୍ୟାଙ୍କ କିମ୍ବା ବ୍ୟବସାୟୀ ଆଉ ଯିଏ ବି ଦେୟ ପୈଠ କଲେ କୌଣସି ଫରକ ପଡେ ନାହିଁ। ସେବାର ଖର୍ଚ୍ଚ ବହନ ନ କଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାକୁ ଚଲାଇ ହେବ ନାହିଁ।

# କେନଷ୍ଟାରର 'ନୋ ଫୋନ ଆୱାର' ଅଭିଯାନ

ଭୁବନେଶ୍ୱର, ୬।୮ (ଏଜେନ୍ସି): ସ୍ୱାଧୀନତା ଦିବସ (୭୮ତମ)ରେ ଭାରତର ଅଗ୍ରଣୀ ଘରୋଇ ଉପକରଣ ବ୍ରାଣ୍ଡ କେନଷ୍ଟାର ଲୋକଙ୍କୁ ସଚେତନ କରାଇବା ପାଇଁ 'ନୋ ଫୋନ ଆୱାର' ଅଭିଯାନ ଆରମ୍ଭ କରିଛି। ଏହା ଅଧିନରେ ଲୋକଙ୍କୁ ସଚେତନ କରାଯିବ। ସମସ୍ତ ନାଗରିକଙ୍କୁ ଅଗଷ୍ଟ ୧୫ ତାରିଖ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ନିଜର ଫୋନ ଏକ ଘଣ୍ଟା ପାଇଁ ସ୍ୱିଚ ଅଫ କରିବାକୁ ଅନୁରୋଧ କରାଯିବ। ଏହା ବଦଳରେ ସାଙ୍ଗସାଥୀ, ପରିବାର ତଥା ଅତି ଆଦର କରୁଥିବା ମଣିଷଙ୍କ ସହ ସମୟ ବିତାଇବାକୁ କୁହାଯିବ। ଏହି ଅଭିଯାନ ଜରିଆରେ କେନଷ୍ଟାର ସମସ୍ତ ଭାରତୀୟଙ୍କୁ ସମଗ୍ର ପୃଥିବୀରେ ରହିଥିବା ଡ଼ିଜିଟାଲ ପ୍ରତିବନ୍ଧକ ଠାରୁ ନିଜକୁ ଦୂରେଇ ରଖି ନିଜର ସ୍ୱାଧୀନତାକୁ ପୁନରୁଦ୍ଧାର କରିବେ। ଏହାକୁ ନେଇ କେନଷ୍ଟାରର ସିଇଓ ସୁନୀଲ ଜୈନ କହିଛନ୍ତି ଯେ ସ୍ୱାଧୀନତା ଅବସରରେ ଲୋକଙ୍କୁ ନିଜର ମୂଳ ଭାବନା ସହ ଯୋଡିବା ପାଇଁ ଏହି ପ୍ରୟାସ କରାଯାଉଛି। ଭର୍ଚୁଆଲ ଦୁନିଆରୁ ନିଜକୁ ଦୂରେଇ ରଖି ପ୍ରକୃତ ସଂଯୋଗକୁ ଏକଘଣ୍ଟା ପର୍ଯ୍ୟନ୍ତ ଧରି ରଖିବା ପାଇଁ ଏହି ବିଶେଷ ପ୍ରୟାସ। ଏଥିରେ ସାମିଲ ହେବା ପାଇଁ କେନଷ୍ଟାର ୱେବସାଇଟକୁ ଯାଇ ଡିଜିଟାଲ ଶପଥ ପତ୍ରରେ ଲୋକେ ସ୍ୱାକ୍ଷର କରିପାରିବେ।




# ମହିଳା ସଶକ୍ତୀକରଣ ପାଇଁ ଜିନ୍ଦଲ ଫାଉଣ୍ଡେସନର 'ୟଶସ୍ୱୀ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୮ (ଏଜେନ୍ସି): ସାମାଜିକ-ଅର୍ଥନୈତିକ ଦୁର୍ବଳ ବର୍ଗର ବାଳିକା ଓ ମହିଳାଙ୍କ ସଶକ୍ତୀକରଣ ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ୟଶସ୍ୱୀ' କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ଆରମ୍ଭ ହୋଇଛି। ଏହି ସଂସ୍କରଣରେ ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ୫୦୦୦ ମହିଳା ଓ ବାଳିକାଙ୍କୁ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ମାଧ୍ୟମରେ ମନୋନୀତ ପ୍ରାର୍ଥୀଙ୍କୁ ସେମାନେ ଚୟନ କରିଥିବା ଶିକ୍ଷାନୁଷ୍ଠାନରେ ଧନ୍ଦାମୂଳକ ଶିକ୍ଷା, ଉଚ୍ଚଶିକ୍ଷା ଓ ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏ ସମ୍ପର୍କରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ସଶକ୍ତ ମହିଳା ହିଁ ଏକ ବିକଶିତ ସମାଜର ମେରୁଦଣ୍ଡ । ଯେଉଁ ଯୁବତୀମାନେ ସମାଜରେ କିଛି ପରିବର୍ତ୍ତନ ଆଣିବାର ଦକ୍ଷତା ରଖିଛନ୍ତି ଆମେ 'ୟଶସ୍ୱୀ' କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ଉତ୍ତମ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛୁ। ଏହି କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଶିକ୍ଷା ଓ ଦକ୍ଷତା ତାଲିମ ଦ୍ୱାରା ୧୧ହଜାରରୁ ଅଧିକ ମହିଳା ଓ ବାଳିକାଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆସିଥିବାରୁ ଆମେ ବହୁତ ଖୁସି। ଚଳିତ ବର୍ଷ ଶିକ୍ଷା ଓ ଦକ୍ଷତା ବିକାଶ ଦ୍ୱାରା ଆମେ ଅଧିକ ମହିଳା ଓ ବାଳିକାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛୁ"।



ଏହି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡର ଯେଉଁ ପ୍ରତିଭାବାନ ବାଳିକା ବା ମହିଳାଙ୍କ ବୟସ ୧୬-୩୦ରୁ ହୋଇଥିବ ଏବଂ ସେମାନଙ୍କ ପାରିବାରିକ ବାର୍ଷିକ ଆୟ ୨ଲକ୍ଷରୁ କମ ହୋଇଥିବ, ସେମାନଙ୍କୁ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦିଆଯିବ। ଏହି ଆର୍ଥିକ ସହାୟତାରୁ ସେମାନଙ୍କ କୋର୍ସ ଫି ଖର୍ଚ୍ଚ ଭରଣା ହେବା ସହିତ ସେମାନଙ୍କ ଜୀବନର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଲକ୍ଷ୍ୟ ପୂରଣ ହୋଇପାରିବ। ମେଧା ଓ ଆର୍ଥିକ ପରିସ୍ଥିତି ଆଧାରରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରାର୍ଥୀଙ୍କୁ ଚୟନ କରାଯିବ। ଏହା ସହିତ ଶିକ୍ଷାନୁଷ୍ଠାନ ବା ଦକ୍ଷତା ବିକାଶ କେନ୍ଦ୍ରରେ ନାମଲେଖାର ପ୍ରମାଣପତ୍ର ମଧ୍ୟ ଜରୁରୀ। ଆଗ୍ରହୀ ପ୍ରାର୍ଥୀ ଅଗଷ୍ଟ ୧୬ ତାରିଖ ସୁଦ୍ଧା ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ କରିପାରିବେ। ୱେବସାଇଟରେ ସମସ୍ତ ତଥ୍ୟ ମିଳିପାରିବ।

# କର୍ତ୍ତବ୍ୟ ଭବନ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୬।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର କର୍ତ୍ତବ୍ୟ ପଥରେ କର୍ତ୍ତବ୍ୟ ଭବନ-୦୩ ସୌଧର ଉଦ୍‌ଘାଟନ କରିଛନ୍ତି। ମୋଦୀ ଏହାକୁ ଜନସେବା ପ୍ରତି ଅତୁଟ ସଂକଳ୍ପ ଓ ନିରନ୍ତର ପ୍ରୟାସର ପ୍ରତୀକ ବୋଲି କହିଛନ୍ତି। ଏହି ନୂଆ ଭିତ୍ତିଭୂମି ଦ୍ୱାରା ବର୍ଷକୁ ସରକାରଙ୍କ ୧୫୦୦ କୋଟି ଟଙ୍କା ସଞ୍ଚୟ କରିବ। ଅନେକ ମନ୍ତ୍ରାଳୟ ଭଡ଼ା କୋଠାରେ ଚାଲୁଛି। ତେଣୁ ଭଡ଼ା ବାବଦକୁ ଏହି ଅର୍ଥ ଦିଆଯାଉଛି। ମୋଦୀ ଏହି ଭବନ ମଧ୍ୟରେ ଚାରା ରୋପଣ ମଧ୍ୟ କରିଛନ୍ତି। ୨୦୧୯ରେ ଆରମ୍ଭ ହୋଇଥିବା ସେଣ୍ଟ୍ରାଲ ଭିଷ୍ଟାର ପ୍ରକଳ୍ପର ଏହା ଅଂଶବିଶେଷ। କମନ ସେଣ୍ଟ୍ରାଲ ସେକ୍ରେଟାରୀଏଟ୍ (ସିଏସ୍‌ଏସ୍)ର ୧୦ଟି ସୌଧ ମଧ୍ୟରୁ ଏହା ପ୍ରଥମ। କର୍ତ୍ତବ୍ୟ ଭବନ-୦୩କୁ ପ୍ରଥମେ ଉଦ୍‌ଘାଟନ କରାଯାଇଥିଲା। ଦିଲ୍ଲୀର ଭିନ୍ନ ଭିନ୍ନ ସ୍ଥାନରେ ରହିଥିବା ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡିକ ଏକାଠି କରି ଏଗୁଡିକ

**୭ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସମେତ ୨୪ କନଫରେନ୍ସ ରୁମ୍ ରହିଛି**

ମଧ୍ୟରେ ଉନ୍ନତ ସମନ୍ୱୟ ରକ୍ଷା କରିଯିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏହାର ଡିଜାଇନ୍ କରାଯାଇଛି। ୧.୫ ଲକ୍ଷ ବର୍ଗ କିମି ପରିମିତ ସ୍ଥାନରେ ଏହା ନିର୍ମିତ ହୋଇଛି। ଏହି ଅତ୍ୟାଧୁନିକ କୋଠାରେ ଗ୍ରାଉଣ୍ଡ ଫ୍ଲୋର ସମେତ ମୋଟି ୭ଟି ଫ୍ଲୋର ରହିଛି। ଏହି ଅତ୍ୟାଧୁନିକ ସୌଧରେ ଗୃହ ମନ୍ତ୍ରଣାଳୟ, ବିଦେଶ ମନ୍ତ୍ରଣାଳୟ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ, କାର୍ମିକ ଓ ପ୍ରଶାସନ ବିଭାଗ (ଡିଓପିଟି), ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସମେତ ପ୍ରଧାନ ବୈଜ୍ଞାନିକ ଉପଦେଷ୍ଟା ଓ ଇଣ୍ଟେଲିଜେନ୍ସ ବ୍ୟୁରୋର କାର୍ଯ୍ୟାଳୟ ରହିଛି। ଏହି ସୌଧରେ ୨୪ଟି କନଫରେନ୍ସ ରୁମ୍ ରହିଛି ଓ ଏଥିରେ ୪୫ଜଣ ବସିବାର ସୁବିଧା ରହିଛି। ଏଠାରେ ୬୦୦ଟି କାର ପାର୍କିଂ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ଏଥିରେ ଶିଶୁ ଗୃହ, ଯୋଗ ରୁମ୍, ମେଡିକାଲ ରୁମ୍, କାଫେ, କିଚେନ ଓ ହଲ୍ ରହିଛି।

# ଅରୁନ୍ଧତୀ ଜୁଏଲର୍ସ ସମ୍ମାନିତ




ଭୁବନେଶ୍ୱର, ୬।୮ (ଏଜେନ୍ସି): ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ଜାତୀୟ ସ୍ତରରେ ଗୌରବବର୍ଦ୍ଧନ କରୁଥିବା ଓଡ଼ିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସକୁ ଡି ବିର୍ସ ଡାଏମଣ୍ଡ ଏବଂ 'ଜେମ ଆଣ୍ଡ ଜ୍ୱେଏଲାରୀ ଏକ୍ସପୋର୍ଟ ପ୍ରମୋସନ କାଉନସିଲ ଅଫ ଇଣ୍ଡିଆ' ଦ୍ୱାରା ମୁମ୍ବାଇ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶାର ଏକମାତ୍ର ନ୍ୟାଚୁରାଲ ଡାଏମଣ୍ଡ ଜୁଏଲାରୀ ରିଟେଲର ଭାବେ ସମ୍ମାନିତ କରାଯାଇଛି। ଦୀର୍ଘ ୨୫ ବର୍ଷ ଧରି ନିରନ୍ତର ସେବା ଯୋଗାଇ ଆସୁଥିବା ଅରୁନ୍ଧତୀ ଜୁଏଲର୍ସ, ଏହି କ୍ରମରେ ହୀରାଗହଣା କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ଶୁଦ୍ଧତାଭରା ହୀରା ଯୋଗାଇ ଦେବା ସହ ସାରା ରାଜ୍ୟରେ ଅରୁନ୍ଧତୀର ସମସ୍ତ ଶାଖାରେ ପ୍ରଥମ ଥର ପାଇଁ ନ୍ୟାଚୁରାଲ ଡାଏମଣ୍ଡ ଟେଷ୍ଟିଂ ମେସିନ ଉପଲବ୍ଧ କରାଇଛି। ଏହା ମାଧ୍ୟମରେ ଗ୍ରାହକ ପ୍ରକୃତ ହୀରା ବିଷୟରେ ଜାଣି ପାରିବେ। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ପ୍ରତିଟି ଓଡ଼ିଆ ଉପଭୋକ୍ତା ଅରୁନ୍ଧତୀକୁ ନିଜ ହୃଦୟରେ ସ୍ଥାନ ଦେଇ ଏଭଳି ସମ୍ମାନର ଅଧିକାରୀ କରାଇଥିବାରୁ ସମଗ୍ର ଓଡ଼ିଶାବାସୀଙ୍କୁ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ରାଜ୍ୟ ଖବର

■ ଅପହୃତ ନାବାଳିକାଙ୍କୁ ଉଦ୍ଧାର ପାଇଁ ପୁଲିସ ଲାଞ୍ଚ ମାଗିବା ଅଭିଯୋଗ

# ଭଦ୍ରକ ଏସ୍‌ପି ଓ ଧାମନଗର ଆଇଆଇସିଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ


କଟକ,୬।୮(ସମିସ): ଜନୈକା ଅପହୃତ ନାବାଳିକା ଝିଅକୁ ଉଦ୍ଧାର କରିବା ପାଇଁ ସମ୍ପୃକ୍ତ ନାବାଳିକାଙ୍କ ପିତାଙ୍କୁ ପୁଲିସ ଟଙ୍କା ଦାବି କରିଥିବା ଭଳି ସଙ୍ଗୀନ ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଯଦି ଏପରି ଅଭିଯୋଗ ସତ୍ୟ, ତେବେ ଏହା ସମଗ୍ର ପୁଲିସ ପ୍ରଶାସନ ଉପରେ କଳଙ୍କ ଲଗାଇବା ଭଳି ଅଧିକାରୀଙ୍କ ନିରପେକ୍ଷତା ଉପରେ ସନ୍ଦେହ ସୃଷ୍ଟି କରେ ବୋଲି ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଏପରି ଅଭିଯୋଗକୁ ଦୃଷ୍ଟି ରଖି ଭଦ୍ରକ ଜିଲ୍ଲା ଏସ୍‌ପି, ଧାମନଗର ଥାନା ଆଇଆଇସି ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସମ୍ପୃକ୍ତ ଅପହୃତ ନାବାଳିକାଙ୍କ ପିତାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ପ୍ରକାଶଥାଉକି, ଗତ ୨୦୨୫ ଜୁନ୍ ୧୮ରେ ଅପହରଣ ହୋଇଥିବା ନାବାଳିକା ଝିଅକୁ ଉଦ୍ଧାର ପାଇଁ ପିତାଙ୍କ ପକ୍ଷରୁ ଏକ ଫୌଜଦାରୀ ରିଟ୍ ଆବେଦନ ରୁଜୁ ହୋଇଥିଲା। ଗତ ଶୁଣାଣିରେ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ ବିଷୟରେ କୋର୍ଟକୁ ଅବଗତ କରିଥିଲେ। ଅଦାଲତ ମଧ୍ୟ ପୁଲିସକୁ ନାବାଳିକା ପୀଡ଼ିତାକୁ ଖୋଜିବାରେ କୌଣସି କସରତ ନ ଛାଡିବାକୁ କହିଥିଲେ। ହେଲେ ମାମଲା ଶୁଣାଣି ବେଳେ ପୁଲିସ ନାବାଳିକାଙ୍କୁ ଠାବ କରିସାରିଛନ୍ତି ହେଲେ ଉଦ୍ଧାର କରିବା ପାଇଁ ଆବେଦନକାରୀଙ୍କଠାରୁ ଟଙ୍କା ଦାବି କରିଥିବା ଅଭିଯୋଗ ଆଣିଥିଲେ ଆବେଦନକାରୀଙ୍କ ଆଇନଜୀବୀ। ଟଙ୍କା ନ ଦେଲେ ଉଦ୍ଧାର ଓ ତଦନ୍ତର ଗତିକୁ ମନ୍ଥର କରାଯିବ ବୋଲି ପୁଲିସ ପକ୍ଷରୁ ଆବେଦନକାରୀଙ୍କୁ ଚେତାବନୀ ଦିଆଯାଇଥିଲା। ପୁଲିସ ବିଭାଗ ବିରୁଦ୍ଧରେ ଏପରି ଅଭିଯୋଗ ପାଇଁ ଅଦାଲତ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୧କୁ ଧାର୍ଯ୍ୟ ହୋଇଛି।

■ ଆମପାଣି ଆବାସିକ ସ୍କୁଲ ନାଁରେ ସାଙ୍ଘାତିକ ଅଭିଯୋଗ

# ଅସୁସ୍ଥ ଛାତ୍ରକୁ ଓପାସରେ ରଖିଲେ ଶିକ୍ଷକ

କୋକସରା,୬।୮(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣିସ୍ଥିତ ଆବାସିକ ବିଦ୍ୟାଳୟ ନାଁରେ ଜଣେ ଅଭିଭାବକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ଛାତ୍ର ମଙ୍ଗଳବାର ରାତିରୁ ଅସୁସ୍ଥତା ଅନୁଭବ କରିବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହେଲେ ଛାତ୍ରଙ୍କ ଘର ଲୋକଙ୍କୁ ଜଣାଇବା ସହ ମେଡିକାଲ ନେବା ବଦଳରେ ଦାୟିତ୍ୱରେ ଥିବା ଶିକ୍ଷକ ଧମକ ଦେଇ ଓପାରେ ରଖିଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ଛାତ୍ରଙ୍କ ଅଭିଭାବକ କୋକସରା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମତେ ଛାତ୍ର ଅରୁଣ ବିଷି ଆମପାଣି ଆଶ୍ରମ ସ୍କୁଲର ଅନ୍ତେବାସୀ ଛାତ୍ର ଅଟନ୍ତି। ସେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରି ଆସୁଛନ୍ତି। ତାଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଜ୍ୱର ହେବା ଓ ସ୍ୱାସ୍ଥ୍ୟ ଭଲ ନଥିବା କଥା ଦାୟିତ୍ୱରେ ଥିବା ଶିକ୍ଷକ ପ୍ରହ୍ଲାଦ ସାହୁଙ୍କୁ ଜଣାଇ ଥିଲେ। କିନ୍ତୁ ଶିକ୍ଷକ ଜଣକ ମେଡିକାଲ ନେବା ପରିବର୍ତ୍ତେ



ରାତିରେ ହିଁ ବାହାରି ଯିବାକୁ ଛାତ୍ରକୁ ଧମକ ଦେବା ସହିତ ଉପାସରେ ରଖିଥିବା ଅଭିଯୋଗ ହୋଇଛି। ଛାତ୍ର ଜଣକଙ୍କ ସକାଳୁ ଜଣେ ସେବକଙ୍କ ଫୋନ୍ ମାଗି ଘରକୁ ଯୋଗାଯୋଗ କରି ଉକ୍ତ ବିଷୟରେ ଅବଗତ କରିଥିଲେ। ଏହାପରେ ଛାତ୍ରଙ୍କ ବିଧବା ମା' ଭବାନୀ ବିଶି ତାଙ୍କୁ ଆଣିବାକୁ ଯାଇ ପୁଅର ସ୍ୱାସ୍ଥ୍ୟବସ୍ଥା ଓ ଉପାସରେ ରହିବା କଥା ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁଙ୍କୁ ଜଣେଇଥିଲେ। ହେଲେ ପ୍ରଧାନଶିକ୍ଷକ ଜଣକ ରାଗ ତମ ତମ୍ ହୋଇ ଅଭିଭାବିକା ଜଣକୁ ଅସଭ୍ୟ ବ୍ୟବହାର ଦେଇ ଘଉଡ଼ାଇ ଦେଇଥିବା ଅଭିଭାବିକା ଜଣକ ଅଭିଯୋଗ କରିଛନ୍ତି। ଏନେଇ ଅଭିଭାବିକା ଜଣକ କୋକସରା ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏହାପରେ ବିଡ଼ିଓ ସିମାଞ୍ଚଳ ମାଝୀ ବିଭାଗୀୟ ଅଧିକାରୀଙ୍କୁ ଜଣେଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିବା ଜଣାପଡିଛି ଏ ବିଷୟରେ କୋକସରା ବିଇଓଙ୍କୁ ଅବଗତ କରିବାରୁ ଡବ୍ଲ୍ୟୁଇଓ ଏବଂ ଡିଡବ୍ଲ୍ୟୁଙ୍କୁ ଅବଗତ କରାଇବା ସହ ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ରିସିଭ୍ ନକରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ରେକର୍ଡସ୍ତରରେ ସୁନା ମୂଲ୍ୟ

ଭୁବନେଶ୍ୱର,୬।୮(ସମିସ): ସୁନା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହା ବୁଧବାର ସର୍ବକାଳୀନ ସ୍ତରରେ ପହଞ୍ଚି ଯାଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୭୬ ଟଙ୍କା ବୃଦ୍ଧି ପାଇ ୧,୦୦,୪୫୨ ଟଙ୍କାରେ ପହଞ୍ଚିଯାଇଛି। ପୂର୍ବରୁ ସୁନା ମୂଲ୍ୟ ୧,୦୦,୦୭୬ ଟଙ୍କା ଥିଲା। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ୨୪,୫୧୦ ଟଙ୍କା ମହଙ୍ଗା ହେଲାଣି। ସେହିପରି ରୁପା ମୂଲ୍ୟ କେଜି ପିଛା ୧,୦୬୩ ଟଙ୍କା ବୃଦ୍ଧି ପାଇ ୧,୧୩,୪୮୫ ଟଙ୍କା ହୋଇଛି। ପୂର୍ବରୁ ରୁପା ୧,୧୨,୪୨୨ ଟଙ୍କା ଥିଲା। ଭୁବନେଶ୍ୱରରେ ଆଜି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୯୩ ହଜାର ୮୦୦ ଟଙ୍କା ରହିଛି।

# ୨୧ ଇନ୍ସପେକ୍ଟର, ୩ ଏଏସ୍‌ଆଇଙ୍କ ବଦଳି

କଟକ,୬।୮(ସମିସ): ଖାଲି ପଦବୀ, ପ୍ରଶାସନିକ ଆବଶ୍ୟକତା, ବ୍ୟକ୍ତିଗତ ପ୍ରତିନିଧିତ୍ୱ ଏବଂ ସରକାରୀ ସେବାର ଆଗ୍ରହକୁ ଦୃଷ୍ଟିରେ ରଖି ଆଜି ୨୧ ପୁଲିସ ଇନ୍ସପେକ୍ଟର ଓ ୩ ଏଏସଆଇଙ୍କୁ ବିଭିନ୍ନ ଜିଲ୍ଲା ଓ ପ୍ରତିଷ୍ଠାନକୁ ବଦଳି କରାଯାଇଛି। ଏହିକ୍ରମରେ ଇନ୍ସପେକ୍ଟର ଶେଷଦେବ ଭୋଇ, ସୁଶାନ୍ତ ବେହେରା, ସୁଦୀପ କୁମାର ମହାପାତ୍ର, ବିଜୟ ସାହୁ, କୃପା ବାଗ, ବାଲୁଙ୍କେଶ୍ୱର ନାୟକ, ରଶ୍ମୀ ରଂଜନ ପ୍ରଧାନ, ହେମନ୍ତ କୁମାର ମାଝୀ, ଅରବିନ୍ଦ ଶରଣ ମହାନ୍ତି, ସଂଘମିତ୍ରା ମହାନ୍ତି, ରାଗୁଡା ବିଜୟ କୁମାର, ସରୋଜକାନ୍ତ ସାମଲ, ଶେଷଦେବ ବେହେରା, ସରୋଜ କୁମାର ନାୟକ, ସୁନୀଲ କୁମାର ସୋରେନ, ଅରୁଣ ବଳିଆରସିଂହ, ବୀରବର ଭଗତ, ପ୍ରଶାନ୍ତ ଭୂପତି, ବିଜୟ କୁମାର ବେକ୍, ପ୍ରଦୀପ୍ତ କୁମାର କାନୁନ୍‌ଗୋ ଓ ନିରୋଜ କୁମାର ସାମଲଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ସେହିଭଳି ଏଏସ୍‌ଆଇ ମହେନ୍ଦ୍ର ତାଣ୍ଡି, ଜିତେନ୍ଦ୍ର ସାମଲ ଓ ମିରଜା ମୋଇନ ବାଗଙ୍କୁ ମଧ୍ୟ ବଦଳି କରାଯାଇଥିବା ନେଇ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

ସାକ୍ଷାତକାର

# “କଳାକାର ପାଇଁ ପ୍ରତ୍ୟେକଟି ଚରିତ୍ର ଗୁରୁତ୍ୱପୂର୍ଣ୍ଣ”

## ଲିଲି ନାୟକ



**ରଙ୍ଗିନ ଦୁନିଆକୁ କେମିତି ଆସିଲେ?**

● ନାଚିବା ମୋର ଈଶ୍ୱରପ୍ରଦତ୍ତ ଗୁଣ ଥିଲା। ମା’ କହୁଥିଲେ ମାତ୍ର ଚାରିବର୍ଷ ବୟସରୁ ମୁଁ ଟିଭି ଦେଖି ଦେଖି ନାଚିବା ଆରମ୍ଭ କରିଥିଲି। ସେବେଠୁ ମୋ ମା’ ମୋତେ ଷ୍ଟେଜ୍ ପ୍ରୋଗ୍ରାମକୁ ନେଇ ଯାଉଥିଲେ। ସ୍କୁଲସ୍ତରୀୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚରେ ନୃତ୍ୟ ପରିବେଷଣ କରିଛି। ଧୀରେ ଧୀରେ ନୃତ୍ୟ ପ୍ରତି ମୋର ଅହେତୁକ ଦୁର୍ବଳତା ହେଲା। ନୃତ୍ୟ ପାଇଁ ମୁଁ କେବେ ବି ତାଲିମ ନେଇନି। ବାପା ମା’ ଚାହିଁଥିଲେ ମୁଁ ରଙ୍ଗିନ ପରଦାରେ କାମ କରେ। ପରବର୍ତ୍ତୀ ସମୟରେ ଗ୍ଲାମର ଦୁନିଆକୁ ଆସିବା ଲକ୍ଷ୍ୟରେ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା। ବର୍ତ୍ତମାନ ସୁଦ୍ଧା ମୁଁ ୫୦ରୁ ଉର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଛି। ତନ୍ମଧ୍ୟରୁ ‘ଗୁଆଘିଅ’ ଗୀତଟି ମାତ୍ର ୧୧ ଘଣ୍ଟାରେ ୧୦୦ ମିଲିୟନ କ୍ରସ୍ କରିଥିଲା। ‘ଗୁଆ ଘିଅ’ ମ୍ୟୁଜିକ୍ ଭିଡିଓ ପାଇଁ ପୂରା ଟିମ୍‌କୁ ଶ୍ରେୟ ମିଳିଛି।

**ପିଲାଦିନେ ସେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିବା ସହ ଭଲ ନାଚୁଥିଲେ। ଭବିଷ୍ୟତରେ ଭଲ ନୃତ୍ୟଶିଳ୍ପୀ ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ଶିଶୁ କଳାକାର ଭାବେ ସେ ଅଭିନୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପାଠ ପଢ଼ାକୁ ଗୁରୁତ୍ୱ ଦେଇ ସେ ରଙ୍ଗିନ ଦୁନିଆରୁ କିଛି ବର୍ଷ ପାଇଁ ଦୂରେଇ ଯାଇଥିଲେ। ତେବେ ଗ୍ଲାମର ଦୁନିଆରେ ସଫଳତା ହାତେଇବା ନିଶା ତାଙ୍କୁ ଅଧିକ ଦିନ ଅଟକାଇ ପାରିନଥିଲା। ସେ ପୁଣି ମ୍ୟୁଜିକ୍ ଭିଡିଓରୁ କ୍ୟାରିୟର ଆରମ୍ଭ କରିଥିଲେ। ‘ତୁ କିଏ ମୋର’ ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡ଼ିଓ। ସେ ୫୦ରୁ ଉର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ‘ଗୁଆଘିଅ’ ଗୀତ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସୋରର ଲିଲି ନାୟକ। ବଡ଼ ପରଦାରେ ଅଭିନୟ କରିବାକୁ ନିଜକୁ ପ୍ରସ୍ତୁତ କରୁଥିବା ଲିଲିଙ୍କଠାରୁ ଜାଣିବା ତାଙ୍କ ଅଭିନୟ ଯାତ୍ରା ସମ୍ପର୍କରେ।**

**ହିଟ୍ ହୋଇଥିବା ମ୍ୟୁଜିକ୍ ଭିଡିଓ?**

● ‘ଗୁଆ ଘିଅ’, ‘ତୁମୋ ଓଦା ଆଖି’, ‘ରାଣୀ ତୁ’, ‘ବାରମାସୀ’, ‘ସାଙ୍ଗ ହୋ’, ‘ଗୋଟା ପାନ’, ‘ମଦରେ ମଦ ତୁ ସହର’, ‘ଏ କି ରତୁ’, ‘ନୂଆ ନୂଆ ପ୍ରେମ’, ‘ହୃଦୟଟା ତୋ ପାଖେ ରହିଯାଉଛି’, ‘ପ୍ରେମ ଗଳି’, ‘ପ୍ରେମଶିଲଖା’, ‘ତୋ ପ୍ରେମରେ ଦିୱାନ’ ଆଦି ଅନେକ ମ୍ୟୁଜିକ୍ ହିଟ୍ ହୋଇଛି।

**କ୍ୟାମେରାକୁ କେମିତି ସାମ୍ନା କରନ୍ତି?**

● ମଞ୍ଚରେ ଯେତେ ନୃତ୍ୟ ପରିବେଷଣ କଲେ ବି, ଏବେ ଯେଉଁ ପ୍ରୋଜେକ୍ଟରେ କାମ କଲେ, ମୋ ଭିତରେ ଭୟ ଥାଏ। ମୋତେ ପୁଣି ଏକ ନୂଆ କାମ କରିବା ଭଳି ଅନୁଭବ ହୁଏ। ମୁଁ କେବେ ଭାବେନି ମୁଁ ସବୁ ଜାଣିଛି। ତେଣୁ ଭୟ ରହିଲେ ସେ କାମକୁ ସେତିକି ଜୋସ୍‌ରେ କରିବା ଦ୍ୱାରା କାମ ଭଲ ହୁଏ। ଏଥିପାଇଁ ଅଧିକ ପରିଶ୍ରମ ମଧ କରିଥାଏ। ମୁଁ ଭାବେ ଏହି ଭୟ ପ୍ରତ୍ୟେକ କଳାକାରଙ୍କ ଭିତରେ ରହିବା ଦରକାର।

**ପ୍ରଥମ ପାରିଶ୍ରମିକ କ’ଣ କରିଥିଲେ?**

● ସବୁତକ ମୁଁ ମୋ ମା’ଙ୍କୁ ଦେଇଥିଲି।

**ବଡ଼ ପରଦା ପାଇଁ କିଛି ଯୋଜନା ଅଛି କି?**

● ମ୍ୟୁଜିକ୍ ଭିଡିଓ କରିବା ସମୟରେ ମୋତେ ବିଭିନ୍ନ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଛି। ହେଲେ କିଛି ବ୍ୟକ୍ତିଗତ କାରଣ ଯୋଗୁଁ ମୁଁ ଧାରାବାହିକ କରିନି। ତେବେ ଆଗକୁ ବଡ଼ ପରଦାରେ ଭଲ ଚରିତ୍ର ମିଳିଲେ ମୁଁ ନିଶ୍ଚୟ ଅଭିନୟ କରିବି। ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ନିଜକୁ ପ୍ରସ୍ତୁତ କରୁଛି। ଦର୍ପଣ ସାମ୍ନାରେ ସ୍କ୍ରିପ୍ଟ ଦେଖି ସଂଳାପ କହିବା, ନିଜର ଭଏସ୍ ମଡ୍ୟୁଲେସନ କେମିତି ହେବ ଆଦି ଉପରେ କାମ କରୁଛି। ଏଯାବତ୍ କୌଣସି ଥିଏଟର୍ ଯାଇନି।

**ଆପଣଙ୍କ ଡ୍ରିମ୍ ରୋଲ୍?**

● ମୁଁ ଭାବେ ଜଣେ କଳାକାର ପାଇଁ ପ୍ରତ୍ୟେକଟି ସିନ୍ ଗୁରୁତ୍ୱପୂର୍ଣ୍ଣ। ଯେ କୌଣସି ଚରିତ୍ର ମିଳିଲେ ମୁଁ ଏହାକୁ ନିଖୁଣ ଭାବେ ଫୁଟାଇବାକୁ ଚାହିଁବି। ତେବେ ଚ୍ୟାଲେଞ୍ଜିଂ ଚରିତ୍ରକୁ ଗ୍ରହଣ କରିବାକୁ ବିଶେଷ ପ୍ରାଧାନ୍ୟ ଦେବି।

**ଡ୍ୟାନ୍ସକୁ ବାଦ୍ ଦେଲେ, କେଉଁଥିରେ ଆପଣଙ୍କ ରୁଚି ରହିଛି?**

● ଚିତ୍ର ଆଙ୍କେ। ଭଲ ଭଲ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରେ। ମୋ ପସନ୍ଦର ନାୟକ ଓ ନାୟିକାଙ୍କ ଅଭିନୀତ ସିନେମା ଦେଖିବାକୁ ଭଲ ପାଏ।



**ନିଜକୁ କେମିତି ଫିଟ୍ ରଖନ୍ତି?**

● ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର। ସେଥିପାଇଁ ମୁଁ ଯୋଗ, ୱାର୍କଆଉଟ୍, ଡ୍ୟାନ୍ସ କରେ। ■

# ‘ଲଢ଼େଇ’ରେ ଅଭିଲିପ୍ସା



ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ଲଢ଼େଇ’ରେ ଲୋହିତାକ୍ଷଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ଅଭିଲିପ୍ସା। ଅଭିଲିପ୍ସାଙ୍କର ଏହା ହେଉଛି ପ୍ରଥମ ଫିଲ୍ମ। ନିଜର ପ୍ରଥମ ଫିଲ୍ମକୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି। ଏଥିରେ ତାଙ୍କୁ ସୁଯୋଗ କେମିତି ମିଳିଲା ପ୍ରଶ୍ନର ଉତ୍ତରରେ ଅଭିଲିପ୍ସା କୁହନ୍ତି, “ନିର୍ଦ୍ଦେଶକ ଅଶୋକ ପତି ଇନ୍‌ଷ୍ଟାଗ୍ରାମରେ ମୋର କିଛି ରିଲ୍ସ ଓ ମ୍ୟୁଜିକ ଭିଡିଓ ଦେଖିଥିଲେ। ତା’ପରେ ଅଭିନେତା ମନ୍ମୟ ଦେ’ଙ୍କ ଜରିଆରେ ମୋ ସହିତ ଯୋଗାଯୋଗ କରିଥିଲେ। ଏହି ଭୂମିକା ପାଇଁ ମୋତେ ଅଡିସନ୍ ଓ ଲୁକ୍ ଟେଷ୍ଟ ଦେବାକୁ ପଡ଼ିଥିଲା। ଶେଷରେ ମୁଁ ମନୋନୀତ ହୋଇଥିଲି।” ପ୍ରଥମେ ଏହାକୁ ସେ ସହଜରେ ଗ୍ରହଣ କରି ପାରି ନଥିଲେ। ତାଙ୍କ ପାଇଁ ଏହା ବେଶ୍ ଅବିଶ୍ୱସନୀୟ ଥିଲା। ସବୁ କିଛି ଚୂଡ଼ାନ୍ତ ହେବା ପରେ ସେ ନିଜ ଭଉଣୀକୁ ପ୍ରଥମେ ଏହି କଥା ଜଣାଇ ଥିବା କହନ୍ତି। ବାପା ଓ ମା’ଙ୍କ ସମର୍ଥନ ନ ଥିଲେ ସେ ଏତେ ବାଟ ଆସିପାରି ନଥାନ୍ତେ ବୋଲି କହିଛନ୍ତି। ଚଳଚ୍ଚିତ୍ର ପାଇଁ ସମସ୍ତ ଶ୍ରେୟ ସେ ନିର୍ଦ୍ଦେଶକ ଅଶୋକ ପତି ଓ ପ୍ରଯୋଜକ ଦେବାଶିଷ ପଟ୍ଟନାୟକଙ୍କୁ ଦେଇଛନ୍ତି। ଏଥିରେ ଅଭିଲିପ୍ସାଙ୍କୁ ଜଣେ ଗାଉଁଲି ଝିଅର ଚରିତ୍ରରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଚଳଚ୍ଚିତ୍ରରେ ସୁଯୋଗ ମିଳିବା ପୂର୍ବରୁ ଅଭିଲିପ୍ସା ‘ଅଳ୍ପ ଟିକେ ପ୍ରେମ’, ‘ପାଟ ଓଢ଼ଣୀ’, ‘କର୍ଫ୍ୟୁ’, ‘ନିଜଠୁ ନିଜର’ ଓ ‘ଯେବେ ନିଜର କଲା ତୋ ନଜର’ ଆଦି ଅନ୍ୟାନ୍ୟ ମ୍ୟୁଜିକ ଭିଡିଓରେ ଅଭିନୟ କରିଛନ୍ତି। ■

# ‘ସନ୍ଧ୍ୟା’ ଚରିତ୍ରରେ ଲିପି



ଦଶହରାରେ ଆସିବାକୁ ଯାଉଛି ଓଡ଼ିଆ ସିନେମା ‘ଚ୍ୟାଲେଞ୍ଜ’। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ର ଏହା ହେଉଛି ଷଷ୍ଠ ଅବଦାନ। ତେବେ ଦୀର୍ଘଦିନ ବ୍ୟବଧାନ ପରେ ଲିପିଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିବ। ଏହି ସିନେମାରେ ଲିପି ‘ସନ୍ଧ୍ୟା’ ଚରିତ୍ରରେ ନଜର ଆସିବେ। ଜୀବନରେ ଜିତିବା ପାଇଁ କଠିନ ସଂଘର୍ଷ କରୁଥିବ। ଜଣେ ଦୃଢ଼ ନାରୀଭାବେ ଏଥିରେ ତାଙ୍କୁ ଦେଖିବାକୁ ମିଳିବ। ଏହିପରି ଭାବେ ସେ ଏକ ଦମ୍‌ଦାର ଚରିତ୍ରରେ ଦର୍ଶକଙ୍କ ମନ ଜିଣିବେ। ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳି ଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ୍ ନାୟକ। ଅନ୍ୟପକ୍ଷରେ ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ ଭରି ରହିଛି। ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅର୍ଦ୍ଧେନ୍ଦୁ ଓ ଏଲିନା। ■

# ଅଗଷ୍ଟ ୯ରୁ ‘କିଚେନ ହଙ୍ଗାମା’






ଅଗଷ୍ଟ ୯ ତାରିଖରେ ତରଙ୍ଗ ଚ୍ୟାନେଲରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ଶୁଭାରମ୍ଭ ହେବ ନୂଆ ରିଆଲିଟି ଶୋ’ ‘କିଚେନ ହଙ୍ଗାମା’। ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଏହା ପ୍ରସାରିତ ହେବ। ତେବେ ଏହି ଶୋ’ ଅନ୍ୟ ରିଆଲିଟି ଶୋ’ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ କଳାକାର ସେମାନଙ୍କର ଅଭିନୟ କି ନାଚ କିମ୍ବା ଗୀତ ନୁହେଁ, ବରଂ ରୋଷେଇ କଳା କୌଶଳ ଦେଖାଇବେ। ତେଣୁ ଏହି ଶୋ’ରେ ଟେଲିଭିଜନର ଲୋକପ୍ରିୟ କଳାକାରଙ୍କ ମଧ୍ୟରେ ଏକ ଦମ୍‌ଦାର ରୋଷେଇ ପ୍ରତିଯୋଗିତା ଦେଖିବାକୁ ମିଳିବ। ଏଥିରେ ଯୋଡ଼ି ହୋଇ ପ୍ରତ୍ୟେକ କଳାକାର ରୋଷେଇ କରିବେ। ସେହିପରି ଏଥିରେ ବିଚାରକ ଭାବେ ନଜର ଆସିବେ ମାଷ୍ଟର ସେଫ୍ ଅବିନାଶ। ଶୋ’କୁ ସଂଚାଳନ କରିବେ ଚାନ୍ଦିନୀ। କେବଳ ରୋଷେଇ ନୁହେଁ, ନାଚ, ଗୀତ ମାଧ୍ୟମରେ ଏହି ଶୋ’ ଦର୍ଶକଙ୍କର ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି। ■

# ‘ବିନ୍ଦୁସାଗର’ରେ ବଲିଉଡ୍ ପ୍ରଯୋଜକ

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା ‘ବିନ୍ଦୁ ସାଗର’। ବଲିଉଡ୍‌ର ଲୋକପ୍ରିୟ ପ୍ରଯୋଜକ ଶିଳାଦିତ୍ୟ ବୋରା ତାଙ୍କର ପ୍ଲାଟୁନ୍ ୱାନ୍ ଫିଲ୍ମସ ସହିତ ଏହି ଫିଲ୍ମ ମାଧ୍ୟମରେ ଓଡ଼ିଶାରେ ଡେବ୍ୟୁ କରିବେ। ତେବେ ଶିଳାଦିତ୍ୟ ‘ନ୍ୟୁଟନ’, ‘ପିକାସୋ’ ଫିଲ୍ମ ପାଇଁ ସୁପରିଚିତ। ସେ କହିଛନ୍ତି, ଓଡ଼ିଆ ଫିଲ୍ମ ଏବେ ଦର୍ଶକଙ୍କ ପାଇଁ ଚମତ୍କାର ବିଷୟ ବସ୍ତୁ ଉପସ୍ଥାପନ କରିଥିଲେ ବି ଏହା ବିଶ୍ୱବ୍ୟାପୀ ଦର୍ଶକଙ୍କ ପାଖରେ ସମ୍ପୂର୍ଣ୍ଣ ଉନ୍ମୋଚିତ ହୋଇପାରି ନାହିଁ। ତେଣୁ ଖୁବ୍‌ଶୀଘ୍ର ଓଡ଼ିଆ ଚଳଚ୍ଚିତ୍ର ଏକ ନୂଆ ଶିଖରରେ ପହଞ୍ଚିବାକୁ ଯାଉଛି। ଏହି ଫିଲ୍ମ କିଭଳି ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଆକର୍ଷିତ କରିବ, ତାହା ଉପରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ତାଙ୍କ ମତରେ, ଏହି ଫିଲ୍ମ ପୁରାତନ ମୂଲ୍ୟବୋଧକୁ ପ୍ରମାଣିତ କରିବ। ସିନେମାର ନିର୍ଦ୍ଦେଶନାରେ ଅଭିଷେକ ସ୍ୱାଇଁ ଅଛନ୍ତି। ଅନ୍ୟପଟେ ଓଡ଼ିଶା ଓ ଲଣ୍ଡନରେ ସୁଟିଂ ହୋଇଥିବା ଏହି ଫ୍ୟାମିଲି ଡ୍ରାମା ପ୍ରେମ ଓ ପରମ୍ପରାର ଏକ କାହାଣୀ ଉପରେ ପର୍ଯ୍ୟବସିତ। ■



ପରଦା ପଛର କାହାଣୀ

# ଅଧା କେଶ ଓ ନିଶ କାଟି ସେଟ୍‌ରେ ଅଭିନେତା



ବଲିଉଡ୍‌ରେ ଅନେକ କଳାକାର ନିଜର ପ୍ରତିଭା ତଥା କଠିନ ପରିଶ୍ରମ ବଳରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ କିଶୋର କୁମାର। ସେ ଜଣେ ଭଲ ଗାୟକ ଓ ଅଭିନେତା ଭାବେ ପ୍ରସିଦ୍ଧ। ତାଙ୍କର ଅଭିନୟ ଓ ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦିଏ। ୧୯୪୬ ମସିହାରେ ‘ଶିକାରୀ’ ଫିଲ୍ମ ମାଧ୍ୟମରେ ଅଭିନୟ ଜଗତରେ ପାଦ ଥାପିଥିବା କିଶୋର କୁମାର କୌତୁକିଆ ଓ ସ୍ପଷ୍ଟବାଦୀ ଥିଲେ। ତାଙ୍କୁ ନେଇ ଅନେକ ରୋଚକ କଥା ରହିଛି। ତେବେ ନିକଟରେ ତାଙ୍କ ସହ ଜଡ଼ିତ ଏକ ରୋଚକୀୟ ଘଟଣା ସାମ୍ନାକୁ ଆସିଛି। ଥରେ ସେ ପ୍ରଯୋଜକଙ୍କ ଉପରେ ରାଗିଯାଇ, ଅଧା କେଶ ଓ ନିଶ କାଟି ସେଟ୍‌ରେ ପହଞ୍ଚିଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ ତାଙ୍କ ଧର୍ମପତ୍ନୀ ଲୀନା ଚନ୍ଦାବରକର କହିଛନ୍ତି। ତାଙ୍କ କହିବାନୁଯାୟୀ, ଥରେ କିଶୋର କୁମାର କୌଣସି ଏକ ଫିଲ୍ମର ସୁଟିଂ କରୁଥିଲେ। କିନ୍ତୁ ପ୍ରଯୋଜକ ତାଙ୍କୁ ସେଥିରେ ଅଧା ଟଙ୍କା ଦେଇଥିଲେ। ଫିଲ୍ମ ପୂରା ହେଲା ପରେ ସେ କିଶୋରଙ୍କୁ ବାକି ଟଙ୍କା ଦେବା ପାଇଁ କହିଥିଲେ। ଏ କଥାକୁ ନେଇ କିଶୋର ଖୁବ୍ ରାଗି ଯାଇଥିଲେ। ଏହାର ଜବାବ ସେ ନିଜ ଷ୍ଟାଇଲ୍‌ରେ ଦେବାକୁ ସ୍ଥିର କରିଥିଲେ। ତା’ ପରଦିନ ସେ ଅଧା କେଶ ଓ ଅଧା ନିଶ ନିଶ କାଟି ଫିଲ୍ମ ସେଟ୍‌କୁ ପହଞ୍ଚିଥିଲେ। ଏହାର କାରଣ ପଚାରିବାରୁ ସେ କହିଥିଲେ, “ଅଧା ଟଙ୍କା ମିଳିଛି। ତେଣୁ ଗେଟ୍‌ଅପ୍ ମଧ ଅଧା ରହିବ। ଯେତେବେଳେ ପୂରା ଟଙ୍କା ମିଳିବ, ସେତେବେଳେ ପୁରା ଗେଟ୍‌ଅପ୍ ରହିବ।” ■

## ହେବନି ଆରଟିଆଇ ପରିସରଭୁକ୍ତ | ବିସିସିଆଇକୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୬।୮(ଏଜେନ୍ସି): ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇକୁ ବଡ଼ ଆଶ୍ୱସ୍ତି ମିଳିଛି। ବିସିସିଆଇ ରାଇଟ୍ ଟୁ ଇନ୍‌ଫର୍ମେସନ (ଆରଆଇଟି) ପରିସର ଭୁକ୍ତି ହେବ ନାହିଁ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍‌ରେ ସଂଶୋଧନ କରିଛି। ଯେଉଁ କ୍ରୀଡ଼ା ସଂସ୍ଥା ବା ଫେଡେରେସନ ସରକାରୀ ସହାୟତା ନେଉଛନ୍ତି, ସେଗୁଡିକ ଉପରେ କେବଳ ଏହି ବିଧେୟକ ଲାଗୁ ହେବ। ବିସିସିଆଇ କ୍ରୀଡ଼ା ମନ୍ତ୍ରଣାଳୟଠାରୁ କୌଣସି ଅନୁଦାନ ନେଇ ନଥାଏ। ତେଣୁ ବିସିସିଆଇ ପୂର୍ବ ଭଳି ସ୍ୱତନ୍ତ୍ର ହୋଇ ରହିବା ନିଶ୍ଚିତ ହୋଇଛି। ଏଥିସହ ଦୀର୍ଘ ଦିନ ଧରି ଏ ନେଇ ଚାଲିଥିବା ଚର୍ଚ୍ଚାର ଅନ୍ତ ଘଟିଛି। ପୂର୍ବରୁ ମଧ୍ୟ ସରକାର ଏହି ବିଲ୍ ଆଣିବାକୁ ଏକାଧିକ ବାର ପ୍ରୟାସ କରିଥିଲେ। କିନ୍ତୁ ବିଭିନ୍ନ ସଂଗଠନ ବିସିସିଆଇକୁ ଆରଟିଆଇ ପରିସରଭୁକ୍ତ କରିବାକୁ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରିଆସିଛନ୍ତି। କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ଜୁଲାଇ ୨୩ରେ ଲୋକସଭାରେ ନ୍ୟାସନାଲ ସ୍ପୋର୍ଟ୍ସ ବିଲ୍ ଆଗତ କରିଥିଲେ। ଦେଶରେ କ୍ରୀଡ଼ାର ସାମୂହିକ ବିକାଶ ପାଇଁ ଏହି ବିଲ୍‌ର ପ୍ରାସଙ୍ଗିକତା ରହିଛି ବୋଲି ସବୁ ଦଳ ହୃଦୟଙ୍ଗମ କରିଥିଲେ। ଏହି ବିଲ୍ ଅନୁସାରେ ନ୍ୟାସନାଲ ସ୍ପୋର୍ଟ୍ସ ବୋର୍ଡ, ନ୍ୟସାନଲ କ୍ରୀଡ଼ା ନିର୍ବାଚନ ପ୍ୟାନେଲ ଓ ନ୍ୟାସନାଲ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲ ଗଠନ କରାଯିବା ନେଇ ପଦକ୍ଷେପ ନିଆଯିବ। ସଂସଦରେ ଅବଶ୍ୟ ଏହି ବିଲ୍‌କୁ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି (ଜେପିସି)କୁ ପଠାଇବାକୁ ମଧ୍ୟ ଦାବି ହୋଇଥିଲା।

## ଉଷୁରେ ନୂପୁରଙ୍କୁ ସ୍ୱର୍ଣ୍ଣ; ପାୟଲଙ୍କୁ କାଂସ୍ୟ





ଭୁବନେଶ୍ୱର, ୬।୮ (ସମିସ): ଦୁଇ ଓଡ଼ିଆ ଉଷୁ ଖେଳାଳି ନୂପୁର ପଟ୍ଟନାୟକ ଓ ପାୟଲ ପଟ୍ଟନାୟକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଜର୍ଜିଆ ଓପନ୍ ଇଣ୍ଟର ନ୍ୟାସନାଲ ଉଷୁ ଚାମ୍ପିଅନସିପ୍‌ରେ ନୂପୁର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ଉଷୁର ତାଓଲୁ ନାନ୍ ଷ୍ଟାଇଲ୍ ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ଏହି ପ୍ରତିଯୋଗିତାରେ ପାୟଲ ୱିଙ୍ଗ୍ ଚୁନ୍ ଇଭେଣ୍ଟରେ ୩ୟ ହୋଇ କାଂସ୍ୟ ପଦକ ଜିତିଛନ୍ତି।

■ ବିଶ୍ୱ ମିନି ଗଲ୍ଫ ଚାମ୍ପିଅନସିପ୍

## ଭାରତୀୟ ଦଳରେ ବିକାଶ

ଭୁବନେଶ୍ୱର, ୬।୮ (ସମିସ): ଜର୍ମାନୀର ନେହିମ୍ ହଷ୍ଟନ ସହରରେ ଚଳିତ ମାସ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱ ମିନି ଗଲ୍ଫ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ବିକାଶ ଚନ୍ଦ୍ର ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଦେଶ ତଥା ରାଜ୍ୟ ପାଇଁ ପଦକ ଜିତିବା ଲାଗି ବିକାଶ ଆଶାବାଦୀ ରହିଛନ୍ତି। ବିଗତ ୮ ବର୍ଷ ଧରି ବିକାଶ ରାଜ୍ୟରେ ମିନିଗଲ୍ଫ କ୍ରୀଡ଼ାର ପ୍ରଚାର ଓ ପ୍ରସାର ଦିଗରେ କାମ କରିଚାଲିଛନ୍ତି। ସେ ୨୦୦୩ରେ ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୨୪ରେ ଜାତୀୟ ମିନି ଗଲ୍ଫରେ ରୌପ୍ୟ ଓ ୨୦୨୫ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।



### ଜାତୀୟ ଜୁନିଅର ସନ୍ତରଣ ପ୍ରତିଯୋଗିତା

## ଓଡ଼ିଶାର ସାଇ ସ୍ୱରୂପଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଭୁବନେଶ୍ୱର, ୬।୮ (ସମିସ): ଅହମଦାବାଦରେ ଚାଲିଥିବା ଜାତୀୟ ଜୁନିଅର ସନ୍ତରଣ ଚାମ୍ପିଅନସିପ୍‌ରେ ବୁଧବାର ଓଡ଼ିଶାକୁ ଏକ ବଡ଼ ସଫଳତା ମିଳିଛି। ପୁରୁଷ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ସାଇ ସ୍ୱରୂପ ସ୍ୱାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହି ଦୂରତାକୁ ସାଇ ସ୍ୱରୂପ ୨ ମିନିଟ୍ ୩୨.୫୦ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିସହ ଜାତୀୟ ସନ୍ତରଣର କୌଣସି ପ୍ରତିଯୋଗିତାରେ ଓଡ଼ିଶାର ଜଣେ ସନ୍ତରଣକାରୀ ସ୍ୱର୍ଣ୍ଣ ପଦକ ଜିତିବାରେ ଏହା ପ୍ରଥମ ଘଟଣା ହୋଇଛି। ଏହି ସଫଳତା ଲାଗି ସାଇଙ୍କୁ ଓଡ଼ିଶା କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ସାଇ ସ୍ୱରୂପ ଦୁଇ ଦିନ ତଳେ ଏହି ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିଲେ। ସେ ବାଳକ ଗ୍ରୁପ୍-୨ କାଟଗୋରୀର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟକୁ ୩୧.୯୫ ସେକେଣ୍ଡରେ ଶେଷ କରି ୩ୟ ସ୍ଥାନ ହାସଲ କରିଥିଲେ। ଏଥିସହ ଓଡ଼ିଶାର ୨ୟ ପୁରୁଷ ସନ୍ତରଣକାରୀ ଭାବେ ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ତାଙ୍କ ପୂର୍ବରୁ ୧୯୯୧ରେ ରଙ୍କନିଧି ସେଟ୍ ପ୍ରଥମ ଓଡ଼ିଆ ଭାବେ କୋଲକାତାରେ ଅନୁଷ୍ଠିତ ଜାତୀୟ ସନ୍ତରଣର ସବ୍‌ଜୁନିଅର କାଟାଗୋରୀରେ କାଂସ୍ୟ ପଦକ ଜିତିଥିଲେ। ଏବେ ସାଇଙ୍କ ସ୍ୱର୍ଣ୍ଣିମ ସଫଳତା ଜାତୀୟ ସନ୍ତରଣରେ ଓଡ଼ିଶା ପାଇଁ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। କଟକ ବାରଙ୍ଗର ସୁବାସ ଚନ୍ଦ୍ର ସ୍ୱାଇଁ ଓ ରୁନୁ ସ୍ୱାଇଁଙ୍କ ସୁପୁତ୍ର ସାଇ ସ୍ୱରୂପ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ହାଇପର୍‌ଫର୍ମାନ୍ସ ଆକ୍ୱାଟିକ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି।



### ୨୦୨୭ ଦିନିକିଆ ବିଶ୍ୱକପ୍

# କୋହଲି-ରୋହିତଙ୍କୁ ନେଇ ଅନିଶ୍ଚିତତା

ନୂଆଦିଲ୍ଲୀ, ୬।୮ (ଏଜେନ୍ସି):

ଭାରତୀୟ କ୍ରିକେଟ୍‌ର ଦୁଇ ମହାନ ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଟି-୨୦ ଓ ଟେଷ୍ଟ ଫର୍ମାଟ୍‌କୁ ଅଲ୍‌ବିଦା କହିସାରିଛନ୍ତି। ଉଭୟ ଏବେ କେବଳ ଦିନିକିଆ ଫର୍ମାଟ୍ ତଥା ୫୦ ଓଭର କ୍ରିକେଟ୍‌ରେ ଖେଳ ଜାରି ରଖିଛନ୍ତି। ଦିନିକିଆ ଫର୍ମାଟ୍‌ର ପରବର୍ତ୍ତୀ ତଥା ୧୪ତମ ବିଶ୍ୱକପ୍ ୨୦୨୭ରେ ଆଫ୍ରିକା ମହାଦେଶରେ ଖେଳାଯିବ। ଏବେ କୋହଲି ଓ ରୋହିତ୍ ଏହି ବିଶ୍ୱକପ୍‌ରେ ଖେଳିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜାରି ରହିଛି। ଏକ ଜାତୀୟ ଖବର ସରବରାହ ସଂସ୍ଥାକୁ ବିସିସିଆଇର ଜଣେ କର୍ମକର୍ତ୍ତା କହିଛନ୍ତି, 'ବିରାଟ-ରୋହିତଙ୍କ ବୟସ ୨୦୨୭ ମସିହା ବେଳକୁ ପାଖାପାଖି ୪୦ ବର୍ଷ ହୋଇସାରିଥିବ। ତେଣୁ ଏହି ବିଶ୍ୱକପ୍ ଲାଗି ଏକ ସ୍ପଷ୍ଟ ଯୋଜନା କରାଯିବା ଉଚିତ୍। କାରଣ ୧୪ ବର୍ଷ ତଳେ ଆମେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲୁ। ତେଣୁ ଏହି ସମୟ ମଧ୍ୟରେ କିଛି ଯୁବ ଖେଳାଳିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି।' ଏଥିରେ ଆହୁରି ମଧ୍ୟ କୁହାଯାଇଛି, ଏହା ଉପରେ ବିସିସିଆଇ ଖୁବ୍ ଶୀଘ୍ର ଆଲୋଚନା କରିବ। ୨୦୨୭ ବିଶ୍ୱକପ୍ ଲାଗି ଆମ ନିକଟରେ ୨ ବର୍ଷରୁ ଅଧିକ ସମୟ ରହିଛି। ସୀମିତ ଓଭର କ୍ରିକେଟ୍‌ରେ ବିରାଟ ଓ ରୋହିତ୍‌ଙ୍କ ଏକ ବଡ଼ ଅବଦାନ ରହିଛି। ସେମାନେ ପ୍ରାୟ ସବୁକିଛି ହାସଲ କରିସାରିଛନ୍ତି। ତେଣୁ ଆମେ ଭାବୁ ନାହୁଁ ଯେ କେହି ସେମାନଙ୍କ ଉପରେ ଚାପ ପକାଇବ। କିନ୍ତୁ ବିଶ୍ୱକପ୍ ଚକ୍ର ଆରମ୍ଭ ହେବା ପୂର୍ବରୁ ଉଭୟଙ୍କ ସହ ବୃତ୍ତିଗତ ଆଲୋଚନା ହେବା ଉଚିତ୍। ଯେଉଁଥିରେ ଉଭୟ ମାନସିକ ଓ ଶାରୀରିକ ଭାବେ ଫିଟ୍ ରହିଛନ୍ତି କି ନାହିଁ ଦେଖାଯିବ।'



କୋହଲି ଓ ରୋହିତ୍‌ଙ୍କ ପାଇଁ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବା ରାସ୍ତା କଷ୍ଟକର ହୋଇପଡୁଛି। କାହିଁକି ନା ଉଭୟଙ୍କ ଅନୁପସ୍ଥିତିରେ ଯୁବ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଦମ୍‌ଦାର ପ୍ରଦର୍ଶନ କରି ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିଥିଲା। ଏହି ସିରିଜରେ ଭାରତ ସମସ୍ତ ୫ଟି ଯାକ ଟେଷ୍ଟରେ ଲଢ଼େଇ କରିଥିଲା। ଅଧିନାୟକ ଗିଲ୍‌ଙ୍କ ସମେତ ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଋଷଭ ପନ୍ତ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଆକାଶ ଦୀପ୍ ସେମାନଙ୍କ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ବେଶ୍ ପ୍ରଭାବିତ କରିଛନ୍ତି। ତେଣୁ ଏହି ଯୁବ ପିଢ଼ିର ଖେଳାଳି ଏବେ ଟିମ୍ ମ୍ୟାନେଜମେଣ୍ଟର ଆସ୍ଥା ଭାଜନ ହୋଇପାରିଛନ୍ତି। ଯାହା ଫଳରେ କୋହଲି ଓ ରୋହିତ୍‌ଙ୍କ ଭଳି ଦୁଇ ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଟାଣି ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ କୋହଲି ଓ ରୋହିତ୍ ଏହି ଫର୍ମାଟ୍‌ରୁ ଅବସର ନେଇଥିଲେ। ଏହାପରେ ଟେଷ୍ଟରେ ଉଭୟଙ୍କ ପ୍ରଦର୍ଶନ ଆଶାନୁରୂପକ ନ ଥିଲା। ଯେଉଁଥିପାଇଁ ଇଂଲଣ୍ଡ ଗସ୍ତ ପୂର୍ବରୁ ଉଭୟ ଟେଷ୍ଟ ଫର୍ମାଟ୍‌କୁ ମଧ୍ୟ ଅଲ୍‌ବିଦା କରିଥିଲେ। ଏବେ ଉଭୟଙ୍କୁ ମଧ୍ୟ ଦିନିକିଆ ଫର୍ମାଟ୍‌ରୁ ଧିରେ ଧିରେ ଅବ୍ୟାହତି ଦିଆଯିବ ବୋଲି କ୍ରିକେଟ୍ ବିଶେଷଜ୍ଞଙ୍କ ମହଲରେ ଆଲୋଚନା ଚାଲିଛି। ଭାରତ ଏହାର ପରବର୍ତ୍ତୀ ଦିନିକିଆ କ୍ରିକେଟ୍ ସିରିଜ ଅକ୍ଟୋବରରେ ଅଷ୍ଟ୍ରେଲିଆ ଓ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏଥିରେ ଉଭୟଙ୍କ ପ୍ରଦର୍ଶନ କେଉଁଭଳି ରହୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜୁଲାଇର ଶ୍ରେଷ୍ଠ କ୍ରିକେଟର୍ ଦୌଡ଼ରେ ଗିଲ୍

ଦୁବାଇ, ୬।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଜୁଲାଇ ମାସର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର ଦୌଡ଼ରେ ରହିଛନ୍ତି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ଜୁଲାଇ ମାସ ଲାଗି ଶ୍ରେଷ୍ଠ ପୁରୁଷ ଖେଳାଳିଙ୍କ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି। ଏଥିରେ ଗିଲ୍‌ଙ୍କ ବ୍ୟତୀତ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର ୱିଆନ ମଲ୍ଡର ମଧ୍ୟ ପୁରସ୍କାର ଦୌଡ଼ରେ ରହିଛନ୍ତି। ନିକଟରେ ଗିଲ୍ ପ୍ରଥମଥର ଲାଗି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ତାଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିବାରେ ସଫଳ ହୋଇଥିଲା। ଏହି ସିରିଜରେ ଗିଲ୍ ମଧ୍ୟ ବେଶ୍ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ୭୫.୪୦ ହାରରେ ୭୫୪ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୪ ଶତକ ଓ ଗୋଟିଏ ଦ୍ୱିଶତକ ରହିଥିଲା। ଏହି ପ୍ରଦର୍ଶନ ବଳରେ ଗିଲ୍ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ଭାରତୀୟ ଅଧିନାୟକ ହୋଇଥିଲେ। ତାଙ୍କ ପୂର୍ବରୁ ୧୯୭୮ ମସିହାରେ ଗାଭାସ୍କର ଅଧିନାୟକ ଥିବାବେଳେ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ୭୩୨ ରନ କରିଥିଲେ।



ସେହିଭଳି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ମଧ୍ୟ ଭାରତ ବିପକ୍ଷରେ ପ୍ରଥମ ୪ଟି ଟେଷ୍ଟ ଖେଳି ୪୩.୪୦ ହାରରେ ୩୦୪ ରନ କରିଥିଲେ। ସେ ମଧ୍ୟ ୧୭ଟି ୱିକେଟ୍ ନେଇ ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ଯେଉଁଥି ଲାଗି ତାଙ୍କ ନାମକୁ ମଧ୍ୟ ଜୁଲାଇ ମାସର ଶ୍ରେଷ୍ଠ କ୍ରିକେଟର୍ ଭାବେ ବିଚାରକୁ ନିଆଯାଇଛି। ଦକ୍ଷିଣ ଆଫ୍ରିକାର ମଲଡର୍ ଗତ ଜୁଲାଇରେ ଜିମ୍ବାୱେ ବିପକ୍ଷ ଟେଷ୍ଟ ମ୍ୟାଚରେ ଅପରାଜିତ ୩୬୭ ରନର ମାରାଥନ ତ୍ରିଶତକୀୟ ପାଳି ଖେଳିଥିଲେ।

■ ଜୁନିଅର ମହିଳା ହକି

## ମହାରାଷ୍ଟ୍ରଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୬।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି (ଡିଭିଜନ-ଏ)ରେ ଓଡ଼ିଶା ଏହାର ଅନ୍ତିମ ପୁଲ୍ ମ୍ୟାଚରେ ପରାସ୍ତ ହୋଇଛି। ପୁଲ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ବୁଧବାର ୨ୟ ମୁକାବିଲାରେ ମହାରାଷ୍ଟ୍ରକୁ ଭେଟିଥିଲା। ଏହି ମ୍ୟାଚରେ ମହାରାଷ୍ଟ୍ର ପ୍ରଭାବୀ ପ୍ରଦର୍ଶନ କରି ୨-୧ ଗୋଲ୍‌ରେ ଓଡ଼ିଶାକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ଦ୍ୱିତୀୟ କ୍ୱାର୍ଟରରେ ଅଧିନାୟିକା ତନୁଶ୍ରୀ କାଡୁ ଓ ଦୀକ୍ଷା ନୀତୀନ ସିନ୍ଧେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୫୪ତମ ମିନିଟ୍‌ରେ ଦୀପିକା ବରୱା ଗୋଟିଏ ଗୋଲ୍ ଶୁଝାଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଏଥିପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୩-୧ ଗୋଲ୍‌ରେ ଘରୋଇ ଆନ୍ଧ୍ର ପ୍ରଦେଶକୁ ହରାଇଥିଲା। ଓଡ଼ିଶା ଏବେ ୨ ମ୍ୟାଚରୁ ୩ ପଏଣ୍ଟ ପାଇ ପୁଲ୍-ଡି'ରେ ଶୀର୍ଷରେ ରହିଛି। ଗୁରୁବାର ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଅନ୍ତିମ ପୁଲ୍ ମ୍ୟାଚ୍ ଖେଳାଯିବା ପରେ କେଉଁ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବ ତାହା ସ୍ପଷ୍ଟ ହେବ।

### ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ୍

## କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ସିରାଜ

ଦୁବାଇ, ୬।୮ (ଏଜେନ୍ସି): ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ୍‌ରେ ବିରାଟ ଲମ୍ଫ ମାରିଛନ୍ତି। ସେ ଏକାଥରରେ ୧୨ଟି ପାହାଚ ଉପରକୁ ଉଠି ବୋଲିଂ ତାଲିକାର ୧୫ତମ ସ୍ଥାନ ହାସଲ କରିଛନ୍ତି। ଟେଷ୍ଟ ଫର୍ମାଟ୍‌ରେ ସିରାଜଙ୍କ ଏହା କ୍ୟାରିୟର ଶ୍ରେଷ୍ଠ ମାନ୍ୟତା। ଏଥିପୂର୍ବରୁ ଗତବର୍ଷ ଜାନୁଆରୀରେ ସେ ୧୬ତମ ସ୍ଥାନ ଲାଭ କରିଥିଲେ।

ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସିରାଜ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ସିରିଜରେ ମୋଟ୍ ୧୮୫.୨ ଓଭର ବୋଲିଂ କରି ୨୩ଟି ୱିକେଟ୍ ନେଇଥିଲେ। ଯେଉଁଥି ପାଇଁ ର୍‌ୟାଙ୍କିଙ୍ଗ୍‌ରେ ସେ ୨୭ତମ ସ୍ଥାନରୁ ୧୫କୁ ଉଠିଛନ୍ତି। ଇଂଲଣ୍ଡ ବିପକ୍ଷ ନିର୍ଣ୍ଣାୟକ ୫ମ ଟେଷ୍ଟରେ ସିରାଜ ମୋଟ୍ ୯ଟି ୱିକେଟ୍ ନେଇ ଦଳକୁ ରୋମାଞ୍ଚକ ଭାବେ ୬ ରନରେ ଜିତାଇଥିଲେ। ଫଳରେ ଭାରତ ଟେଷ୍ଟ ସିରିଜକୁ ୨-୨ରେ ସମ୍ମାନର ସହ ଡ୍ର ରଖିବାରେ ସଫଳ ହୋଇଥିଲା। ଇଂଲଣ୍ଡର ଗସ୍ ଆଟକିନସନ ମଧ୍ୟ ୨ଟି ସ୍ଥାନ ଉପରକୁ ଉଠିଛନ୍ତି। ସଦ୍ୟ ମାନ୍ୟତାରେ ସେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କ ସହ ମିଳିତ ଭାବେ ୧୦ମ ସ୍ଥାନରେ ରହିଛନ୍ତି। ଟେଷ୍ଟ ବୋଲିଂ ମାନ୍ୟତାରେ ଯଶପ୍ରୀତ୍ ବୁମ୍‌ରା, ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଓ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଯଥାକ୍ରମେ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।



### ଅଗଷ୍ଟ ୧୦ରେ କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ୍ ଟୁର୍

## ବିଶ୍ୱସ୍ତରୀୟ ପଏଣ୍ଟ ଅର୍ଜନ ଲାଗି ଭଲ ସୁଯୋଗ: ସାଗୋ

ଭୁବନେଶ୍ୱର, ୬।୮ (ସମିସ):

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ରବିବାର ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଆଥ୍‌ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଏକଦିବସୀୟ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ୧୫ଟି ଦେଶର ୧୬୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଯେଉଁଥିରେ ଆୟୋଜକ ଭାରତର ୯୭ଜଣ ଓ ଅନ୍ୟ ୬୩ଜଣ ବିଦେଶୀ ରହିଛନ୍ତି। ଏହି ଇଭେଣ୍ଟ କ୍ରୀଡ଼ାବିତ୍‌ଙ୍କୁ ବିଶ୍ୱସ୍ତରୀୟ ପଏଣ୍ଟ ଅର୍ଜନ ଲାଗି ଏକ ଭଲ ସୁଯୋଗ ରହିଛି ବୋଲି ନୂଆଦିଲ୍ଲୀରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଏଫ୍‌ଆଇ ସଭାପତି ବାହାଦୂର ସିଂହ ସାଗୋ କହିଛନ୍ତି।



### ସିଲଭର କିମ୍ବା ଗୋଲ୍ଡ ଲେଭଲ୍ ଆୟୋଜନ ଆଗାମୀ ଲକ୍ଷ୍ୟ: ସଚିନ

ଭାରତରେ ପ୍ରଥମଥର ଲାଗି ୱାର୍ଲ୍ଡ ଆଥ୍‌ଲେଟିକ୍ସର କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତା ଆୟୋଜନ ହେବ। ଏହାର ମୋଟ୍ ପୁରସ୍କାର ରାଶି ୨୫ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୪ ଲକ୍ଷ ଟଙ୍କା) ରଖାଯାଇଛି। ଅଢ଼େଇ ଘଣ୍ଟାର ସମୟ ଅବଧି ମଧ୍ୟରେ ୧୯ ଗୋଟି ଇଭେଣ୍ଟ ଆୟୋଜିତ ହେବ। ଭାରତ ପରେ ନେପାଳରୁ ସର୍ବାଧିକ ୧୩ଜଣ, ଶ୍ରୀଲଙ୍କାର ୧୦ଜଣ, ମାଲେସିଆର ୯ଜଣ, ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନରୁ ୪ଜଣ ଲେଖାଏ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିବେ। 'ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ଲାଗି ଓଡ଼ିଶାରେ ଭଲ ଭିତ୍ତିଭୂମି ରହିଛି। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରି ଆଗାମୀ ଦିନରେ ସିଲଭର କିମ୍ବା ଗୋଲ୍ଡ ଲେଭଲ୍ ଆୟୋଜନ ପାଇଁ ଲକ୍ଷ୍ୟ ରଖିଛୁ' ବୋଲି ଓଡ଼ିଶା କ୍ରୀଡ଼ା ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଦବ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଦୁଇଥରର ଅଲିମ୍ପିକ ପଦକ ବିଜେତା ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଟୋକିଓରେ ହେବାକୁ ଥିବା ଆଗାମୀ ୱାର୍ଲ୍ଡ ଚାମ୍ପିଅନସିପ୍ ଲାଗି ୟୁରୋପରେ ପ୍ରସ୍ତୁତି ଚଳାଇଛନ୍ତି। ତେଣୁ ସେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଏହି ଏକଦିବସୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବେ ନାହିଁ। ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଜାତୀୟ ରେକର୍ଡଧାରୀ ଧାବକ ଅନିମେଶ କୁଜୁର, ଶ୍ରାବଣୀ ନନ୍ଦ, ଲାଲୁ ପ୍ରସାଦ ଭୋଇ ପ୍ରମୁଖ ଟ୍ରାକ୍‌କୁ ଓହ୍ଲାଇବେ।

## ରଶିଦଙ୍କ ୬୫୦ ୱିକେଟ୍ କୀର୍ତ୍ତିମାନ



ଲଣ୍ଡନ, ୬।୮ (ଏଜେନ୍ସି): ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ଇତିହାସ ରଚିଛନ୍ତି। ବିଶ୍ୱର ପ୍ରଥମ ବୋଲର ଭାବେ ରଶିଦ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୬୫୦ ୱିକେଟ୍ ନେବାର ସୌଭାଗ୍ୟ ହାସଲ କରିଛନ୍ତି। ଇଂଲଣ୍ଡରେ ଆରମ୍ଭ ହୋଇଥିବା ୧୦୦ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ଦି ହଣ୍ଡ୍ରେଡ୍'ରେ ରଶିଦ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଲଣ୍ଡନ ସ୍ପିରିଟ୍ ସହ ଓଭାଲ୍ ଇନଭିସିବଲ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୨୬ ବର୍ଷୀୟ ରଶିଦ ଓଭାଲ୍ ପକ୍ଷରୁ ଖେଳୁଥିଲେ। ମ୍ୟାଚରେ ରଶିଦଙ୍କ ରିଷ୍ଟ ସ୍ପିନକୁ ବୁଝି ନ ପାରି ଲଣ୍ଡନ ସ୍ପିରିଟ୍‌ର ୩ଜଣ ବ୍ୟାଟର୍ ଆଉଟ୍ ହୋଇଥିଲେ। ରଶିଦ ୨୦ ବଲ୍ ପକାଇ ୧୧ ରନ ବ୍ୟୟରେ ୩ଜଣଙ୍କୁ ଆଉଟ୍ କରିଥିଲେ। ଲିଆମ୍ ଡଓସନଙ୍କୁ ଆଉଟ୍ କରି ସେ ଟି-୨୦ କ୍ୟାରିୟରରେ ୬୫୦ ୱିକେଟ୍ ପୂରଣ କରିଥିଲେ। ରଶିଦ ବର୍ତ୍ତମାନ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୪୮୨ ମ୍ୟାଚ୍ ଖେଳି ୧୬.୯ ଷ୍ଟ୍ରାଇକରେଟ୍‌ରେ ୬୫୧ ୱିକେଟ ନେଇଛନ୍ତି। ସେ ୧୭ଥର ୪ ୱିକେଟ୍ ଓ ୪ଥର ପାଞ୍ଚ ୱିକେଟ୍ ସଫଳତା ପାଇଛନ୍ତି। ଏହି ତାଲିକାରେ ରଶିଦଙ୍କ ପଛକୁ ୱେଷ୍ଟଇଣ୍ଡିଜର ଡ୍ୱେନ ବ୍ରାଭୋ ରହିଛନ୍ତି। ବ୍ରାଭୋ ୫୮୨ ଟି-୨୦ ମ୍ୟାଚ୍ ଖେଳି ୬୩୧ଟି ୱିକେଟ୍ ନେଇଛନ୍ତି। ଭାରତୀୟ ଭାବେ ଯୁଜବେନ୍ଦ୍ର ଚହଲ ୩୨୬ ମ୍ୟାଚରୁ ୩୮୦ ୱିକେଟ୍ ନେଇ ତାଲିକାର ୧୪ତମ ସ୍ଥାନରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ରଶିଦ ଟି-୨୦ କ୍ରିକେଟ୍‌ରେ ଜାତୀୟ ଦଳ ଆଫଗାନିସ୍ତାନ ସମେତ ବିଭିନ୍ନ ଦେଶରେ ଅନୁଷ୍ଠିତ ଲିଗ୍‌ରେ ମଧ୍ୟ ଖେଳିଥାନ୍ତି। ଆଇପିଏଲ୍‌ରେ ସେ ବର୍ତ୍ତମାନ ଗୁଜରାଟ ଟାଇଟନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

**ଓଭରଅଲ୍ ଟି-୨୦ରେ ସର୍ବାଧିକ ୱିକେଟ୍**

| ଖେଳାଳି | ଅବଧି | ମ୍ୟାଚ୍ | ବଲ୍ | ୱିକେଟ୍ |
|---|---|---|---|---|
| ରଶିଦ ଖାନ | ୨୦୧୫-୨୦୨୫ | ୪୮୨ | ୧୧୦୨୨ | ୬୫୧ |
| ଡ୍ୱେନ ବ୍ରାଭୋ | ୨୦୦୬-୨୦୨୪ | ୫୮୨ | ୧୧୧୮୩ | ୬୩୧ |
| ସୁନିଲ ନାରାୟଣ | ୨୦୧୧-୨୦୨୫ | ୫୫୪ | ୧୨୫୬୩ | ୫୮୯ |
| ଇମ୍ରାନ ତାହିର | ୨୦୦୬-୨୦୨୫ | ୪୩୪ | ୯୨୭୩ | ୫୪୭ |
| ଶାକିବ ଅଲ୍ ହାସାନ | ୨୦୦୬-୨୦୨୫ | ୪୫୧ | ୯୪୬୫ | ୪୯୮ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS